


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୩୦ ସେପ୍ଟେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 30 September 2024

Vol.No. 35 ■ No.262 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଆଇପିଏସ ସ୍ତରରେ ବଡ ଧରଣର ଅଦଳ ବଦଳ

## ସୁରେଶ ଦେବଦତ୍ତ ସିଂ ହେଲେ ଟ୍ୱିନସିଟି କମିସନର

ଭୁବନେଶ୍ୱର, ୨୯ ସେପ୍ଟେମ୍ବର - ରାଜ୍ୟ ସରକାର ଆଜି ଆଇପିଏସ ସ୍ତରରେ ବଡ଼ ଧରଣର ଅଦଳ ବଦଳ କରିଛନ୍ତି। କଟକ-ଭୁବନେଶ୍ୱର ପୁଲିସ କମିଶନର ସଞ୍ଜୀବ ପଣ୍ଡାଙ୍କ ସ୍ଥାନାନ୍ତରଣ କରାଯାଇଛି ତାଙ୍କୁ ଏଡିଜି ଟ୍ରେନିଂ ଓ ବିପିଏସପିଏ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ସୁରେଶ ଦେବଦତ୍ତ ସିଂଙ୍କୁ କଟକ-ଭୁବନେଶ୍ୱରର ନୂଆ କମିଶନର ଭାବେ ନିଯୁକ୍ତି ଦିଆଯାଇଛି । ସେହିପରି ଏ.କେ ରାୟଙ୍କୁ ଜେଲ୍ ବିଭାଗ ଡିଜି ଭାବେ ନିଯୁକ୍ତି ଦିଆଯାଇଛି । ଗୁଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କର ମଧ୍ୟ ବଦଳି ହୋଇଛି। ତାଙ୍କୁ ଏଡିଜିପି ଆଧୁନିକୀକରଣ ଦାୟିତ୍ୱ ଦିଆଯାଇଛି। ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ସନ୍ତୋଷ ବାଲା ଙ୍କୁ ସ୍ଥାନାନ୍ତରଣ କରାଯାଇ ଏସସିଆରବି ଓ ଏସଏଫଏସଏଲଖ ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଛି। ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ସ୍ଥାନରେ ଅଁାପି କୋଚେଙ୍କୁ ନୂଆ ଗୁଇନ୍ଦା ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଦିଆଯାଇଛି । ସେହିପରି ଗୃହ ବିଭାଗ ଓଏସଡି ଏସ୍.ଏମ୍ ନରୱାଣେଙ୍କୁ ପ୍ରିଣ୍ଟିଂ, ଷ୍ଟେସନାରୀ ଓ ପବ୍ଲିକେସନ ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଛି। କ୍ରାଇମବ୍ରାଞ୍ଚ ଏଡିଜି ଅରୁଣା ବୋଥ୍ରାଙ୍କର ବଦଳି ହୋଇଛି। ତାଙ୍କ ସ୍ଥାନରେ ବିନୟ ତୋଷ ମିଶ୍ରଙ୍କୁ କ୍ରାଇମବ୍ରାଞ୍ଚ ଏଡିଜି



କରାଯାଇଛି । ରାଧାକୃଷ୍ଣ ଶର୍ମାଙ୍କୁ ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତି ଦିଆଯାଇଛି । ଉମାଶଙ୍କର ଦାଶଙ୍କୁ କମିଶନରେଟ ପୋଲିସରେ ଅତିରିକ୍ତ କମିଶନର ଭାବେ ନିଯୁକ୍ତି ଦିଆଯାଇଛି । ସେହିପରି ଅନେକ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ମାନଙ୍କର ମଧ୍ୟ ସ୍ଥାନାନ୍ତରଣ କରାଯାଇଛି । ଭୁବନେଶ୍ୱର ଡିସିପି ପ୍ରତୀକ ସିଂହଙ୍କ ସହିତ ବହୁ ଜିଲ୍ଲାର ଏସ୍‌ପିଙ୍କର ହୋଇଛି ବଦଳି।ପ୍ରତୀକ ସିଂହଙ୍କୁ କଟକ ଗ୍ରାମାଞ୍ଚଳ ଏସ୍‌ପି କରି ବଦଳି କରାଯାଇଥିବା ବେଳେ ପୁରୀ ଏସ୍‌ପି ପିନାକ ମିଶ୍ରଙ୍କୁ ଭୁବନେଶ୍ୱର ଡିସିପି କରାଯାଇଛି।

# ଅକ୍ଟୋବର ୯ରେ ମିଳିବ ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ 'ସୁଭଦ୍ରା' ଟଙ୍କା

ଭୁବନେଶ୍ୱର, ୨୯/୯ (ନି.ପ୍ର):- ଅକ୍ଟୋବର ୯ରେ ମିଳିବ ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ 'ସୁଭଦ୍ରା' ଟଙ୍କା । ଏନେଇ ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଟଙ୍କା ହିତାଧିକାରୀଙ୍କୁ ଦିଆଯିବ । ବାରିଦାରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କା ପ୍ରଦାନ କରିବେ । ଏଠାରେ ସୂଚନାଯୋଗ୍ୟ, ୧୭ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ । ସେଦିନ ୨୫ ଲକ୍ଷରୁ ଅଧିକ ମହିଳାଙ୍କୁ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ଟଙ୍କା ମିଳିଥିଲା । ଏବେ ଆବେଦନ ୯୨ ଲକ୍ଷ ଟପିଥିବା ବେଳେ ବହୁ ହିତାଧିକାରୀ ପ୍ରଥମ ସୁଭଦ୍ରା କିସ୍ତି ଅପେକ୍ଷାରେ ରହିଛନ୍ତି ।



# ନେପାଳରେ ବନ୍ୟା ବିପ୍ଲବ, ଏବେ ସୁଦ୍ଧା ୧୧୨ଜଣଙ୍କ ମୃତ୍ୟୁ



କାଠମାଣ୍ଡୁ, ୨୯/୯ : ନେପାଳରେ ଗତ ଦୁଇଦିନ ହେବ ଲଗାତର ବର୍ଷା କାରଣରୁ ଏବେ ସୁଦ୍ଧା ୧୧୨ଜଣ ଲୋକଙ୍କ ମୃତ୍ୟୁ ହୋଇଛି । ବନ୍ୟା ଓ ଭୂସ୍ଖଳନ କାରଣରୁ ଶହେରୁ ଅଧିକ ଲୋକ ନିଖୋଜ ହୋଇଯାଇଛନ୍ତି । ରାଜଧାନୀ କାଠମାଣ୍ଡୁ ଓ ଏହାର ଆଖପାଖ ଅଂଚଳରେ ସବୁଠୁ କ୍ଷୟକ୍ଷତି ଦେଖିବାକୁ ମିଳିଛି । କାଠମାଣ୍ଡୁର ଅଧିକାଂଶ ଅଂଚଳ ଜଳମଗ୍ନ ହୋଇଯାଇଛି । ଏଠାରେ ହିଁ ସବୁଠୁ ଅଧିକ ଧନଜୀବନ କ୍ଷୟକ୍ଷତି ଦେଖିବାକୁ ମିଳିଛି । କାଠମାଣ୍ଡୁ ସହ ଏହାର ଆଖପାଖ ଅଂଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ଲଗାଣ ବର୍ଷା କାରଣରୁ କାଠମାଣ୍ଡୁ ସହିତ ସାରା ଦେଶର ବିଭିନ୍ନ ସ୍ଥାନକୁ ବନ୍ଦ କରିଦିଆଯାଇଛି । ବର୍ଷା କାରଣରୁ ବିଦ୍ୟୁତ ଖୁଂଟି ଭୁଶୁଡି ପଡିଛି । ଫଳରେ ବିଜୁଳି ଏବଂ ଇଂଟରନେଟ ସେବା ମଧ୍ୟ ବ୍ୟାହତ ହୋଇଛି ।

## ଫକୀରମୋହନ ସାହିତ୍ୟ ପରିଷଦର ନିର୍ବାଚନ ପ୍ରସଙ୍ଗ:

# ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟିହେବା ପୂର୍ବରୁ ଜିଲ୍ଲା ପ୍ରଶାସନ ଧ୍ୟାନ ଦେବା ଜରୁରୀ

ବାଲେଶ୍ୱର, ୨୯/୯ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦର ବାର୍ଷିକ ସାଧାରଣସଭା ସହ ନୂତନ କର୍ମକର୍ତ୍ତା ଚୟନ ଆସନ୍ତା ଅକ୍ଟୋବର ୨୭ ତାରିଖରେ ଶାନ୍ତିକାନନ ପରିସରରେ ହେବାର ଘୋଷଣା କରାଯିବା ପରେ ୪୨୩ଜଣ ସଦସ୍ୟଙ୍କ ମଧ୍ୟରେ ଉଷ୍ମତା ପ୍ରକାଶ ପାଇଛି। ତେବେ ଅଦାଲତରେ ମାମଲା ଚାଲିଥିବା ସତ୍ତ୍ୱେ ନିର୍ଦ୍ଧାରିତ ସମୟ ପୂର୍ବରୁ ପରିଷଦର ନିର୍ବାଚନ ନେଇ ତତ୍ପରତା ପ୍ରକାଶ ପାଇବାରେ କିଛି ଦୂରଭିସନ୍ଧି ଥାଇପାରେ ବୋଲି ଆଶଙ୍କା କରାଯିବା ଓ ମୂଳ ସମ୍ବିଧାନ ଅନୁସାରେ ନିର୍ବାଚନ ନହେଲେ ନିର୍ବାଚନ ଦିନ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି କୁହାଯାଉଥବା ଦୃଷ୍ଟିରୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । ଚଳିତ ବର୍ଷର ନିର୍ବାଚନ ବେଶ୍ ସଂଘର୍ଷପୂର୍ଣ୍ଣ ହେବାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ବିଶେଷ ଭାବେ ୭୫ବର୍ଷର ଏହି ଅନୁଷ୍ଠାନ ବିଗତ କେତେବର୍ଷ ମଧ୍ୟରେ ନାନା ବାଦ ବିସଂବାଦ ମଧ୍ୟରେ ଗତିକରି ଏବେ ଏକ ମାମଲା କୋର୍ଟରେ ବିଚାରାଧୀନ ରହିଛି। ଏହି ଅନୁଷ୍ଠାନ ୧୯୪୮ ମସିହାରେ ଗଠନ ହୋଇଥିଲେ ମଧ୍ୟ ଏହା ସରକାରୀ ଭାବେ ପଞ୍ଜିକୃତ ହୋଇଥିଲା ୧୯୬୪/୬୫ ସାଲରେ କଟକସ୍ଥିତ ଆଇ.ଜି.ଆର୍‌ଙ୍କ ଠାରେ। ଯାହାର ରେଜିଷ୍ଟ୍ରେସନ୍ ନଂ ୨୪୪୯/୫୧। ଏହି ସମୟରେ ଅନୁଷ୍ଠାନ ପରିଚାଳନାର ନୀତିନିୟମ ସମ୍ବନ୍ଧିତ ଏକ ଲିଖିତ ସମ୍ବିଧାନ ପ୍ରସ୍ତୁତ କରାଯାଇ ଆଇ.ଜି.ଆର୍‌ଙ୍କ ଠାରେ ଦାଖଲ କରାଯାଇଥିଲା, ଯାହାର ସଂଶୋଧନ ଦୀର୍ଘ ୭୫ବର୍ଷ ମଧ୍ୟରେ କରାଯାଇନାହିଁ। ଅଥଚ ୧୯୯୫ ମସିହାରେ ମୁଦ୍ରିତ ହୋଇଥିବା ଏକ ସମ୍ବିଧାନ ଏବେ ଦେଖିବାକୁ ମିଳୁଛି। ଯାହାର ବୈଧତା ନେଇ ପ୍ରଶ୍ନବାଚୀ ଉଠିଛି। ଏତିକିବେଳେ କେତେକ ଗୁରୁତ୍ୱପୂର୍ଣ୍ଣ ଦିଗ ମଧ୍ୟ ସାମ୍ନାକୁ ଆସିଛି। ଏହି ଅନୁଷ୍ଠାନରେ ସଦସ୍ୟତା ଗ୍ରହଣ ପରେ କାହାକୁ ସମ୍ବିଧାନର କପିଟିଏ ଦିଆଯାଏ ନାହିଁ କି ସଦସ୍ୟ ଭାବେ କାହା ପାଖରେ ଏହାର ପରିଚୟ ପତ୍ର ମଧ୍ୟ ନାହିଁ। ପରମ୍ପରା ନାମରେ ବହୁ ସମ୍ବିଧାନ ବର୍ହିଭୂତ କାର୍ଯ୍ୟକୁ ଏଠାରେ କରାଯାଉଛି ବୋଲି ମଧ୍ୟ ଅଭିଯୋଗ ହୋଇଆସୁଛି। ଏଥିନେଇ ବାଲେଶ୍ୱର ସିନିୟର ସିଭିଲଜଜ୍‌ଙ୍କ ଠାରେ କେଶ ନଂ ୪/୨୧-୨୦୨୨ରୁ ମାମଲା ବିଚାରଧୀନ ରହିଥିଲେବେଳେ ପ୍ରତିପକ୍ଷ ସାକ୍ଷୀ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରି ମାତ୍ର ୧୨ଜଣ କର୍ମକର୍ତ୍ତା ଓ କାର୍ଯ୍ୟକାରୀ କମିଟି ସଭ୍ୟ ସାକ୍ଷୀ ଦେଇଥିଲାବେଳେ ସେମାନେ ଟାଇମ ପିଟିସନ୍ ଦେଇ ସମୟ ଗଡ଼ାଇ ଚାଲିଛନ୍ତି ବୋଲି ମଧ୍ୟ ଅଭିଯୋଗ ହେଉଛି। ଏଥିରେ ଆହୁରି ୫ଜଣ ମୁଖ୍ୟ କର୍ମକର୍ତ୍ତା ସାକ୍ଷୀଦେବାକୁ ବାକି ରହିଥିବା ବେଳେ କର୍ମକର୍ତ୍ତା

▶▶ପୃଷ୍ଠା ୭

# ଓଡ଼ିଶା ଦୁର୍ନୀତି ସଂଘର୍ଷ ମଂଚର ୪ର୍ଥ ବାର୍ଷିକ ସମ୍ମିଳନୀ




ବାଲେଶ୍ୱର ୨୯/୯ ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚ ବାଲେଶ୍ୱର ଶାଖାର ୪ର୍ଥ ବାର୍ଷିକ ସମ୍ମିଳନୀ ସଦଭାବନା ସଭା ଗୃହରେ ସଭାପତି ଶ୍ରୀ ଆଶୋକ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରାଜ୍ୟ ସମ୍ପାଦକ ଇଂ ଜଗବନ୍ଧୁ ଷଡ଼ଙ୍ଗୀ ଯୋଗ ଦେଇ ଦୁର୍ନୀତିମୁକ୍ତ ଶାସନ ପାଇଁ ଜନସଚେତନତାହିଁ ମୂଳମନ୍ତ୍ର ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସଂପାଦକ ଶ୍ରୀ ସୃଷ୍ଟିଧର ପରିଡ଼ା ଯୋଗ ଦେଇ ଦୁର୍ନୀତିର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହିତ ସମାଜରେ ଘଟୁଥିବା ବାସ୍ତବ ଚିତ୍ରକୁ ପ୍ରତିପାଦନ କରିଥିଲେ। ରାଜ୍ୟ ଉପାଧ୍ୟକ୍ଷ ଅଜୟ କୁମାର ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସଂଗଠନର ବରିଷ୍ଠ ଉପଦେଷ୍ଟା ଶ୍ରୀ ରାଧାକୃଷ୍ଣ ଆଚାର୍ଯ୍ୟ ମଞ୍ଚ ସଞ୍ଚାଳନ କରିଥିବା ବେଳେ ସଂପାଦକ ମହେଶ୍ୱର ପ୍ରଧାନ ସଂପାଦକୀୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପୂର୍ବତନ କୋଷାଧ୍ୟକ୍ଷ ସ୍ୱର୍ଗତ ଅମୂଲ୍ୟ କୁମାର ମହାନ୍ତିଙ୍କ ବିୟୋଗରେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।ଏହାପରେ କଲ୍ୟାଣୀ ନନ୍ଦ ଓ ସାଥିମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ପରିବେଷଣ କରାଯାଇଥିଲା ଫ ଜ୍ଞାନାନନ୍ଦ ମିଶ୍ର ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ସଂଗଠନର ଜଳେଶ୍ୱର ବ୍ଲକ ସଭାପତି ଚାରୁବାଳା ଜେନା, ରେମୁଣାର ସଭ୍ୟ ସରୋଜ କୁମାର ବେହେରା, ବାରିପଦା ସଭାପତି ବିଭୁତି ଭୁଷଣ ସାଡୁଆଳ, ରାଜ୍ୟ କୋଷାଧ୍ୟକ୍ଷ ଅମିୟ ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲ୍ଲା ଦୁର୍ନୀତି ସଂଘର୍ଷ ମଞ୍ଚର ସାଂଗଠନିକ ସଭାପତି ଜିତେନ୍ଦ୍ର ଘୋଷାଲ, ଉପସଭାପତି ଗୟାଧର କର, ବାସୁଦେବ ରାଉଳ, ନାମ ଦେବ କମିଲା, ଲକ୍ଷ୍ମଣ କୁମାର ପଣ୍ଡା, ମୀନତି ଦାସ, ବାମନ ଚରଣ ଭୋଇ, ରତ୍ନାକର ବେହେରା, ଭରତ ଲାକ୍ରା , ନମ୍ରତା ଦେବୀ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

# ଏଫ୍.ଏମ୍. ବିଶ୍ୱବିଦ୍ୟାଳୟର ସାହିତ୍ୟ ଉତ୍ସବରେ ଯୋଗଦାନର ନିମନ୍ତ୍ରଣରେ ରହୁନାହିଁ ନିରପେକ୍ଷତା

ବାଲେଶ୍ୱର, ୨୯/୯ (ନି.ପ୍ର): ସଂପ୍ରତି ସାହିତ୍ୟର ସହର ଭାବେ ସମଗ୍ର ଓଡିଶାରେ ବାଲେଶ୍ୱରର ନାମ ସର୍ବାଗ୍ରେ ଥିବା ବେଳେ ବାଲେଶ୍ୱରସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ବିଭିନ୍ନ ସମୟରେ ଅନୁଷ୍ଠିତ ହେଉଥିବା ବିଭିନ୍ନ ସାହିତ୍ୟ ସଭାରେ ଯୋଗଦାନ ନିମନ୍ତେ କତିପୟ ଏବଂ ନିର୍ଦ୍ଦିଷ୍ଟ ଗୋଷ୍ଠୀର ସାହିତ୍ୟିକଙ୍କୁ ନିୟମିତ ନିମନ୍ତ୍ରଣ କରାଯାଉଥିବା ବେଳେ ଅନ୍ୟାନ୍ୟ ସାହିତ୍ୟିକମାନଙ୍କୁ ଉପେକ୍ଷା କରାଯିବାକୁ ନେଇ ବିଭିନ୍ନ ସମୟରେ ପ୍ରତିକ୍ରିୟା ପ୍ରକାଶ ପାଉଛି। ଦେଖାଯାଏ ଯେ ଜିଲ୍ଲାର ଏକ ନିର୍ଦ୍ଧିଷ୍ଟ ସାହିତ୍ୟ ଅନୁଷ୍ଠାନକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସେଠାରେ ଅନୁଷ୍ଠିତ ହେଉଥିବା ଉତ୍ସବକୁ ଯିବା ପାଇଁ ବସ୍ ଯୋଗାଇ ଦିଆଯାଇ ନିର୍ଦ୍ଦିଷ୍ଟ କେତେଜଣ ସଦସ୍ୟଙ୍କୁ ବିଶ୍ୱବିଦ୍ୟାଳୟ ପରିସରକୁ ନିଆଯାଇଥାଏ । ଅଥଚ ସହର ସମେତ ଉଭୟ ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ପତ୍ରପତ୍ରିକାର ସଂପାଦକ, ସାହିତ୍ୟ ଅନୁଷ୍ଠାନମାନଙ୍କର କର୍ମକର୍ତ୍ତା ଏବଂ ବିଶିଷ୍ଟ ଲେଖକମାନଙ୍କୁ ଏ ଦିଗରେ ଜାଣିଶୁଣି ଅଣଦେଖା କରାଯାଉଛି । ଏଥିନେଇ ଅସନ୍ତୋଷ କ୍ରମଶଃ ଦାନା ବାନ୍ଧୁଥିଲା ବେଳେ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ତଥା ଏହାର ଆୟୋଜକ ନିଜେ ବାଲେଶ୍ୱର ଜିଲ୍ଲାର ଅଧିବାସୀ ତଥା ଜଣେ ଲେଖକ ହୋଇଥିବା ବେଳେ ତାଙ୍କ ଦ୍ୱାରା ଏପରି ବିଲକ୍ଷଣ ଶୋଭାପାଉନାହିଁ ବୋଲି କୁହାଯାଉଛି । ପୂର୍ବରୁ ଯେଉଁମାନେ ବିଭାଗୀୟ ମୁଖ୍ୟ ରହିଥିଲେ ସେମାନଙ୍କ ସମୟରେ ଏଭଳି ପକ୍ଷପାତିତା ଦୃଶ୍ୟମାନ ହେଉନଥିବା ବେଳେ ବର୍ତ୍ତମାନର ବିଭାଗୀୟ ମୁଖ୍ୟଙ୍କ କାର୍ଯ୍ୟପଳାରେ ନିରପେକ୍ଷତା ରହୁନଥିବା ଅତ୍ୟନ୍ତ ପରିତାପର ବିଷୟ । ଏ ଦିଗରେ ବର୍ତ୍ତମାନର ସମ୍ମାନାସ୍ପଦ କୁଳପତି ଧ୍ୟାନ ନଦେଲେ କ୍ରମଶଃ ଅସନ୍ତୋଷ ଦାନା ଦିନେ ବିସ୍ଫୋରଣ ଅବସ୍ଥାକୁ ଆସିବାରେ ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ ।

# କୁମ୍ଭୀର ଚୋରାଚାଲାଣ ଅଭିଯୋଗରେ ଦୁଇଜଣ ଅଭିଯୁକ୍ତ ମୁମ୍ବାଇ ଏୟାରପୋର୍ଟରେ ଗିରଫ

ମୁମ୍ବାଇ, ୨୯/୦୯ : ମୁମ୍ବାଇ ସୀମା ଶୁଳ୍କ ବିଭାଗ (କଷ୍ଟମ)ଟିମ ମୁମ୍ବାଇ ବିମାନବନ୍ଦରରେ ବ୍ୟାଙ୍କକରୁ ୫ଟି କୁମ୍ଭୀର ଚୋରାଚାଲାଣ ଅଭିଯୋଗରେ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଏହି ଦୁଇଜଣଙ୍କ ଠାରୁ କଷ୍ଟମ ଟିମ ଛାନଭିନ କରୁଛନ୍ତି । କଷ୍ଟମ ବିଭାଗର ଜଣେ ଅଧିକାରୀ ରବିବାର କହିଛନ୍ତି ତାଙ୍କ ଟିମ ମୁମ୍ବାଇ ବିମାନବନ୍ଦରରୁ ବ୍ୟାଙ୍କକରୁ ଆସୁଥିବା ଜଣେ ବ୍ୟକ୍ତିଙ୍କୁ ସନ୍ଦେହ ଆଧାରରେ ଅଟକାଇ ତାଙ୍କ ଲଗେଜ ଖୋଜାଖୋଜି କରିଥିଲେ ଏବଂ ତାଙ୍କ ଟ୍ରଲି ବ୍ୟାଗ ଭିତରେ ସର୍ଜିକାଲ ମାସ୍କ ବାକ୍ସରେ ପାଂଚୋଟି ଛୁଆ କୁମ୍ଭୀର ଦେଖିଥିଲେ। ଅଭିଯୁକ୍ତ ୪୧ ବର୍ଷୀୟ ମୋହମ୍ମଦ ରେହାନ ମଦନୀ ଅଜମେରୀ ବୋଲି ଜଣାପଡିଛି। ଏହି ସମୟରେ ରେହାନଙ୍କୁ କଲ ଆସିଥିଲା। କଷ୍ଟମ ବିଭାଗ ଟିମ ଫୋନ କରିଥିବା ବ୍ୟକ୍ତିଙ୍କୁ ତୁରନ୍ତ ବିମାନ ବନ୍ଦର ବାହାରକୁ ଯାଇ ଧରିଥିଲେ ଏବଂ ତାଙ୍କୁ ପଚରାଉଚରା ପରେ ଗିରଫ କରାଯାଇଥିଲା। ବିମାନ ବନ୍ଦର ବାହାରେ ଯେଉଁ ବ୍ୟକ୍ତି ଛୁଆ କୁମ୍ଭୀରର ଅପେକ୍ଷା କରିଥିଲା ତାଙ୍କ ପରିଚୟ ହମଜା ୟୁସୁଫ ମରୀ (୩୦ ବର୍ଷ)ବୋଲି ଜଣାପଡିଛି। ଏହି ଦୁଇଜଣ ଅଭିଯୁକ୍ତଙ୍କୁ ସୀମା ଶୁଳ୍କ ଅଧିନିୟମ ,୧୯୬୨ର ଧାରା ୧୩୫ ଆକ୍ଟ ନିଷେଧ ଚୋରି ଏବଂ ୧୦୪ ଗିରଫଦାରୀ ଶକ୍ତି ଏବଂ ବନ୍ୟଜୀବ ସଂରକ୍ଷଣ ଅଧିନିୟମ, ୧୯୭୨ ଧାରାରେ ମାମଲାରେ ଅଭିଯୋଗ କରାଯାଇଛି। କଷ୍ଟମର ଟିମ ଏହି ମାମଲାରେ ଅଧିକ ଅନୁସନ୍ଧାନ କରୁଛି।

# ଆଇଇଡି ବିସ୍ଫୋରଣରେ ୫ ଯବାନ ଆହତ

ବିଜାପୁର ୨୯ /୦୯ :- ଜିଲ୍ଲାର ତରେମ ଥାନା ଅନ୍ତର୍ଗତ ଚିନ୍ନାଗୋଲୁର କ୍ୟାମ୍ପରୁ ସିଆରପିଏଫର ଯବାନ ଆଜି ସକାଳେ ଏରିୟା ଡୋମିନେସନ ପାଇଁ ବାହାରିଥିଲେ। ଏହି ସମୟ ମଧ୍ୟରେ କ୍ୟାମ୍ପ ଠାରୁ ପ୍ରାୟ ୩୫୦ମିଟର ଦୂରରେ ନକ୍ସଲଙ୍କ ଦ୍ୱାରା ଲଗାଯାଇଥିବା ଆଇଇଡିକୁ ସିଆରଏଫର ଯବାନମାନେ ଜବତ କରି ନିଷ୍କ୍ରିୟ କରୁଥିଲେ । ଏହି ସମୟରେ ହଠାତ ବିସ୍ଫୋରଣ ହୋଇଥିଲା । ଫଳରେ ଯବାନମାନେ ବିସ୍ଫୋରଣ ସଂସ୍ପର୍ଶରେ ଆସିଥିଲେ । ବିଜାପୁର ଏଏସପି ଚନ୍ଦ୍ରକାନ୍ତ ଗବର୍ଣା ଏନେଇ ସୂଚନା ଦେଇଛନ୍ତି । ଏଥିରେ ୧୫୩ ତମ ବଟାଲିୟନର ଜବାନ ଏସୀ ସାକେତ,ଇନ୍ସପେକ୍ଟର ସଂଜୟ, ସିଟୀ/ଡୀଏଚ ପବନ କଲ୍ୟାମ, ସିଟୀ/ଜୀଡୀ ଲୋଚନ ମୋହତା ଏବଂ

▶▶ପୃଷ୍ଠା ୭



# ଉନ୍ନତମାନର ଜାଆଁଳ ଉତ୍ପାଦନରେ ତାଲିମ କାର୍ଯ୍ୟକ୍ରମ




ଲଙ୍ଗଳେଶ୍ୱର,୨୯/୯( ନିପ୍ର)- କୃଷି ବିଜ୍ଞାନ କେନ୍ଦ୍ର,ବାଲେଶ୍ୱର ଦ୍ୱାରା ସେପ୍ଟେମ୍ବର ୨୩ ରୁ ୨୭ ତାରିଖ ଯାଏଁ ଜାଆଁଳ ଉତ୍ପାଦନ ଉପରେ ତାଲିମ୍ ପ୍ରଦାନ କରାଯାଇଥିଲା ।ଉନ୍ନତମାନର ଜାଆଁଳ ମାଛଚାଷରେ ନିର୍ଣ୍ଣାୟକ ଭୂମିକା ନିଭାଉଥିବାରୁ ଏହାର ଉତ୍ପାଦନ ମାଛଚାଷୀଙ୍କୁ ସ୍ୱାବଲମ୍ବୀ କରାଇଥାଏ । କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ.ସ୍ୱାଗତିକା ସାହୁ ପାଞ୍ଚ ଦିନ ଧରି ଏହି ତାଲିମ ପ୍ରଦାନ କରିଥିଲେ ।କଟିସାହି ଗ୍ରାମରେ ଥିବା ମତ୍ସ୍ୟ ପୋଖରୀରେ ପ୍ରାକ୍ଟିକାଲ୍ ମାଧ୍ୟମରେ ଚାଷୀମାନଙ୍କୁ ଉନ୍ନତ ଜାଆଁଳ ଉତ୍ପାଦନର ଜ୍ଞାନ କୌଶଳ ଶିଖା ଯାଇଥିଲା । ସଦର, ଜଳେଶ୍ୱର, ବସ୍ତା ଏବଂ ବାଲିଆପାଳରୁ ୨୦ଜଣ ଚାଷୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ଅମିତା ପାତ୍ର, ଡ.କମଳାକାନ୍ତ ବେହେରା,ଡ. ପ୍ରଭା ମଞ୍ଜରୀ ଗିରି,ନୀରୋଜ କୁମାର ଜେନା ମାଛଚାଷର ଅନ୍ୟାନ୍ୟ ଦିଗ ଉପରେ ଆଲୋଚନା କରିଥିଲେ । ତାଲିମ୍ର ଶେଷ ଦିନରେ ଆଞ୍ଚଳିକ ଗବେଷଣା କେନ୍ଦ୍ର ଭଦ୍ରଖର ଏଡିଆର ଡ.ଉମା ଶଙ୍କର ନାୟକ,ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲକ୍ଷ୍ମଣ ମୁର୍ମୁ ଅତିଥି ଭାବେ ଯୋଗଦେଇ ବାଲେଶ୍ୱର ଜିଲ୍ଲା ମତ୍ସ୍ୟ ଚାଷର ସଫଳତା ଉପରେ ବକ୍ତବ୍ୟ ରଖିଥିଲେ । ଏବଂ ଚାଷୀମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର କର୍ମଚାରୀ ଲକ୍ଷ୍ମୀକାନ୍ତ ମୁର୍ମୁ,ପ୍ରଭାତ କୁମାର ସ୍ୱାଇଁ, ପ୍ରଦୀପ୍ତ ବିଶ୍ୱାଳ, ଦେବେନ୍ଦ୍ର ନାଥ ଦାସ ପ୍ରମୁଖ କାର୍ଯ୍ୟକ୍ରମ ସଫଳ କରାଇବାରେ ସାହାଯ୍ୟ କରିଥିଲେ।

## ବିପୁଳ ପରିମାଣରେ ମଦ ଜବତ



ଖଇରା୨୯/୯( ନି ପ୍ର ) ବାଲେଶ୍ୱର ଜିଲା ଅବକାରୀ ଅଧିକ୍ଷକ ସୁଶାନ୍ତ ପାଡୀଙ୍କ ନିର୍ଦ୍ଦେଶ କ୍ରମେ ଖଇରା ଅବକାରୀ ବିଭାଗ ପକ୍ଷରୁ ବେଡେଇ ଗ୍ରାମରେ ଚଢାଉ କରାଯାଇ ୩ହଜାର ଲିଟରରୁ ଉର୍ଦ୍ଧ ମଦ ଜବତ କରାଯାଇଥିବା ବେଳେ ୪ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । କୋର୍ଟ ଚାଲାଣ ହୋଇଥିବା ବ୍ୟକ୍ତି ମାନେ ହେଲେ ଉକ୍ତ ବେଡେଇ ଗ୍ରାମର ବିକାଶ ବେହେରା,ଉପେନ୍ଦ୍ର ନାୟକ,ଦିନବନ୍ଧୁ ନାୟକ ଓ ଶାନ୍ତିଲତା ଜେନା । ନିଳଗିରି ଥାନା ଅଧିକାରୀ କେଶବ ଦାସ,ଖଇରା ଅବକାରୀ ସୁରଜ କୁମାର ଟିଗା,ଜିଲା ମୋବାଇଲ ସ୍କ୍ୱାର୍ଡର ଅଧିକାରୀ ଭକ୍ତଚରଣ ସ୍ୱାଇଁ,କର୍ମଚାରୀ ତପନ ମଲ୍ଲିକ ପ୍ରମୁଖ ଉକ୍ତ ଚଡାଉରେ ସାମିଲ ଥିଲେ

# ଲାୟନ୍ସ କ୍ଲବ ଜୋନ ସ୍ତରୀୟ ଡିଜି ଉପଦେଷ୍ଟା କମିଟି ମିଟିଙ୍ଗ ଅନୁଷ୍ଠିତ




ଲଙ୍ଗଳେଶ୍ୱର,୨୯/୯(ନିପ୍ର) : ଲାୟନ୍ସ କ୍ଲବ ବାଲିଆପାଳ ପରିଚାଳନାରେ ବିଶ୍ୱାସ ସଭାଗୃହ ପରିସରରେ ରବିବାର ଲାୟନ୍ସ କ୍ଲବ ଡିଷ୍ଟ୍ରିକ୍ଟ ୩୨୨ସି୫ ଜୋନ୯ ର ପ୍ରଥମ ଡିଜି ଉପଦେଷ୍ଟା କମିଟି ମିଟିଙ୍ଗ ଅନୁଷ୍ଠିତ ହୋଇଯାଇଛି ।ଜୋନ ଚେୟାରପର୍ଶନ ଲାୟନ ଅଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଡିଜି ଉପଦେଷ୍ଟା କମିଟି ମିଟିଙ୍ଗରେ ମୁଖ୍ୟ ଅତିଥି ଭାବେ ଜିଏସଟି ସଂଯୋଜକ ଲାୟନ ସମରେଶ ଦିନ୍ଦା ଯୋଗଦେଇ ଲାୟନ୍ସ କ୍ଲବର ବିଭିନ୍ନ ସାମାଜିକ କାର୍ଯ୍ୟ ଓ ମେମ୍ବର ମାନଙ୍କର ସମାଜସେବା ପ୍ରତି ସମର୍ପଣ ମନୋଭାବ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ ।ମୁଖ୍ୟ ବକ୍ତା ଭାବେ ରିଜନ ଚେୟାରପର୍ଶନ ଲାୟନ ଭୁବନ ମୋହନ ପିଲା ଯୋଗଦେଇ ଏହି ଅବସରରେ ନିଜର ସୁଚିନ୍ତିତ ମତବ୍ୟକ୍ତ ପ୍ରଦାନ କରିଥିଲେ ।ଲାୟନ୍ସ କ୍ଲବର ବରିଷ୍ଠ ସଦସ୍ୟ ଲାୟନ ଝାଡେଶ୍ୱର ପ୍ରଧାନ,ଲାୟନ୍ସ କ୍ଲବ ବସ୍ତା ସମ୍ପାଦକ କିଶୋର କୁମାର ସାହୁ,ଲାୟନ୍ସ କ୍ଲବ ଜଳେଶ୍ୱରର ଲାୟନ ପ୍ରଶାନ୍ତ ପ୍ରଧାନ, ଲାୟନ୍ସ କ୍ଲବ ବାଲିଆପାଳର ଲାୟନ ଡାଃ ଗୟାରାମ ଗଙ୍ଗାଇ,ଲାୟନ ଗୋପାଳ ଚନ୍ଦ୍ର ଜେନା,ଲାୟନ ସୁନୀଲ କୁମାର ସି ପ୍ରମୁଖ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରର ଲାୟନ୍ସ କ୍ଲବ ବାଲିଆପାଳର ସମ୍ପାଦକ ଲାୟନ ତାରାକାନ୍ତ ଜେନା ନିଜର ବକ୍ତବ୍ୟ ସହିତ ଧନ୍ୟବାଦ ଅର୍ପଣ କରିଥିଲେ

# କଳା ଓ ସଂସ୍କୃତିର ବିକାଶ ପାଇଁ ଏକ ଅଭିନବ ପ୍ରୟାସ ହେଉଛି ମୟୂରଭଞ୍ଜ ମହୋତ୍ସବ



ମୟୁରଭଞ୍ଜ,୨୯/୯(ନିପ୍ର) ମୟୁରଭଞ୍ଜ ଜିଲ୍ଲାର କଳା ଓ ସଂସ୍କୃତିର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଆଉ ସେହି କଳା ଓ ସଂସ୍କୃତିର ବିକାଶ ପାଇଁ ଏକ ଅଭିନବ ପ୍ରୟାସ ହେଉଛି ମୟୁରଭଞ୍ଜ ମହୋତ୍ସବ । ୭ମ ବର୍ଷରେ ପଦାର୍ପଣ କରିଛି ମୟୁରଭଞ୍ଜ ମହୋତ୍ସବ । ଆସନ୍ତା ଡିସେମ୍ବର ୦୧ ତାରିଖରୁ ଆରମ୍ଭ ହୋଇ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ ଏହି ମହୋତ୍ସବ । ରବିବାର ବାରିପଦା ସ୍ୱସ୍ତିକ ମଣ୍ଡପ ଠାରେ ମୟୁରଭଞ୍ଜ ମହୋତ୍ସବ ଆୟୋଜକ କମିଟି ସଭାପତି ଅସିତ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୭ମ ମୟୂରଭଞ୍ଜ ମହୋତ୍ସବର ଦ୍ୱିତୀୟ ବୈଠକରେ ଏହି ଘୋଷଣା କରାଯାଇଛି । ପ୍ରଥମ ଦିନରେ ପ୍ରତିବର୍ଷ ଭଳି ଜିଲ୍ଲାର ବିଭିନ୍ନ କଳାକାର ମାନଙ୍କୁ ନେଇ ପାରମ୍ପାରିକ ନୃତ୍ୟ ଗୀତରେ ତାଳେତାଳେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ଠାରୁ ଛଉ ପଡିଆ ପର୍ଯ୍ୟନ୍ତ ଆୟୋଜିତ ହେବ କାରନିଭାଲ ସୋ । ଡିସେମ୍ବର ୦୨ ତାରିଖରୁ ଆସନ୍ତା ୧୦ ଦିନ ଧରି ବାରିପଦାର ଐତିହାସିକ ଛଉ ପଡିଆରେ ଅନୁଷ୍ଠିତ ହେବ ଏହି ମହୋତ୍ସବ । ପ୍ରତିଦିନ ସନ୍ଧ୍ୟାରେ ଅନୁଷ୍ଠିତ ହେବ ସାଂସ୍କୃତିକ କାର୍ଯ୍ୟକ୍ରମ । ସିନେ ଜଗତର ବହୁ ନାମୀଦାମୀ କଳାକାର ମାନଙ୍କୁ ନେଇ ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ବଲିଉଡ୍ ସୁନାମ ଧନ୍ୟ ଗାୟିକା କବିତା କୃଷ୍ଣମୂର୍ତ୍ତି ଶେଷ ଦିନରେ ଧମକା ମଚାଇବେ ବୋଲି ଆୟୋଜକ କମିଟି ସୂଚନା ଦେଇଛନ୍ତି । ଆଦିବାସୀ ବହୁଳ ଜିଲ୍ଲାର ଆଦିବାସୀ ପରମ୍ପରାକୁ ଅବା ଭୁଲିବ କିଭଳି ଏହି ମୟୂରଭଞ୍ଜ ମହୋତ୍ସବ । ଏଥିପାଇଁ ଚଳିତ ବର୍ଷ ମଧ ୩ ଦିନ ସ୍ୱତନ୍ତ୍ର ଆଦିବାସୀ କାର୍ଯ୍ୟକ୍ରମ କାରିବାକୁ ନିଷ୍ପ ନିଆଯାଇଛି । ୩ ଦିନ ଓଡ଼ିଆ କାର୍ଯ୍ୟକ୍ରମ ସାଙ୍ଗକୁ ୨ ଦିନ କୁଡୁମାଲି କାର୍ଯ୍ୟକ୍ରମ ମଧ କରିବାକୁ ନିଷ୍ପତ୍ତି ହୋଇଛି । ଶେଷରେ ଦୁଇ ଦିନ ବଲିଉଡ ଷ୍ଟାରଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା ସୂଚନା ଦେଇଛନ୍ତି। ଚଳିତ ବର୍ଷ ମୟୁରଭଞ୍ଜ ଜିଲ୍ଲାର କଳା ଓ ସଂସ୍କୃତି ସହ ଅନ୍ୟ ଜିଲ୍ଲା ମାନଙ୍କର କଳାର ଆଦାନ ପ୍ରଦାନର ବ୍ୟବସ୍ଥା କରାଯାଇଛି । ଏହି ମହୋତ୍ସବରେ ମୟୁରଭଞ୍ଜ ଜିଲ୍ଲାର ହସ୍ତଶିଳ୍ପରୁ ଆରମ୍ଭ କରି କୁଟୀର ଶିଳ୍ପ,ଖେଳନାରୁ ଆରମ୍ଭ କରି ପୋଷାକ ଆଉ ତା ସହ ଘରକରଣା ସାମଗ୍ରୀ ଏବଂ ପାରମ୍ପାରିକ ଖାଦ୍ୟ ମୁଢି ମାଂସ ସହ ଅନ୍ୟାନ୍ୟ ଖାଦ୍ୟର ମଧ ମଜା ଉଠାଇ ପାରିବେ ଦର୍ଶକ । ୨୦୦ ରୁ ଉର୍ଦ୍ଧ୍ୱ ଷ୍ଟଲ ଖୋଲିବ ଏହି ମହୋତ୍ସବରେ । ପ୍ରତିଦିନ ସନ୍ଧ୍ୟା ୫ ଟାରୁ ରାତ୍ର ୧୦ ଟା ପର୍ଯ୍ୟନ୍ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଅଛି । ଯୁବପିଢୀଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ ସେଲ୍ଫି ଜୋନର ବ୍ୟବସ୍ଥା କରାଯିବ ମହୋତ୍ସବରେ । ଗତ ବର୍ଷ ଭଳି ଚଳିତ ବର୍ଷ ମଧ ମୟୁରଭଞ୍ଜ ଜିଲ୍ଲାର ପୁରୁଣା ସ୍ମୃତିକୁ ସାଉଁଟି ସେଲଫି ଜୋନ ପ୍ରସ୍ତୁତ କରିବାକୁ ପ୍ରସ୍ତୁତ ହେଉଛି ଆୟୋଜକ କମିଟି । ଏହି ଜିଲ୍ଲା ସ୍ତରୀୟ ବୈଠକ ପରେ ପୂଜା ଛୁଟି ସରିବା ପରେ ବାମନଘାଟି, କପ୍ତିପଦା ଓ ପଞ୍ଚପିଢ଼ ଉପଖଣ୍ଡ ରେ ଉପଖଣ୍ଡ ସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ପ୍ରଥମ ଥର ଭାବେ ମହୋତ୍ସବ କମିଟି ପକ୍ଷରୁ ବାରିପଦା ଷ୍ଟାଡିଅମ ଠାରେ ଆକର୍ଷଣୀୟ ପୁରସ୍କାର ରାଶୀ ସହ ଜିଲ୍ଲା ସ୍ତରୀୟ ଫୁଟବଲ ଓ ଲାଖବିନ୍ଧା ପ୍ରତିଯୋଗିତା ଅନୁଷ୍ଠିତ ହେବ ତାସହିତ ମୟୁରଭଞ୍ଜ ର ପର୍ଯ୍ୟଟନ ସ୍ଥଳୀ, ହସ୍ତତନ୍ତ୍ର କାର୍ଯ୍ୟ ଓ ଅନ୍ୟାନ୍ୟ ମୟୁରଭଞ୍ଜ ଝଲକ ଥିବା ବିଷୟ ବସ୍ତୁ କୁ ନେଇ ଜରରକ୍ଷଣ୍ଣ ପ୍ରତିଯୋଗୀତା ମଧ୍ୟ ଏବଂ ଏହିସକାଶେ ପୁରସ୍କାର ରାଶୀ ମଧ ରହିଅଛି ।ତାସହିତ ଚଳିତ ବର୍ଷ ରୁ ମହୋତ୍ସବ କମିଟି ପକ୍ଷରୁ ନୂତନ ଭାବେ ବାର୍ଷିକ ସ୍ମରଣିକା ଉନ୍ମୋଚନ ହେବ ବୋଲି ସ୍ମରଣିକା କମିଟି ମୁଖ୍ୟ ତଥା ଆଇନଜୀବି ବିଭୂପ୍ରସାଦ ଦାସ ସୂଚନା ପ୍ରଦାନ କରିଛନ୍ତି । ଆଜିର ପ୍ରସ୍ତୁତି ବୈଠକ ରେ ସମଗ୍ର ଜିଲ୍ଲାର ଚାରି ଗୋଟି ଉପଖଣ୍ଡ ରୁ ୨୦୦ ରୁ ଅଧିକ ବରିଷ୍ଠ ପୁରୁଷ ଓ ମହିଳା ମେମ୍ବର ମାନେ ଯୋଗଦାନ କରିବା ସହିତ ବିଭିନ୍ନ ଦଳର ବହୁ ରାଜନେତା ମାନେ ମଧ ଯୋଗଦାନ କରିଥିଲେ ।

**ବିଦ୍ୟାଭାରତୀ ପୁସ୍ତକ ଉତ୍ସବ:୨୦୨୪'ର ୬ଷ୍ଠ ସନ୍ଧ୍ୟା**

# ବହିକୁ ଭୁଲି ଇଣ୍ଟରନେଟ୍ ମାୟାରେ ପଡ଼ିବା ଘୋର ଅପସଂସ୍କୃତି : ଲେଖାଶ୍ରୀ



ବାଲେଶ୍ୱର,୨୯/୯: ବହି ମଣିଷକୁ ଓ ସମାଜକୁ ସଂସ୍କୃତ କରାଏ, ବହି ମଣିଷକୁ ସମୃଦ୍ଧ ବି କରାଏ । ବହି ଠାରୁ ବଡ଼ ବନ୍ଧୁ କେହି ନାହିଁ । କିନ୍ତୁ ବହିକୁ ଛାଡି ମଣିଷ ଇଣ୍ଟରନେଟର ମାୟାରେ ପଡ଼ିଛି । ଏହା ହିଁ ଏ ସମୟର ସବୁଠୁ ବଡ଼ ବିଡ଼ମ୍ବନା ଏବଂ ଅପସଂସ୍କୃତିର ପରିଚାୟକ ବୋଲି 'ବହିଘର-ବିଦ୍ୟାଭାରତୀ'ଆୟୋଜିତ 'ବିଦ୍ୟାଭାରତୀ ପୁସ୍ତକ ସପ୍ତାହ:୨୦୨୪'ର ୬ଷ୍ଠ ସାରସ୍ୱତ ସନ୍ଧ୍ୟାର ମୁଖ୍ୟ ଅତିଥି ଡକ୍ଟର ଲେଖାଶ୍ରୀ ସାମନ୍ତସିଂହାର ତାଙ୍କ ବକ୍ତବ୍ୟରେ କହିଥିଲେ । ଆଜିମାବାଦସ୍ଥିତ ବହିଘର ଲାଇବ୍ରେରୀର ସଭାଗୃହରେ ୨୯ ତାରିଖ ସନ୍ଧ୍ୟାରେ ବିଦ୍ୟାଭାରତୀର ନିର୍ଦ୍ଦେଶକ ଅଭୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କବିତା ସନ୍ଧ୍ୟାରେ ମୁଖ୍ୟବକ୍ତା ଭାବରେ କବି ବିଜୟ ଦାସ ଅଧିକାରୀ, ସମ୍ମାନିତ ଅତିଥି ଭାବରେ ସମାଜସେବୀ ସୁଦର୍ଶନ ଜେନା, ସମୟର ଚକ୍ରର ସଂପାଦକ ସର୍ବେଶ୍ୱର ଜେନା, ବ୍ୟଙ୍ଗକବି ବିଶୁ ବାଦଶାହା, ଅଧ୍ୟାପକ ଦିଲ୍ଲୀପ ପଣ୍ଡା, ଦେବାଶିଷ ପଣ୍ଡା ପ୍ରମୁଖ ଯୋଗ ଦେଇ ପୁସ୍ତକର ଆବଶ୍ୟକତା ସଂପର୍କରେ ଆଲୋଚନା କରିଥିଲେ । କବି ଯାଦବେଶ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ବହିଘରର ନିର୍ଦ୍ଦେଶିକା ଧନବାଦ ଅର୍ପଣ କରିଥିଲେ ।କବିତା ପାଠକୁ ସଂଯୋଜନା କରିଥିଲେ କବି ଗଗନ ସେଠୀ । ଆରମ୍ଭରେ ଶିଶୁଶିଳ୍ପୀ ସୁହାନି ସାଇ ଜେନା ସ୍ୱାଗତ ସଂଗୀତ ଗାଇଥିଲେ । ବ୍ରଜକିଶୋର ପ୍ରଧାନ, ପ୍ରବୀର କମିଳା, କୃଷ୍ଣା ପ୍ରଧାନ, ସୁବ୍ରତା ମହାନ୍ତି, ତୃପ୍ତି ପାତ୍ର, ପଦ୍ମଲୋଚନ ପ୍ରଧାନ, ଆଲୋକ ମହାନ୍ତି, ଅଜିମ୍ ବାଲେଶ୍ୱରୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଦେବାଶିଷ ପଣ୍ଡା ପ୍ରମୁଖ କବିତା ପାଠ କରିଥିଲେ ।

# ଅବ୍ୟକ୍ତ ହେଲେ ଉତ୍କଳ ସାମ୍ବାଦିକ ସଂଘ ନୂତନ ଜିଲା ସଭାପତି

ଖୋର୍ଦ୍ଧା,୨୯/୯( ନିପ୍ର) ଉତ୍କଳ ସାମ୍ବାଦିକ ସଂଘ (ୟୁଜେଏ) ଜିଲ୍ଲା ସ୍ତରୀୟ ବନ୍ଧୁମିଳନ କାର୍ଯ୍ୟକ୍ରମ ବୋଲଗଡ ବ୍ଲକ କୋଷଳାଗୁଣୀ ମନ୍ଦିର ପରିସର ରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଉପ ସଭାପତି ପ୍ରଦୀପ ପ୍ରଧାନ ଙ୍କ ସଭାପତିତ୍ୱ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ କୋଷାଧ୍ୟକ୍ଷ ରାଜେନ ଚୌଧୁରୀ, ଭୁବନେଶ୍ୱର ସଭାପତି ପ୍ରତାପ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟ ନାରାୟଣ ପାଇକରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ସମ୍ପାଦକ ଅଜିତ ସାହୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ସାଙ୍ଗଠନିକ ସମ୍ପର୍କ ରେ କହିଥିଲେ। ନୂତନ ସଦସ୍ୟତା, ବ୍ଲକ ସ୍ତରରେ ସଂଘ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ କହିଥିଲେ। ଖାଲି ପଡିଥିବା ଜିଲା ସଭାପତି ମନୋନୀତ ନେଇ ଆଲୋଚନା ହୋଇଥିଲା। ସର୍ବ ସମ୍ମତି କ୍ରମେ ବରିଷ୍ଠ ସାମ୍ବାଦିକ ତଥା ଆଇନଜୀବୀ ଅବ୍ୟକ୍ତ ହରିହର ଖାଡ଼ଙ୍ଗାଙ୍କୁ ନୂତନ ସଭାପତି ଘୋଷଣା କରାଯାଇଛି।

# ଅଲ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କରସ ଆସୋସିଏସନ ପକ୍ଷରୁ ସମ୍ମିଳନୀ




ନୀଳଗିରି-,୨୯/୯( ନିପ୍ର) ନୀଳଗିରି ଏନଏସି କଲ୍ୟାଣ ମଣ୍ଡପ ଠାରେ ଅଲ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କରସ ଆସୋସିଏସନ ନୀଳଗିରି ଶାଖା ତରଫରୁ କର୍ମୀ ଓ ସହାୟିକା ସମ୍ମିଳନୀ ତଥା ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି ।ମୁଖ୍ୟଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଓ ମୁଖ୍ୟବକ୍ତା ଭାବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଉପସ୍ଥିତ ରହିଥିଲେ ।୪୦୦ ଅଙ୍ଗନବାଡି କର୍ମୀ ଓ ସହାୟକଙ୍କ ଗହଣରେ ସାଂସଦ ଓ ବିଧାୟକ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୧୪ତମ ମନ କି ବାତ କାର୍ଯ୍ୟକ୍ରମ ଦେଖିଥିଲେ ।ଅଲଓଡିଶା ଅଙ୍ଗନୱାଡି ସଂଘର ନୀଳଗିରି ଶାଖା ଉପଦେଷ୍ଟା ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଓ ସାମ୍ବାଦିକ ବ୍ରଜକିଶୋର ପାଣି,ଜିଲ୍ଲା ଭାରତୀୟ ମଜଦୂର ସଂଘର ସମ୍ପାଦକ ଅରୁପ କୁମାର ନାୟକ,ଜିଲ୍ଲା ସମ୍ପାଦିକା ସଙ୍ଗିତା ରାଓ,ସଙ୍ଘର ସଭାପତି ସୌଭାଗ୍ୟବତୀ ରାୟ, ସମ୍ପାଦିକା ରିନାରାଣୀ ଜେନା,ଟ୍ରେଜରର ପ୍ରାଚୀପ୍ରଭା ଦାସ ଓ ଅନ୍ୟ ସଦସ୍ୟା ମାନେ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ ।ଅଙ୍ଗନବାଡି କର୍ମୀମାନେ ସରକାରଙ୍କ ବିଭିନ୍ନ ଯୋଜନାର ସଠିକ ରୂପାୟନ କରିବା ପାଇଁ ଦିନରାତି ଖଟୁଥିବା ବେଳେ ତାଙ୍କର ଦରମା ବୃଦ୍ଧି ପାଇଁ ଦାବି କରାଯାଇଥିଲା ।ଶେଷରେ ସାଂସଦ ଓ ବିଧାୟକ ଙ୍କୁ ସଙ୍ଘ ତରଫରୁ ସମ୍ବର୍ଦ୍ଧିତ କରାଯାଇ ଥିଲା ।କାଂଶ ଅଞ୍ଚଳର ଦିବ୍ୟାଙ୍ଗ ଅଙ୍ଗନୱାଡି କର୍ମୀଙ୍କୁ ମଧ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇସିଡିଏସ ସେକ୍ଟର ଲିଡର ମୋନାଲିସା ପାତ୍ର, ସରସ୍ୱତୀ ପାଣ୍ଡିଆ, କଳ୍ପନା ବେହେରା, ଗୀତାଞ୍ଜଳି ମୁଖୀ, ସୁଜାତା ସରେନ, ମନୋରମା ମାଝୀ, ତିଳୋତ୍ତମା ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ସାଇନ୍ସ ଫରୋମ୍ 'ଆହ୍ୱାନ' ଆନୁକୂଲ୍ୟରେ ବୈଜ୍ଞାନିକ ମେଧା ଅନ୍ୱେଷା ଡ୍ରାଇଭ୍ -୨୦୨୪



ମୟୂରଭଞ୍ଜ,୨୯/୯( ନିପ୍ର) ସାଇନ୍ସ ଫରୋମ୍ ଆନୁକୂଲ୍ୟରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ କଲେଜ ସ୍ତରୀୟ ବିଜ୍ଞାନ ପ୍ରକଳ୍ପଗୁଡିକର ଏକ ଆନ୍ତଃଜିଲ୍ଲା ପ୍ରଦର୍ଶନୀ 'ବୈଜ୍ଞାନିକ ମେଧା ଅନ୍ୱେଷା ଡ୍ରାଇଭ୍ -୨୦୨୪' ବାରିପଦା କଲେଜ୍, ବାରିପଦା ଠାରେ ତା:୨୮.୯.୨୦୨୪ ଅନୁଷ୍ଠିତ ହୋଇ ଯାଇଛି। ବିଜ୍ଞାନ ଭିତ୍ତିକ ଏହି ଶୈକ୍ଷିକ କାର୍ଯ୍ୟକ୍ରମରେ ମୟୂରଭଞ୍ଜ, ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାର ଯଥା ମୟୂରଭଞ୍ଜସ୍ଥିତ ଏମ୍.ପି .ସି .ସ୍ୱୟଂଶାସିତ ମହାବିଦ୍ୟାଳୟ, ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟ, ବାରିପଦା ଡିଗ୍ରୀ କଲେଜ୍ , ହାୟର୍ ସେକେଣ୍ଡାରୀ ସ୍କୁଲ , ବାରିପଦା, ଶ୍ରୀମା ମହିଳା ମହାବିଦ୍ୟାଳୟ , ବି.ବି. କଲେଜ୍ ବାଇଗଣବାଡିଆ, ସୀମାନ୍ତ ମହାବିଦ୍ୟାଳୟ ଝାଡପୋଖରୀଆ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରାଣୀଭୋଳ, କେ.ସି.ପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରଘୁନାଥପୁର, ଅରୁଣୋଦୟ ହାୟର୍ ସେକେଣ୍ଡାରୀ ସ୍କୁଲ ଦାମୋଦରପୁର, ସାଇ ଆଦର୍ଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାରିପଦା, ଦିଗନ୍ତ ବିକାଶ ହାୟର ସେକେଣ୍ଡାରୀ ସ୍କୁଲ, ବାରିପଦା ଏବଂ ବାଲେଶ୍ୱର ଜିଲାର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, କୁନ୍ତଳା କୁମାରୀ ମହିଳା ମହାବିଦ୍ୟାଳୟ, ଉପେନ୍ଦ୍ର ନାଥ କଲେଜ ସୋର, ଡି.ଏ.ଭି .ପବ୍ଲିକସ୍କୁଲ ବାଲେଶ୍ୱର ତଥା କେନ୍ଦୁଝର ଜିଲ୍ଲାରୁ ଆସିଥିବା କେଉଁଝର ସରକାରୀ ମହିଳା ମହାବିଦ୍ୟାଳୟ, ଧରଣୀଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆଦି ଊଣେଇଶଟି ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ପ୍ରଦର୍ଶନୀରେ ଭାଗ ନେଇଥିଲେ। ରାଷ୍ଟ୍ରହିତ ଓ ମାନବ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ଉଚ୍ଚ ମାଧ୍ୟମିକ ଏବଂ ସ୍ନାତକ ବିଜ୍ଞାନ ଶ୍ରେଣୀରେ ଅଧ୍ୟୟନରତ ଶିକ୍ଷାର୍ଥୀଙ୍କ ପ୍ରସ୍ତୁତ ମୋଟ ୩୩ (ତେତ୍ରିଶ)ଗୋଟି ପ୍ରକଳ୍ପ କାର୍ଯ୍ୟକ୍ରମରେ ପ୍ରଦର୍ଶିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ବୈଜ୍ଞାନିକ ପ୍ରକଳ୍ପଗୁଡିକ ଜୁନିୟର୍ ଏବଂ ସିନିଅର୍ ଦୁଇବର୍ଗରେ ବିଭାଗିତ କରାଯାଇ ପ୍ରଦର୍ଶନୀରେ ମୁଖ୍ୟ ଅତିଥି, ଦୁଇ ସମ୍ମାନିତ ଅତିଥି ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ପ୍ରଫେସର ସୁସ୍ମିତା କର, ବାୟୋଟେକ୍ନୋଲୋଜି ବିଭାଗୀୟ ମୁଖ୍ୟ ପ୍ରଫେସର ବିଶ୍ୱଜିତ ରଥ ଓ ସୀମାନ୍ତ ଇଂଜିନିୟରିଂ କଲେଜର ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ମନୋଜ କୁମାର ଦାଶ ପ୍ରମୁଖଙ୍କ ଯାଞ୍ଚପରୀକ୍ଷା ଏବଂ ପ୍ରକଳ୍ପ ପ୍ରସ୍ତୁତକାରୀ ଛାତ୍ରବୈଜ୍ଞାନିକଙ୍କ ସଙ୍ଗେ ପ୍ରଶ୍ନୋତ୍ତର ପୂର୍ବକ ମୂଲ୍ୟାୟନ ହୋଇଥିଲା। ବିଜ୍ଞବିଚାରକ ମଣ୍ଡଳୀ କନିଷ୍ଠ ବା ଜୁନିୟର୍ ବର୍ଗରେ ଉପେନ୍ଦ୍ର ନାଥ କଲେଜ ସୋର, ଦିଗନ୍ତ ବିକାଶ ହାୟର୍ ସେକେଣ୍ଡାରୀ ସ୍କୁଲ ବାରିପଦା ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରାଣୀଭୋଳର ବୈଜ୍ଞାନିକ ପ୍ରକଳ୍ପ ଯଥାକ୍ରମେ ଶ୍ରେଷ୍ଠ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ରୂପେ ବିବେଚିତ ହୋଇଥିବା ବେଳେ ସିନିଅର ବା ବରିଷ୍ଠ ବର୍ଗରେ କୁନ୍ତଳା କୁମାରୀ ମହିଳା ମହାବିଦ୍ୟାଳୟ ବାଲେଶ୍ୱର, ସରକାରୀ ମହିଳା ମହାବିଦ୍ୟାଳୟ ବାରିପଦା ଓ କୁନ୍ତଳା କୁମାରୀ ମହିଳା ମହାବିଦ୍ୟାଳୟ ବାଲେଶ୍ୱର ସେହିପରି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନଲାଭ କରିଥିଲେ। ପ୍ରଦର୍ଶନୀରେ ବିଜେତା ହୋଇଥିବା ହାୟର୍ ସେକେଣ୍ଡାରୀ ସ୍କୁଲ ଓ ଡିଗ୍ରୀ କଲଜର କୃତି ଛାତ୍ରଛାତ୍ରୀଙ୍କୁ ସମାରୋହରେ ପ୍ରମାଣପତ୍ର ଓ 'ଆଚିଭମେଣ୍ଟ୍ ଟ୍ରଫି' ପ୍ରଦାନ କରିବା ସହିତ ପ୍ରଦର୍ଶନୀର ଅଂଶଗ୍ରହଣକାରୀ ସମସ୍ତ ଦଳକୁ ମଧ୍ୟ ତଦୃପ ପ୍ରମାଣପତ୍ର ଏବଂ 'ଇନସ୍ପାୟାରିଂ ଥଟ୍' ନାମିତ ଟ୍ରଫିଦେଇ ଉତ୍ସାହିତ କରାଯାଇଥିଲା। ଏତଦବ୍ୟତୀତ, ପ୍ରଦର୍ଶନୀରେ ପ୍ରଥମକରି ସୁଦୂର କେନ୍ଦୁଝର ଜିଲ୍ଲାର ସରକାରୀ ମହିଳା ମହାବିଦ୍ୟାଳୟ କେଉଁଝର ଏବଂ ଡି.ଡ଼ି. ହାୟରସେକେଣ୍ଡରୀ ସ୍କୁଲରୁ ତଥା ବାଲେଶ୍ୱର ଜିଲାର ଉପେନ୍ଦ୍ର ନାଥ ମହାବିଦ୍ୟାଳୟ ସୋରରୁ ଆସି ପ୍ରଦର୍ଶନୀରେ ଯୋଗଦେଇଥିବା ଛାତ୍ରଛାତ୍ରୀଙ୍କୁ ବି ଅନୁଷ୍ଠାନ 'ଡୁବିଟେଣ୍ଟ୍' ଟ୍ରଫି' ଦେଇ ପ୍ରଶଂସିତ କରିଥିଲେ। ପୁରସ୍କାର ବିତରଣ ଭବ୍ୟ ସମାରୋହରେ କାର୍ଯ୍ୟକ୍ରମ ସଂଯୋଜକ ଡ. ଅଜିତ କୁମାର ସାହୁଙ୍କ ମଞ୍ଚଆମନ୍ତ୍ରଣ କ୍ରମେ ସଭାପତି ପଦ୍ମନାଭ ସାହୁଙ୍କ ପୌରହିତ୍ୟରେ ମୁଖ୍ୟଅତିଥି ଓ ବରେଣ୍ୟ ସମ୍ମାନିତ ଅତିଥିଗଣ ତଥା ବିଶେଷ ଅତିଥି ଡ଼.ପ୍ରବୋଧ କୁମାର ଦେ, ଅଧ୍ୟକ୍ଷ ବାରିପଦା ଡିଗ୍ରୀ କଲେଜ ଓ ରାଜେଶ କୁମାର ଷଡଙ୍ଗୀ, ଅଧ୍ୟକ୍ଷ ବାରିପଦା ହାୟରସେକେଣ୍ଡରୀ ସ୍କୁଲ୍ , ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଆୟୋଜକ 'ଆହ୍ୱାନ'ର ଆବାହକ ସତ୍ୟଦୀପ ନାୟକ ସଭାରେ ବାର୍ଷିକ ବିବରଣୀ ପାଠ କରିଥିଲେ। ମଞ୍ଚ ପରିଚାଳନା, ଅତିଥିଙ୍କୁ ପୁଷ୍ପଗୁଚ୍ଛ, ବେଜ୍ ଏବଂ ଉତ୍ତରୀୟରେ ସମ୍ମାନିତ, ଛାତ୍ରଛାତ୍ରୀ ଓ ଅଧ୍ୟାପକ ମାର୍ଗଦର୍ଶକ/ମାର୍ଗଦର୍ଶିକା ଆଦିଙ୍କୁ ପ୍ରମାଣପତ୍ର ଟ୍ରଫି ଆଦି ପ୍ରଦାନରେ ସହାୟତା କରିଥିଲେ ବରିଷ୍ଠ ସଦସ୍ୟ ଅଜିତ କୁମାର କବାଟ, ଚରକ ପଟ୍ଟନାୟକ, ପ୍ରାକ୍ତନ କଲେଜ ଅଧକ୍ଷ/ଅଧକ୍ଷା ସର୍ବଶ୍ରୀ ଶ୍ରୀମତୀ ସୁଶାନ୍ତି ପ୍ରଧାନ, ସ୍ନିତା ଦାସ, ଅଟଳ କୁମାର ମହାନ୍ତ, ସଞ୍ଜିତ କୁମାର ଦାସ, ସଂଯୁକ୍ତା ସୁର, ମେଘମାଳା ବେହେରା, ମାନସ ରଞ୍ଜନ ଶୁକ୍ଲା, କମଳ ଖଣ୍ଡେଲୱାଲ୍, ମୁରଲୀ ମନୋହର ପାରୁଆ, ସୋମଦତ୍ତ ପାଢୀ ଓ ଡ.ସଞ୍ଜୀବ କୁମାର ପାଣିଗ୍ରାହୀ ପ୍ରମୁଖ। ପ୍ରଦର୍ଶନୀସ୍ଥଳ ବାରିପଦା କଲେଜର ଅଧ୍ୟୟନରତ ଓ ପୁରାତନ ଛାତ୍ରଛାତ୍ରୀ ମଧ ସମାବେଶର ସଫଳତାରେ ବିପୁଳ ସହଯୋଗ ବାଢ଼ିଥିଲେ। ଧନ୍ୟବାଦ ଜ୍ଞାପନ କରିଥିଲେ କାର୍ଯ୍ୟକାରୀ ସଭାପତି ଡ଼. ପ୍ରକାଶ ଚନ୍ଦ୍ର ମହାପାତ୍ର।

# ବିଶ୍ୱ ଅନୁବାଦ ସାହିତ୍ୟ ଦିବସ ପାଳନ ଅବସରରେ...

ଅନୁବାଦ ସାହିତ୍ୟର ଅଂଶ ବିଶେଷ । ବିଶ୍ୱ ସାହିତ୍ୟକୁ ସବୁ ବର୍ଗର ପାଠକମାନଙ୍କ ସହ ପରିଚିତ କରାଇବାରେ ଅନୁବାଦ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଅନୁବାଦ ନ ଥିଲେ ପ୍ରାଚୀନ କାଳରୁ ଏ ଯାବତ ବିଶ୍ୱ ସ୍ତରୀୟ ଶ୍ରେଷ୍ଠ ସୃଷ୍ଟି ସବୁ ସାଧାରଣ ପାଠକ ପର୍ଯ୍ୟନ୍ତ ପହଞ୍ଚି ପାରି ନ ଥାଆନ୍ତା । ବିଶ୍ୱ ସାହିତ୍ୟକୁ କୋଣେ ଅନୁକୋଣେ ପହଞ୍ଚେଇବାରେ ମୁଖ୍ୟ ଭୂମିକା ରହିଛି ଅନୁବାଦ ସାହିତ୍ୟ ସୃଷ୍ଟିର । ଏଥି ଲାଗି ସଂଯୋଗ ସ୍ଥାପିତ ହୋଇଛି ପ୍ରାଚ୍ୟ ସହ ପାଶ୍ଚାତ୍ୟର । ବିଶ୍ୱରେ ପ୍ରଚଳିତ ବହୁ ଭାଷାକୁ ଅନୁବାଦ ହିଁ ଏକତା ସୂତ୍ରରେ ବାନ୍ଧି ରଖିପାରିଛି। ଅନୁବାଦ ପାଇଁ ପୁଣି ବିଭିନ୍ନ ଅଞ୍ଚଳର ବିବିଧ ସଂସ୍କୃତି, ପରମ୍ପରା, ଜୀବନ ଜୀବିକା ଭିତରେ ଗଢି ଉଠିଛି ସମନ୍ୱୟ ଓ ସଦ୍‌ଭାବ । ଆମ ଦେଶରେ ବି ବିବିଧ ସଂସ୍କୃତି ପରମ୍ପରା ଓ ଭାଷା ପ୍ରଚଳିତ। ଏଇ ପରିସ୍ଥିତିରେ ଅନୁବାଦ ହିଁ ଯୋଡି ରଖିଛି ସଂଭିଙ୍କୁ ନିଜ ପ୍ରିୟ ଭାଷାରେ ଅନ୍ୟ ଭାଷାରେ ଲିଖିତ ସାହିତ୍ୟ ପାଠ କରିବାର ସୁଯୋଗ ପ୍ରଦାନ କରି। କହିବାର ଅବକାଶ ନାହିଁ ଅନୁବାଦ ସାହିତ୍ୟ ରଚନା କ୍ଷେତ୍ରରେ ଓଡିଆ ସାହିତ୍ୟ ସମାଜ ବି ଅନ୍ୟ ମାନଙ୍କ ସହ ସମ ତାଳରେ ଅଗ୍ରଗତି କରୁଛି । ଅନୁବାଦ ସାହିତ୍ୟ ପରିପ୍ରେକ୍ଷୀରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ନିମନ୍ତେ ଲକ୍ଷ୍ମୀନାରାୟଣ ମହାନ୍ତି ସାହିତ୍ୟ ଏକାଡେମି ପୁରସ୍କାରରେ ଭୂଷିତ । ଏଇ ଦିଗରେ ବିଶ୍ୱ ବରେଣ୍ୟ ସ୍ରଷ୍ଟା ଜୟନ୍ତ ମହାପାତ୍ରଙ୍କ ଅବଦାନ କିଛି କମ୍ ନୁହଁ । ସଦ୍ୟ ପରଲୋକଗତ ଶୁଭେନ୍ଦୁ ମୋହନ ଦାସ କି ତରୁଣ କୁମାର ଦାସ ହୁଅନ୍ତୁ କିମ୍ବା ସନାତନ ମହାକୁଡ଼ ଅବା ଚରଶ୍ରୀ ଇନ୍ଦ୍ର ସିଂ - ଅନୁବାଦ ସାହିତ୍ୟ ରଚନା କ୍ଷେତ୍ରରେ ଏକ ଇତିବାଚକ ଯାତ୍ରା ଏ ଯାବତ୍ । ୩୦ ସେପ୍ଟେମ୍ବର ବିଶ୍ୱ ଅନୁବାଦ ସାହିତ୍ୟ ଦିବସ ପାଳନ ଅବସରରେ ବରୁଣ କୁମାର ଦାସଙ୍କ ବିଶେଷ ଉପସ୍ଥାପନା । ■■

■■ ସ୍ୱପନ କୁମାର-ପାହାଡୀ

ଅର୍ଦ୍ଧଶତାବ୍ଦୀରୁ ଅଧିକ ସମୟ ଧରି ସାହିତ୍ୟ ଚର୍ଚ୍ଚାରେ ମଗ୍ନ ।ଏକାଧାରରେ କବି, ସମ୍ପାଦକ, ଶିକ୍ଷକ ଏବଂ ବହୁଭାଷୀ ଅନୁବାଦକ । ବିଭିନ୍ନ ସମୟରେ ଶତାଧିକ ଲେଖା ପତ୍ରପତ୍ରିକାରେ ପ୍ରକାଶିତ । ବିଶ୍ୱ ସାହିତ୍ୟର ବହୁପରିଚିତ ସାହିତ୍ୟକୃତିକୁ ବଙ୍ଗଳା ସହ ଓଡ଼ିଆ ଭାଷାନ୍ତର କରିଛନ୍ତି । ଏକାଧିକ ଭାଷାର ଦକ୍ଷତା ସମ୍ପନ୍ନ ପୂର୍ବ ମେଦିନୀପୁର ଜିଲ୍ଲାର କାନ୍ଥିର ବାସିନ୍ଦା ଏହି ସ୍ରଷ୍ଟାଙ୍କ ଅନୁବାଦର କିଛି ନମୁନା ପାଠକମାନଙ୍କ ଲାଗି...

## ॥ ହେଇ ॥

### ମୂଳ ବଙ୍ଗଳା: ବୁଦ୍ଧଦେବ ଦାଶଗୁପ୍ତ
### ଅନୁବାଦ: ସ୍ୱପନକୁମାର ପାହାଡୀ

ଲେଖ, ଯେ ଭାବରେ ଖୁସି, ଗୋଟାଏ କବିତା।
ଯେକୌଣସି ଭାବରେ ହିଁ ହେଉ
ଅନ୍ତତଃ ଆଠ ବା ଛଅ ଲାଇନ କିଛି ଗୋଟାଏ ଲେଖ।
ଯେକୌଣସି ଜିନିସ ହିଁ ଭରି ଦିଆ ଯାଏ କବିତା ଭିତରେ କେବଳ
କେବଳ ପ୍ରକାଶ କରନା
ରକ୍ତ ଝରି ପଡ଼ିବାର ଗୋପନ କଥା।
ଲେଖ ।
କାହିଁକି ବସି ଅଛ ଚୁପଚାପ ଭୁତ ଭଳି। ବାଜି ଉଠେ ଘଣ୍ଟା,
ଦରଜା ଖୋଲ - ଶାର୍ଟ ପିନ୍ଧି ପ୍ୟାଣ୍ଟ ପିନ୍ଧି
ଆହୁରି ସବୁ ଭୁତମାନେ ଆସିଛନ୍ତି। କଫି ଦିଅ, କଥା କୁହ।
ଭୁଲି ଯାଅ ନା ଲେଖି ପାରିବା କଥା,
ଭୁଲି ଯାଅ
ସାଦା ଫର୍ଦ୍ଦେ କାଗଜ ଓ କଲମର କଥା, ଭୁଲି ଯାଅ
ଦିପାଦରେ ଏଯାଏ ଛିଡା ହୋଇ ରହିବା କଥା।
ଉଡ଼ି ଯାଅ, ଝରକା ଦେଇ ଦୂରକୁ, ହେଇ
ଆଲୁଅ ଜଳି ଉଠିଛି ପୁଣି। ଝଲମଲ କରୁଛି ଭୌତିକ ପଡ଼ା
ମନୋହର ପୁକୁର ।

### ମୂଳ ବଙ୍ଗଳା: ଶଙ୍ଖ ଘୋଷ
### ଅନୁସୃଜନ: ସ୍ୱପନକୁମାର ପାହାଡ଼ୀ

ଛୁଟୁଛି ଟ୍ରାଫିକ, ପାଣି, ଶିବିରରେ
ଶିବିରରେ ଢେଉ ଫେଣା
ଯିଏ ଯାଏ ସିଏ କୁଆଡ଼େ ତ ଯାଏ !
କେବଳ ଜଣେ
ବଡ଼ଶୀ ଧରି ବସି ରହିଛି ଦିନ ତମାମ
ପ୍ରତିବିମ୍ବ ଛଡ଼ା ଆଉ କିଛି ନାହିଁ।■■

■■ ଚିରଶ୍ରୀ ଇନ୍ଦ୍ର ସିଂ

ଉଦୟ ନାଥ (ସ୍ୱୟଂ ଶାସିତ) ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗରେ ପ୍ରାଧାପିକା ଭାବେ କାର୍ଯ୍ୟରତ । ତାଙ୍କର ୧୦ଟି ଗଳ୍ପ ସଂକଳନ, ତିନୋଟି କବିତା ସଂକଳନ ଓ ଦୁଇଟି ଉପନ୍ୟାସିକା ପ୍ରକାଶିତ । ଜ୍ଞାନ ପୀଠ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ମରାଠୀ ଉପନ୍ୟାସ କାର ଭାଲଚନ୍ଦ୍ର ନେମାଡେଙ୍କର 'କୋଶଲା' ଉପନ୍ୟାସ, କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ନମିତା ଗୋଖଲେଙ୍କର **Things to leave Behind** ଏବଂ ବିଶ୍ୱ ବରେଣ୍ୟ କବି ଜୟନ୍ତ ମହାପାତ୍ରଙ୍କ ଝଲଛ **Without** ଝଲଛ (**Puri Poems** ) ର ଓଡ଼ିଆ ଅନୁବାଦ କରିବା ସହ ଅସମୀୟା କବିତାର ଅନୁବାଦ କରିଛନ୍ତି ।

## ॥ ଚାଷୀ ॥

### ମୂଳ ଅସମୀୟା : ଅନୁଭବ ତୁଳସୀ
### ଅନୁବାଦ : ଚିର ଶ୍ରୀ ଇନ୍ଦ୍ର ସିଂ

ଅକ୍ଷର ଉଠି ଆସେ
ଶୁନ୍ୟତା ର ଅତଳ ତଳ ଗଭିରତାରୁ
ଶ୍ରମିକର ଶ୍ରମ ଝାଳ ପରି ।
ଅକ୍ଷର ପାଣି
ପାଣିରେ
ପାଣି - ଧାଙ୍ଗଦୀର ଚଲା ବାଟ
ନାଭି ପଦ୍ମ
ନିନାଦିତ ନିରବତା
ନାଁ, ନାଁ
ଅକ୍ଷର
ଅବିନ୍ୟସ୍ତ
ଭଙ୍ଗା ତୁଟା ଧାନ ଶିଂସା ।
ଅକ୍ଷର ମାଟି
କାଦୁଅ
କୁମ୍ଭାର ଚକ ।
ଚାଷ ଘରର କାମ ଯେବେ ସରେ
ଅକ୍ଷର ଜମି ଯାଏ
ଶୂନ୍ୟତାରେ ।■■

■■ ସନାତନ ମହାକୁଡ଼

ନୟାଗଡ ଜିଲ୍ଲାର ଏହି ବହୁମୁଖୀ ପ୍ରତିଭାର ଅଧିକାରୀ ଜଣକ ଏବେ ଯୋଗଗୁରୁ ଭାବେ କଲିକତାରେ ଅବସ୍ଥାନ କରନ୍ତି । ପରିଚିତ ପ୍ରବାସୀ ଓଡ଼ିଆ ସାହିତ୍ୟ ପତ୍ରିକା ପ୍ରତିବେଶି ଠୁ ଆରମ୍ଭ କରି ଭାରତର ବିଭିନ୍ନ ପ୍ରାନ୍ତର ସାହିତ୍ୟ ଅନୁଷ୍ଠାନ ସହ ସେ ଯୁକ୍ତ। ପୁଣି ଏକା ଧାରରେ କବି, ସମାଜସେବୀ, ଅନୁବାଦକ ଓ ସାମ୍ବାଦିକ ଭାବେ ପରିଚିତ । ତାଙ୍କ ଅନୁଦିତ ଲେଖା ବିଭିନ୍ନ ପ୍ରକାର ପତ୍ର ପତ୍ରିକାରେ ପ୍ରକାଶିତ ହୋଇଛି ।

## ॥ ଲୁପ୍ତ ଚିଠି ॥

### ❧ ମୂଳ ବଂଗଳା -ଡ.ଚଂଚଳ କୁମାର ମଣ୍ଡଳ
### ❧ ଓଡ଼ିଆ ଭାଷାନ୍ତର- ସନାତନ ମହାକୁଡ଼

ମିଠିର ସଙ୍ଗେ ଖିଟିମିଟି, ଲେଖେନା ସେ ଆଉ ଗୋଟେ ଚିଠି।
କେତେ କଥା ନ ଲେଖେ ମିଠି ରାଗେ ଅନୁରାଗେ,
ଆଜି କି ମିଠି ପାଏ ଗୋଟେ ଚିଠି ଏକାକୀ ରାତି ଜାଗେ ?
ୱାଟସ୍ ଆପ୍, ଟୁଇଟର ଥିଲେ ମେସେଂଜର
ବୋକା ବୋକା କଲମ କାଗଜ ଚିଠି ଲେଖେ କେ ତା'ର ? ■■

ଗ୍ରାମ/ପୋ.ଅ- ବେରୁଆଁବାରୀ
ଜିଲ୍ଲା-ନୟାଗଡ-୭୫୨୦୮୨, ଓଡ଼ିଶା
(ମେ) ୦୯୩୩୯୬୧୦୧୬୮

■■ ମନୋଜିତ ଦାସ

ପୂର୍ବ ମେଦିନୀପୁର ଜିଲ୍ଲାର ହଳଦିଆ ବନ୍ଦର ସନ୍ନିକଟ ମହିଷାଦଳର ପରିଚିତ କବି, ସାମ୍ବାଦିକ, ପ୍ରକାଶକ ଓ ଅନୁବାଦକ ବରେଣ୍ୟ କବି ଜୟନ୍ତ ମହାପାତ୍ରଙ୍କୁ ବଙ୍ଗଳା ଭାଷାରେ ଅନୁଦିତ କରାଇବାରେ ପ୍ରମୁଖ ଭୂମିକା ନେଇଛନ୍ତି । ଜୟନ୍ତ ମହାପାତ୍ରଙ୍କ ସହ ଦୁଇ ଥର ଆଳାପ ଆଲୋଚନା କରିବାର ସୁଯୋଗ ଲାଭକରିଛନ୍ତି ଅନୁବାଦକ ଶ୍ରୀ ଦାସ। ଅନୁବାଦ ବିଭିନ୍ନ ସମୟରେ ଅନେକ ପତ୍ର ପତ୍ରିକାରେ ପ୍ରକାଶିତ ହୋଇଛି । ଜୟନ୍ତ ମହାପାତ୍ରଙ୍କ ଏକ କବିତାର ଅନୁବାଦ ଉପସ୍ଥାପିତ ହେଲା ।

## ॥ ଧଉଳି ॥

### ମୂଳ ଇଂରାଜୀ : ଜୟନ୍ତ ମହାପାତ୍ର
### ବଙ୍ଗଳା ରୂପାନ୍ତର : ମନୋଜିତ ଦାସ
### ଓଡିଆ ଅନୁବାଦ : ବରୁଣ କୁମାର ଦାସ


କଳିଙ୍ଗ ଯୁଦ୍ଧର ପରବର୍ତ୍ତୀ ସମୟରେ
ମଣିଷମାନେ ଖୋଜି ପାଇଥିଲେ ଏଇ ମାଟିରେ
ରକ୍ତ ରଞ୍ଜିତ ଛିନ୍ନ ଭିନ୍ନ ମଣିଷର ଦେହାଂଶ ।
ନିର୍ଦ୍ଦୟ କୀଟ ଧରି ମାଟି
ଆସ୍ଥାନ ପାରି ସାରି ଥାଏ
ମୃତ କ୍ଷୁଦ୍ଧାର୍ଥ ଦେହ ସବୁ ଭିତରେ,
ନିର୍ଦ୍ଦେଶିତ କରୁଥାଏ ଶୃଗାଳସବୁକୁ ଯୌନାଂଗ ଆଡ଼କୁ ।
କିଛି ବର୍ଷ ବ୍ୟବଧାନ ପରେ
ସଂଜ ପବନ ସ୍ପର୍ଶରେ
କମ୍ପିତ ଦୟା ନଦୀର ଚକ ମକ ପାଣି ।
ରାତିର ଘର୍ଗୁର କୀଟର ଶବ୍ଦ ହୀନ ସ୍ୱର ପରି
ଶିଳାଲେଖରେ ଅଲୋଡ଼ା ଶବ୍ଦର ସମାହାର
ଅପରିମେୟ ଅଶୋକର ଯନ୍ତ୍ରଣା
ଯଥାର୍ଥ ରୂପେ ଆବିର୍ଭୂତ ନୁହ ।
ତାଙ୍କ ବେଦନାର ସାଥୀମାନଙ୍କ
ଦୁଃଖ ଭାବନା ଠୁ ବି
ଦୁଃଖ ଜନକ ଏଇ ନିଥର ମଣିଷମାନଙ୍କ ମୃତ୍ୟୁ । ■■

■ ଅନୁବାଦ ପାଇଁ ସମ୍ପର୍କ ...

■ ■ ଆଜିଠୁ ଦୁଇ ଦଶନ୍ଧି ରୁ ଅଧିକ ସମୟ ପୂର୍ବର କଥା । କଲିକତାରୁ ପ୍ରକାଶିତ ଦୈନିକ ଇଂରାଜୀ ଖବର କାଗଜ ଷ୍ଟେଟସମାନ ର ଦୁର୍ଗା ପୂଜା ଉପଲକ୍ଷେ ଫେଷ୍ଟିଭାଲ ସଂଖ୍ୟାରେ ବିଶ୍ୱ ବରେଣ୍ୟ କବିଙ୍କର ଏକ ଇଂରାଜୀ କବିତା ପ୍ରକାଶିତ ହୁଏ । ସେଇ କବିତାର ଓଡିଆ ଅନୁବାଦ କରି କବିଙ୍କ ଦ୍ୱାରା ପ୍ରସଂଶିତ ହେବାର ସୁଯୋଗ ଲାଭ କରେ । ସେଇ ସମୟରେ କବିଙ୍କ ଦ୍ୱାରା ପ୍ରେରିତ ଏକ ପତ୍ରରେ ଏଇ କଥା ଉଲ୍ଲେଖ ଅଛି । ଆଜି ବି ସେଇ ଚିଠି ଯତ୍ନକରି ସାଇତି ରଖିଛି । କେବଳ ଅନୁବାଦ ହିଁ ସୁଯୋଗ କରି ଦେଇଥିଲା ସେଇ ବିଶିଷ୍ଟ କବିଙ୍କ ସହ ସମ୍ପର୍କରେ ବାନ୍ଧିହେବା ଲାଗି । ଅନୁବାଦରୁ ଆରମ୍ଭ ସମ୍ପର୍କ କ୍ରମେ କ୍ରମେ ଆଗେଇଛି। ବିଭିନ୍ନ ସମୟରେ କବିଙ୍କ ସାକ୍ଷାତ -ଆଲୋଚନା କରିବା ସହ ଖୁବ୍ ନିକଟରୁ ଅନୁଧ୍ୟାନ କରିବାର ସୁଯୋଗ ଲାଭ କରିଛି । ଆବିଷ୍କାର କରିଛି ସହଜ, ସରଳ, ନିରୁତା ମଣିଷ ନା ଅସାଧାରଣ ପ୍ରତିଭା ସମ୍ପନ୍ନ ବ୍ୟକ୍ତିତ୍ୱକୁ । କୋରୋନା ପରେ କଟକରେ ଦେଖିଛି ବୟସ ଓ ଶାରୀରିକ ସମସ୍ୟାରେ ଭାରାକ୍ରାନ୍ତ ସେ ଅସହାୟ ଏକା ମଣିଷ ଜଣଙ୍କୁ । କଟକ ସହରକୁ ବର୍ଣ୍ଣବୋଧ ମାନି ଥିବା ଭାରତବର୍ଷର ଇଂରାଜୀରେ କବିତା ରଚନା କ୍ଷେତ୍ରରେ ସେ ମଧମଣି, ଅନନ୍ୟ ଏବଂ ଅସାଧାରଣ । 'ଦି ରେଲେସନଶିପ' କାବ୍ୟ ରଚନା ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିଥିଲେ । ବହୁ ସମ୍ମାନ ଓ ପୁରସ୍କାରରେ ଭୂଷିତ ସେଇ ବିଶିଷ୍ଟ କବି ଜୟନ୍ତ ମହାପାତ୍ରଙ୍କ କଥା ହିଁ କହୁଥିଲି । ଦୁଃଖର ବିଷୟ ସେଇ ବରେଣ୍ୟ କବି ଆଜି ଆଉ ନାହାନ୍ତି - ଗତ ବର୍ଷ ସଭିଙ୍କୁ ଛାଡ଼ି ଆରପାରିକୁ ଚାଲି ଯାଇଛନ୍ତି । ଏଇ କଥା ଲେଖିବା ମାଧ୍ୟମରେ କବିଙ୍କୁ ଆନ୍ତରିକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି । ■ ■ ବରୁଣ କୁମାର ଦାସ

# ସ୍ୱର୍ଗଠାରୁ କିଛି କମ୍ ନୁହେଁ ଏହି ସବୁ ବିଳାସପୂର୍ଣ୍ଣ ହୋଟେଲ୍

ଦେଶବିଦେଶରେ ଭ୍ରମଣ କରିବା, ବିଳାସପୂର୍ଣ୍ଣ ହୋଟେଲ୍‌ରେ ରହିବା ଲାଗି ସମସ୍ତଙ୍କ ମନରେ ଇଚ୍ଛା ଥାଏ। ଆଜି ଆପଣଙ୍କୁ ଏପରି କିଛି ହୋଟେଲ୍ ବିଷୟରେ କହିବୁ ଯାହା କୌଣସି ସ୍ୱର୍ଗଠାରୁ କମ୍ ନୁହେଁ। ଏହାକୁ ଦେଖିଲା ପରେ ସେହି ସ୍ଥାନକୁ ଯିବାକୁ ଆପଣଙ୍କୁ ନିଶ୍ଚୟ ଇଚ୍ଛା ହେବ।



♦ଏହା ହେଉଛି ମାଳଦ୍ୱୀପର ରେଙ୍ଗାଲି ଆଇସ୍‌ଲ୍ୟାଣ୍ଡରେ ତିଆରି ହୋଇଥିବା କେନରାଡ୍ ହୋଟେଲ୍। ଏହା ସମୁଦ୍ର ଭିତରେ ରହିଛି। ଏହା ଏଭଳି କୌଶଳରେ ନିର୍ମିତ ହୋଇଛି ଯେ, ହୋଟେଲ୍ ଭିତରୁ ଚାରିପାଖକୁ ଦେଖିଲେ ଆପଣଙ୍କୁ ସମୁଦ୍ରର ସୁନ୍ଦର ମାଛ ଦେଖାଯିବ।

♦ପାହାଡ଼ ଉପରେ ତିଆରି ହୋଇଛି ସ୍ୱିଜରଲ୍ୟାଣ୍ଡର ଇଷ୍ଟର କ୍ଲିଫ୍ ହୋଟେଲ୍। ଏହା ଦେଖିବାକୁ ବହୁତ ସୁନ୍ଦର। ଏହା ଏପରି ତିଆରି ହୋଇଛି ଯେ, ସେଠାକୁ ଗଲେ ଆପଣ ଏକ ନୂଆ ଏବଂ ଅଲଗା ଦୁନିଆରେ ପହଞ୍ଚିଲା ପରି ଅନୁଭବ କରିବେ ।

♦ଫ୍ରାନ୍ସର ଏଟ୍ରୋପ୍ ରିଭ୍ସ ହୋଟେଲ୍ ପ୍ରକୃତିର କୋଳରେ ତିଆରି ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ହୋଟେଲ୍‌ର ଚାରିପାଖରେ ବରଫ ଢାଙ୍କି ହୋଇ ରହିଛି। ପ୍ରକୃତିର ଏହି ସୌନ୍ଦର୍ଯ୍ୟ ଦେଖି ଆପଣ ବି ଭାବିବେ ସତରେ କ'ଣ ଏପରି ଜାଗା ରହିଛି।

♦ଏହା ହେଉଛି ଇଟାଲିର ରେଷ୍ଟୁରାଣ୍ଟ ଗ୍ରୋଟା ହୋଟେଲ୍। ଏହା ପାହାଡ଼ରେ ଥିବା ଏକ ଗୁମ୍ଫାରେ ତିଆରି ହୋଇଛି।





ସନ୍ଧ୍ୟାବେଳେ ଏହି ହୋଟେଲ୍ ଦେଖିବାକୁ ବହୁତ ସୁନ୍ଦର ଲାଗିଥାଏ। ଏହି ଜାଗାକୁ ଆପଣ ଗଲେ ସ୍ୱର୍ଗରେ ପହଞ୍ଚିଗଲା ପରି ଅନୁଭବ କରିବେ।

♦ଥାଇଲ୍ୟାଣ୍ଡର ରୟାଦି କରାବିରେ ତିଆରି ହୋଇଥିବା ଏହି ହୋଟେଲ୍ ଗ୍ରୋଟା ହୋଟେଲ୍ ଭଳି ଗୁମ୍ଫାରେ ରହିଛି। ଗ୍ରୋଟା ହୋଟେଲ୍ ଏବଂ ଏହି ହୋଟେଲ୍ ଭିତରେ କେବଳ ଏହି ଫରକ୍ ଯେ, ଏହା ସମୁଦ୍ର ତଟରେ ରହିଛି।

♦ଜଙ୍ଗଲ ମଝିରେ ତିଆରି ହୋଇଥିବା ଏହି ହୋଟେଲ୍ ପ୍ରକୃତି ପ୍ରେମୀଙ୍କୁ ଖୁବ୍ ଭଲ ଲାଗିଥାଏ। ଏହି ହୋଟେଲ୍‌ର ନାମ ପଞ୍ଜୋରନ ରିଟ୍ରିଟ୍ ରିସୋର୍ଟ। ଏହା ଇଣ୍ଡୋନେସିଆର ଏକ ଦ୍ୱୀପରେ ରହିଛି।

♦ଫିଲିପିନ୍ସରେ ଥିବା ଏହି ହୋଟେଲ୍‌ର ନାମ ଭିଲ୍ଲା ଏସ୍କୋଡେରୋ ରେଷ୍ଟୁରାଣ୍ଟ। ଏହିଠାରେ ଥିବା ଝରଣା ପୁରାପୁରି ଅସଲି। ଏଠାରେ ପର୍ଯ୍ୟଟକଙ୍କ ରହିବା ପାଇଁ ସବୁ ସୁବିଧା ରହିଛି।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## କ୍ଷମାହୀନ ଅପରାଧ...

ଚଳିତ ସପ୍ତାହରେ ଭେଷଜ ସହିତ ଜଡ଼ିତ ଏଭଳି ଏକାଧିକ ଖବର ପ୍ରକାଶିତ ହୋଇଛି, ଯାହା ଜନସାଧାରଣଙ୍କୁ ଆତଙ୍କିତ କରିବା ସ୍ୱାଭାବିକ। ଅତ୍ୟାବଶ୍ୟକୀୟ ଗୁଣବତ୍ତା ନଥିବା କାରଣରୁ କେତେକ ନାମୀଦାମୀ କମ୍ପାନୀର ଜୀବନରକ୍ଷାକାରୀ ଓ ଦୀର୍ଘକାଳୀନ ରୋଗର ଉପଶମ ପାଇଁ ବ୍ୟବହୃତ ୫୩ ଔଷଧକୁ ଗତ ୨୧ ତାରିଖରେ ଭାରତୀୟ ଔଷଧ ମହାନିୟନ୍ତ୍ରକ ନିଷିଦ୍ଧ କରିଥିବା ବେଳେ ଏହାର ମାତ୍ର ତିନି/ଚାରିଦିନ ପରେ ୧୫୬ଟି କକ୍‌ଟେଲ୍ ବ୍ରାଣ୍ଡ ବା ଏକାଧିକ ରାସାୟନିକ ମିଶ୍ରିତ ଔଷଧକୁ ସମାନ କାରଣରୁ ନିଷେଧ କରାଯାଇଛି। ଏହାମଧ୍ୟରେ ରହିଛି ଜ୍ୱର ଓ ଥଣ୍ଡା, କାଶ ଉପଶମ ପାଇଁ ବହୁଳ ବ୍ୟବହୃତ ଔଷଧ, ଆଣ୍ଟିବାଓଟିକ୍, ମଲ୍‌ଟି ଭିଟାମିନ୍, ଉଚ୍ଚ ରକ୍ତଚାପ, ଯନ୍ତ୍ରଣା ଉପଶମକାରୀ ଔଷଧ। ଗତବର୍ଷ କଟକରୁ ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଏକ ନକଲି ଔଷଧ କାରବାର ଧରାପଡ଼ିବା ପରେ ରୋଗୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଏବେ ନିଷେଧ ହୋଇଥିବା ଔଷଧ ମଧ୍ୟରୁ ଅନେକ କେବଳ ଗୁଣବତ୍ତା ଦୃଷ୍ଟିରୁ ନିମ୍ନମାନର ନୁହେଁ, ବରଂ ସ୍ୱାସ୍ଥ୍ୟ ପକ୍ଷେ ଅହିତକର ବା ବିଷାକ୍ତ ବୋଲି ସରକାରୀ ଭାବେ ଜଣାପଡ଼ିବା ପରେ ଦୀର୍ଘଦିନ ଧରି ଏହାକୁ ବିଶ୍ୱାସରେ ସେବନ କରିଆସୁଥିବା ରୋଗୀମାନେ ଏବେ ଆହୁରି ଅଧିକ ସଂଖ୍ୟାରେ ଆତଙ୍କିତ ହୋଇପଡ଼ିଛନ୍ତି। ଯଦି ଜୀବନରକ୍ଷା ପାଇଁ ବ୍ୟବହୃତ ଔଷଧ ଜୀବନ ନେବ ତେବେ ଏହାଠାରୁ ବଡ଼ ବିଡ଼ମ୍ବନା ମାନବ ସଭ୍ୟତାରେ କ'ଣ ହୋଇପାରେ? ଔଷଧ ସହିତ କେବଳ ଜୀବନଯାତ୍ରା ନୁହେଁ, ଏହାସହିତ ସଭ୍ୟତା ମଧ୍ୟ ଜଡ଼ିତ। ବ୍ୟାଧିର ଦୂରୀକରଣ ଓ ନିରାକରଣ ଉଭୟ କ୍ଷେତ୍ରରେ ଔଷଧ ଅପରିହାର୍ଯ୍ୟ। ଏଭଳି ସ୍ଥିତିରେ ଔଷଧର ଗୁଣ ଓ ମାନ ସହିତ କୌଣସି ସାଲିସ୍ କରାଯାଇ ନପାରେ। ଏଥିପାଇଁ ସରକାର ନିୟାମକ ସଂସ୍ଥା ଗଠନ କରିଛନ୍ତି ଏବଂ ନିୟମିତ ଭାବେ ବଜାରକୁ ଆସୁଥିବା ଔଷଧର ଗୁଣବତ୍ତା ଯାଞ୍ଚ କରାଯିବାର ବ୍ୟବସ୍ଥା ରହିଛି। କିନ୍ତୁ ସବୁ ପ୍ରତିକାର ଓ ନିୟନ୍ତ୍ରଣ ବ୍ୟବସ୍ଥା ସତ୍ତ୍ୱେ କିଛି ଅସାଧୁ ବ୍ୟବସାୟୀ ଓ ଉତ୍ପାଦନକାରୀ ନକଲି ଔଷଧ କାରବାର ଭଳି ଅମାନବୀୟ କାର୍ଯ୍ୟକଳାପରେ ଜଡ଼ିତ ଅଛନ୍ତି। ନକଲି ଔଷଧ ବିକ୍ରି ହେଉଥିବା ଜଣାପଡ଼ିବା ପରେ ଚିରାଚରିତ ଢଙ୍ଗରେ ଘଟଣାର ତଦନ୍ତ ହେଉଛି। କିନ୍ତୁ ଏହାର ଯେପରି ପୁନରାବୃତ୍ତି ନ ହେବ ସେ ଦିଗରେ ଦୃଢ଼ ପଦକ୍ଷେପ ନିଆ ନ ଯାଉଥିବାରୁ ଏଭଳି ଘଟଣା ବଢ଼ିବାରେ ଲାଗିଛି। ଆମ ଦେଶର ଔଷଧ ବଜାର ଆକାର ଦୃଷ୍ଟିରୁ ବିଶ୍ୱରେ ତୃତୀୟ। ଏହାର ମୋଟ କାରବାର ବାର୍ଷିକ ପ୍ରାୟ ୫୦୦୦ କୋଟି ଡଲାର। ଭାରତ ମଧ୍ୟ ବିଶ୍ୱର ସର୍ବାଧିକ ଜେନେରିକ୍(ମୌଳିକ ଔଷଧ) ଔଷଧ ପ୍ରସ୍ତୁତ କରେ, ଯାହା ଆନ୍ତର୍ଜାତିକ ଆବଶ୍ୟକତାର ୨୦ ଶତାଂଶ। କଠୋର ନିୟାମକ ଓ ନିୟନ୍ତ୍ରଣ ବ୍ୟବସ୍ଥା ମଧ୍ୟରେ ଆମ ଦେଶରେ ଔଷଧ ଓ ଟିକା ଉତ୍ପାଦିତ ହୋଇଥାଏ। ଗୁଣାତ୍ମକମାନ ଦୃଷ୍ଟିରୁ ଉତ୍କୃଷ୍ଟ ଓ ମୂଲ୍ୟ ଦୃଷ୍ଟିରୁ ସୁଲଭ ରହୁଥିବାରୁ ବିଦେଶରେ ଭାରତୀୟ ଔଷଧ ଓ ଟିକାର ଚାହିଦା ଅଧିକ। ଆନ୍ତର୍ଜାତିକ ଔଷଧ ଗୁଣାତ୍ମକମାନ ନିୟନ୍ତ୍ରଣ ସଂସ୍ଥା ଏବଂ ବିଭିନ୍ନ ଦେଶର ସମ୍ପୃକ୍ତ ସଂଗଠନଗୁଡ଼ିକ ଦ୍ୱାରା ଭାରତୀୟ ଔଷଧର ଗୁଣ, ମାନ ଓ ନିରାପତ୍ତା ଅନୁମୋଦିତ। ଭାରତରେ ୩୦୦୦ରୁ ଅଧିକ ଔଷଧ କମ୍ପାନୀ ଓ ୧୦ ହଜାରରୁ ଊର୍ଦ୍ଧ୍ୱ ଔଷଧ ନିର୍ମାଣକାରୀ ସଂସ୍ଥା କାର୍ଯ୍ୟରତ। କୋଭିଡ୍, ଏଡ୍ସ ଓ ବିଭିନ୍ନ ଭୂତାଣୁଜନିତ ରୋଗ ସଂକ୍ରମଣ ପ୍ରତିରୋଧକାରୀ ଔଷଧ ଏବଂ ଟିକା ଉତ୍ପାଦନରେ ଭାରତ ବିଶ୍ୱରେ ଏକନମ୍ବର ମାନ୍ୟତା ହାସଲ କରିଛି। ଭାରତରେ ଉତ୍ପାଦିତ ଜେନେରିକ୍ ଔଷଧର ୪୦% ଆମେରିକା ଓ ୨୫% ବ୍ରିଟେନ୍‌କୁ ରପ୍ତାନି ହୁଏ। କିନ୍ତୁ ଯେତେବେଳେ ନାମୀଦାମୀ ବ୍ରାଣ୍ଡର ଉତ୍ପାଦ ନିମ୍ନମାନର କିମ୍ବା ବିଷାକ୍ତ ବୋଲି ଜଣାପଡୁଛି ଓ ଘୋଷଣା ହେଉଛି ସେତେବେଳେ ଭାରତର ପ୍ରତିଷ୍ଠା ଓ ଭରସା ଉପରେ ଆଞ୍ଚ ଆସୁଛି। ଥରେ ଭରସା ତୁଟିଲେ ସୁଧାର ଆଣିବା ସହଜ ନୁହେଁ। ବିଶ୍ୱ ଔଷଧାଳୟ ଭାବେ ବିବେଚିତ ଭାରତରେ ନିମ୍ନମାନର ଔଷଧ ଖବର ନିଶ୍ଚିତ ଭାବେ ଭାରତର ଆତ୍ମା ପ୍ରତି କୁଠାରଘାତ କହିଲେ ଅତ୍ୟୁକ୍ତି ହେବ ନାହିଁ। ଆମ ଦେଶର ଉତ୍ପାଦର ମାନ ଓ ବିଶ୍ୱସନୀୟତାକୁ ସୁନିଶ୍ଚିତ କରିବା ଭାରତ ସରକାରଙ୍କ ଅଧୀନରେ କାର୍ଯ୍ୟରତ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ନିଶ୍ଚୟ। ହୋଇପାରେ ବିଶାଳ ଦେଶ ଭାରତରେ ବହୁଳ ଉତ୍ପାଦନକାରୀ ସଂସ୍ଥାଙ୍କର ସବୁ ଉତ୍ପାଦକୁ ଦୈନିକ ପରୀକ୍ଷା କରିବା ସମ୍ଭବ ନୁହେଁ। ଏହାଛଡ଼ା ବଡ଼ ବଡ଼ ବ୍ରାଣ୍ଡର ନାମକୁ ବ୍ୟବହାର କରି ଅସାଧୁ ବ୍ୟକ୍ତି ଯଦି ନକଲି ଔଷଧ ବେପାର କରିବେ ତାହାକୁ ସନ୍ଦେହ କରିବା କଷ୍ଟକର। ଏହାସତ୍ତ୍ୱେ ସବୁ ଉତ୍ପାଦ ସନ୍ଦେହର ଊର୍ଦ୍ଧ୍ୱରେ ଯେପରି ରହିବ, ସେଥିପାଇଁ ସରକାରଙ୍କୁ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ହେବ। କୋଭିଡ୍ ମହାମାରୀ ପରେ ବିଶ୍ୱର ଔଷଧ ବଜାରରେ ତୀବ୍ର ପ୍ରତିଯୋଗିତା ଆରମ୍ଭ ହୋଇସାରିଛି। ଏହି ପ୍ରତିଯୋଗିତାରେ ତିଷ୍ଠି ରହିବାକୁ ହେଲେ ଭାରତକୁ ଏ କ୍ଷେତ୍ରରେ ଆହୁରି ଅଧିକ ସତର୍କ ରହିବାକୁ ପଡ଼ିବ। ଉତ୍ପାଦନକାରୀ କମ୍ପାନୀଙ୍କୁ ସେମାନଙ୍କ ଔଷଧର ଗୁଣବତ୍ତା ପାଇଁ ଉତ୍ତରଦାୟୀ କରିବାର ଯେଉଁ ନିୟମ ଅଛି ତାହାକୁ ଯୁଗୋପଯୋଗୀ କରି ଦଣ୍ଡବିଧାନକୁ ଆହୁରି କଠୋର ଓ ଦୃଷ୍ଟାନ୍ତମୂଳକ କରିବା ଆବଶ୍ୟକ।

## ସରୋଗେଟ୍ ମଦର



**ଡାକ୍ତର ଶୁଭଶ୍ରୀ ମିଶ୍ର**

ସରୋଗେସୀ କରୁଥିବା ମହିଳା କର୍ମଚାରୀଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଛୁଟି ଘୋଷଣା କରାଯାଇଛି। ସରୋଗସୀ ଦ୍ୱାରା ମାତୃତ୍ୱ ଓ ପିତୃତ୍ୱ ପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପାଇଁ ଛୁଟି ପ୍ରଦାନ ମହିଳା ସରକାରୀ କର୍ମଚାରୀଙ୍କୁ ୧୮୦ ଦିନର ମାତୃତ୍ୱ ଛୁଟି ଓ ପୁରୁଷ କର୍ମଚାରୀଙ୍କୁ ୧୫ ଦିନର ପିତୃତ୍ୱ ଛୁଟି ପ୍ରଦାନ ପାଇଁ ଆଇନତଃ ବ୍ୟବସ୍ଥା ହୋଇଛି। ରାଜ୍ୟରେ ସରୋଗେସୀ ପାଇଁ ଚାହୁଁଥିବା କର୍ମଚାରୀଙ୍କ ପାଇଁ ଏହା ନିଶ୍ଚିତ ଭାବେ ବଡ଼ ଖୁସି ଆଣିଦେଇଛି। ସରକାରଙ୍କ ବ୍ୟବସ୍ଥା ଅନୁଯାୟୀ ଦୁଇରୁ କମ ଜୀବିତ ସନ୍ତାନ ଥିବା ରାଜ୍ୟ ସରକାରୀ ମହିଳା କର୍ମଚାରୀ ସରୋଗଟେ ମାତୃତ୍ୱ ଲାଭ କଲେ ହିଁ ସେମାନେ ୧୮୦ ଦିନର ମାତୃତ୍ୱ ଛୁଟି ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ। ଏହାସହ ଜଣେ ରାଜ୍ୟ ସରକାରୀ ପୁରୁଷ କର୍ମଚାରୀ ଯିଏ ୨ରୁ କମ ଜୀବିତ ସନ୍ତାନ ଥାଇ ଅଧିଷ୍ଠାତା ପିତା ବା କମିସନିଂ ଫାଦର ହୁଅନ୍ତି ସେ ସନ୍ତାନ ଜନ୍ମ ତାରିଖରୁ ଛଅ ମାସ ମଧ୍ୟରେ ପନ୍ଦର ଦିନର ପିତୃତ୍ୱ ଛୁଟି ଲାଭ କରିବା ପାଇଁ ଯୋଗ୍ୟ ବିବେଚିତ ହେବେ। ତେବେ ଏହି ଛୁଟି ଲାଭ କରିବାକୁ ସରୋଗେସୀ କ୍ଷେତ୍ରରେ ରହିଥିବା ରାଜିନାମା ସହିତ ପଞ୍ଜିକୃତ ଡାକ୍ତର ଓ ସମ୍ପୃକ୍ତ ଡାକ୍ତରଖାନାରୁ ପାଇଥିବା ଚିକିତ୍ସା ସମ୍ବନ୍ଧିତ ସମସ୍ତ କାଗଜପତ୍ର ପ୍ରଦାନ କରିବାକୁ ପଡ଼ିବ। ତେବେ ଏହିପରି ଏକ ସମୟରେ ଆସନ୍ତୁ ଆଲୋଚନା କରିବା। କହିବାକୁଗଲେ ଭାରତ ଏବେ ବିଦେଶୀ ସନ୍ତାନହୀନ ଦମ୍ପତିଙ୍କ ପାଇଁ ଆକର୍ଷଣର କେନ୍ଦ୍ର ପାଲଟିଛି। 'ସରୋଗେଟ୍ ମଦର' ବା (ଗର୍ଭାଶୟ ଭଡ଼ା ଦେଉଥିବା ମହିଳା) ବ୍ୟବସ୍ଥା ବର୍ତ୍ତମାନ ଭାରତର ବଡ଼ ବଡ଼ ମହାନଗର ମାନଙ୍କରେ ଏକ ବଡ଼ ବ୍ୟବସାୟରେ ପରିଣତ ହୋଇଛି। ବିଦେଶରୁ ନିଃସନ୍ତାନ ଦମ୍ପତିମାନେ କମ୍ ଖର୍ଚ୍ଚରେ ସନ୍ତାନ ଲାଭ ପାଇଁ ଏଠାକୁ ଆସୁଛନ୍ତି। ଏହି କାରଣରୁ ବର୍ତ୍ତମାନ ସରକାର ସରୋଗେଟ୍ ଶିଶୁ ଜନ୍ମ ଜନିତ ଆଇନ ନିମନ୍ତେ ଦୃଢ଼ ପଦକ୍ଷେପ ନେବାକୁ ସ୍ଥିର କରିଛନ୍ତି। ଭାରତୀୟ ମହିଳାଙ୍କ ଗର୍ଭରୁ ଜନ୍ମିତ ଯାଆଁଳା ସନ୍ତାନଙ୍କ ପାଇଁ ଜର୍ମାନ ଦମ୍ପତିଙ୍କ ପାସ୍‌ପୋର୍ଟ ଆବେଦନ ସମ୍ପର୍କରେ ନିକଟରେ ବିଚାର କରି ସୁପ୍ରିମ କୋର୍ଟ ଏହା କହିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ଏହା କେବଳ ଦୁଇ ଶିଶୁଙ୍କର ସମସ୍ୟା ନୁହେଁ, ଏହା ଏକ ସାମାଜିକ ଓ ମାନବୀୟ ସମସ୍ୟା। ଏଥିସହ ସୁପ୍ରିମକୋର୍ଟ କହିଛନ୍ତି, ଯାଆଁଳା ଶିଶୁ ଦୁଇଟିକୁ ସରକାର ପାସପୋର୍ଟ ପ୍ରଦାନ କରିବା ପାଇଁ ଜର୍ମାନ ସରକାର ସେମାନଙ୍କୁ ନାଗରିକତ୍ୱ ପ୍ରଦାନ କରିବ ବୋଲି ଏକ ସତ୍ୟପାଠ ଯାଆଁଳା ପିଲାଦୁଇଟିର ପିତା ଜନ୍ ବ୍ଲାଡ଼ଙ୍କୁ ଦାଖଲ କରିବାକୁ ପଡ଼ିବ। ଏହାଛଡ଼ା ସେ ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ଆବଶ୍ୟକ ପ୍ରକ୍ରିୟା ଆରମ୍ଭ କଲେଣି ନା କାହିଁ ତାହା ମଧ୍ୟ ଜଣାଇବା ପାଇଁ ସୁପ୍ରିମ୍‌କୋର୍ଟ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୁପ୍ରିମକୋର୍ଟଙ୍କ ପାଇଁ ଚିନ୍ତାର ବିଷୟ ହେଉଛି ଉକ୍ତ ଶିଶୁଦ୍ୱୟଙ୍କ ପିତା ଭାରତୀୟ ପାସପୋର୍ଟ ଜରିଆରେ ସେମାନଙ୍କୁ ଜର୍ମାନ୍ ନେଇଯିବାକୁ ଚାହୁଁଛନ୍ତି। ଶିଶୁ ଦୁଇଟିର ଭାରତୀୟ ନାଗରିକତ୍ୱ ନିମନ୍ତେ ତାଙ୍କର କୌଣସି ଆଗ୍ରହ ନାହିଁ। ମାତ୍ର ଜଣେ ବିଦେଶୀ ନାଗରିକ ଜଣେ ଭାରତୀୟ ମହିଳାଙ୍କ ଗର୍ଭରୁ ଜନ୍ମିତ ଶିଶୁକୁ ବିଦେଶ ନେଇ ଯିବେ ଏହା କେତେଦୂର ଯୁକ୍ତିଯୁକ୍ତ। ସେମାନେ ଶିଶୁକୁ ପୋଷ୍ୟ ଭାବରେ ଗ୍ରହଣ କରୁନାହାନ୍ତି କାହିଁକି? ଆଇନତଃ ପୋଷ୍ୟ ସନ୍ତାନ ଗ୍ରହଣ ଦ୍ୱାରା ଅତିକମ୍‌ରେ ଶିଶୁର ଭବିଷ୍ୟତ ସୁରକ୍ଷିତ ରହିବ। ଭାରତୀୟ ଦମ୍ପତିଙ୍କର ସରୋଗେଟ୍ ଶିଶୁ ନିମନ୍ତେ କୌଣସି ସମସ୍ୟା ନାହିଁ। ମାତ୍ର ବିଦେଶୀ ଦମ୍ପତିଙ୍କର ସନ୍ତାନ କ୍ଷେତ୍ରରେ ନାଗରିକତା ଏକ ମୁଖ୍ୟ ସମସ୍ୟା ହୋଇଯାଏ। ଶିଶୁକୁ ଦେଶହୀନ କରି କିପରି ଛାଡ଼ିଦେଇ ହେବ ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି।

ସରୋଗେଟ ମଦର ଏମିତି ଜଣେ ମହିଳା ଯେ ଅନ୍ୟର ସନ୍ତାନକୁ ନିଜ ଗର୍ଭରେ ଧାରଣ କରନ୍ତି, ଜନ୍ମ ଦିଅନ୍ତି ଏବଂ ତାର ପ୍ରକୃତ ପିତାମାତାଙ୍କୁ ହସ୍ତାନ୍ତର କରିଦିଅନ୍ତି। ଉକ୍ତ ଶିଶୁ ଉପରେ ତାଙ୍କର କୌଣସି ଅଧିକାର ନଥାଏ। ଏହି ଗର୍ଭ ଧାରଣ ବିଭିନ୍ନ ପ୍ରକାରର ହୋଇପାରେ। ଜଣେ ମହିଳା ଏଥିପାଇଁ ବିଭିନ୍ନ ଉପାୟରେ ଗର୍ଭଧାରଣ କରିପାରନ୍ତି। ସେ ସାଧାରଣ ଉପାୟରେ ଭାବୀ ପିତା ଦ୍ୱାରା ଗର୍ଭବତୀ ହୋଇପାରନ୍ତି କିମ୍ବା ବିଭିନ୍ନ କୃତ୍ରିମ ଉପାୟରେ ଗର୍ଭଧାରଣ କରିପାରନ୍ତି। ମାତ୍ର ଏହି ସନ୍ତାନ ଜନ୍ମର ଏକମାତ୍ର ଉଦ୍ଦେଶ୍ୟ ଅନ୍ୟ ପାଇଁ ସନ୍ତାନ ଜନ୍ମ ଦେବା।

ଆଟର୍ଣ୍ଣି ଜେନେରାଲ ନୋଏଲ କିନ୍‌ଙ୍କୁ ସରୋଗେସୀ ଆଇନର ଜନକ ବୋଲି କୁହାଯାଇପାରେ। ଚିକିତ୍ସାବିଦ୍ ୱାରେନ୍ ଜେ ରିଙ୍ଗଓଲ୍ଡଙ୍କ ସହ ମିଶି ସେ ଏହି ଆଇନର ରୂପରେଖ ପ୍ରସ୍ତୁତ କରିଥିଲେ। ୧୯୮୬ ମସିହାରେ ସରୋଗେସୀ ଦ୍ୱାରା ଜନ୍ମ ହୋଇଥିବା ଶିଶୁକନ୍ୟା ମେଲିସା ଷ୍ଟର୍ଣ୍ଣଙ୍କୁ ତାଙ୍କର ସରୋଗେଟ୍ ମା' ମ୍ୟାରି ବେଥ ହ୍ୱାଇଟ୍‌ହେଡ଼ ତାଙ୍କର ପ୍ରକୃତ ପିତାମାତା ୱିଲିୟମ ଷ୍ଟର୍ଣ୍ଣ ଓ ଏଲିଜାବେଥ ଷ୍ଟର୍ଣ୍ଣଙ୍କୁ ପ୍ରଦାନ ନକରିବାକୁ ଆମେରିକାର ସରୋଗେସୀ ଆଇନ ପ୍ରଣୟନ ହୋଇଥିଲା। ପ୍ରାୟତଃ ଦେଶ ଯେଉଁ ମହିଳାଙ୍କ ଗର୍ଭରୁ ସନ୍ତାନ ଜନ୍ମ ହୁଏ ତାଙ୍କୁ ଉକ୍ତ ଶିଶୁର ମା' ଭାବରେ ମାନନ୍ତି। ମାତ୍ର ଏବେ ଅନେକ ଦେଶରେ ସରୋଗସୋ ଆଇନ ପ୍ରଣୟନ ହେଲାଣି। ଯେଉଁଠାରେ ଜନ୍ମଦାତ୍ରୀ ମା' ଓ ପ୍ରକୃତ ପିତାମାତା ଗୋଟିଏ ଦେଶର ସେ ସ୍ଥାନରେ ଶିଶୁ ନିମନ୍ତେ ପ୍ରାୟ ଆଇନଗତ ପ୍ରତିବନ୍ଧକ ନଥାଏ। ମାତ୍ର ଯେତେବେଳେ ସେମାନେ ଭିନ୍ନ ଦେଶର ନାଗରିକ ସେତେବେଳେ ଶିଶୁର ନାଗରିକତ୍ୱ ନେଇ ପ୍ରଶ୍ନ ଉଠେ। ବର୍ତ୍ତମାନ ଭାରତରେ ସରୋଗେସୀ ଦ୍ୱାରା ସନ୍ତାନ ଜନ୍ମ କମ୍ ଖର୍ଚ୍ଚରେ ହେଉଥିବାରୁ ଅନ୍ୟ ରାଷ୍ଟ୍ରର ସନ୍ତାହୀନ ଦମ୍ପତିମାନେ ଏଠାକୁ ଆସୁଛନ୍ତି। ପୂର୍ବରୁ ଜାପାନ ଦମ୍ପତିଙ୍କର ଭାରତୀୟ ମହିଳାଙ୍କ ଗର୍ଭାଶୟରୁ ଜନ୍ମିତ ଶିଶୁ 'ମାନ୍‌ଜି'କୁ ତା'ର ପରିବାରକୁ ହସ୍ତାନ୍ତର କରାଯିବା ନେଇ ସମସ୍ୟା ସୃଷ୍ଟି ହୋଇଥିବା ବେଳେ ବର୍ତ୍ତମାନ ଜର୍ମାନ ଦମ୍ପତିଙ୍କ ଯାଆଁଳା ସନ୍ତାନକୁ ନେଇ ଆଇନଗତ ସମସ୍ୟା ସୃଷ୍ଟି ହୋଇଛି।

ଭାରତରେ ସରୋଗେଟ୍ ଶିଶୁ ଜନ୍ମ ମାନବୀୟ ସମସ୍ୟା ସୃଷ୍ଟି ନକରୁ କିମ୍ବା ଭାରତୀୟ ମହିଳାମାନଙ୍କୁ ଶୋଷଣ ନକରୁ ସେଥିପାଇଁ ଭାରତୀୟ ଆଇନ କମିଶନ ଏକ ପ୍ରସ୍ତାବ ଦେଇଛନ୍ତି। ସେହି ଅନୁଯାୟୀ - ସରୋଗେଟ ଶିଶୁ ପାଇଁ ଉଭୟ ପକ୍ଷ ମଧ୍ୟରେ ଉପଯୁକ୍ତ ଚୁକ୍ତି ରହିବା ଆବଶ୍ୟକ। ଗର୍ଭଧାରିଣୀ ମହିଳାଙ୍କର ସହମତି, ତାଙ୍କ ସ୍ୱାମୀ ବା ପରିବାରର ସହମତି, ଗର୍ଭଧାରଣ ଠାରୁ ଶିଶୁ ଜନ୍ମ ପର୍ଯ୍ୟନ୍ତ ସମସ୍ତ ଖର୍ଚ୍ଚ ପ୍ରଦାନ, ଜନ୍ମ ପରେ ଶିଶୁ ହସ୍ତାନ୍ତର ଆଦି ବିଷୟ ସ୍ପଷ୍ଟ ଭାବେ ଉଲ୍ଲେଖ ରହିବା ଆବଶ୍ୟକ। ଉକ୍ତ ଶିଶୁର ଜନ୍ମ ପୂର୍ବରୁ ମାତାପିତାଙ୍କର ମୃତ୍ୟୁ ଘଟିଲେ କିମ୍ବା ବିବାହ ବିଚ୍ଛେଦ ହେଲେ କିମ୍ବା ଶିଶୁ ଜନ୍ମ ପରେ ଉକ୍ତ ଶିଶୁକୁ ଦେବା ପାଇଁ ସେମାନେ ଅନାଗ୍ରହ ପ୍ରକାଶ କଲେ ଶିଶୁ ପାଇଁ ସ୍ୱତନ୍ତ୍ର ଆର୍ଥିକ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି। ଗର୍ଭଧାରିଣୀ ମା'ର ଜୀବନ ବୀମା କରାଇବା ଆବଶ୍ୟକ। ସରୋଗେଟ୍ ଶିଶୁ ପାଇଁ ଆଗ୍ରହୀ ଦମ୍ପତିଙ୍କ ମଧ୍ୟରୁ ଅତିକମ୍‌ରେ ଜଣେ ଗର୍ଭଧାରଣ ପାଇଁ ଶୁକ୍ରାଣୁ ବା ଗର୍ଭାଣୁ ଦାନ କରିବା ଆବଶ୍ୟକ। କାରଣ ରକ୍ତର ସମ୍ପର୍କ ବନ୍ଧନକୁ ଅଧିକ ମଜଭୁତ୍ କରେ ଏବଂ ଶିଶୁକୁ ଦୁର୍ବ୍ୟବହାରରୁ ରକ୍ଷା କରେ। ଆଇନ ବ୍ୟବସ୍ଥା ସରୋଗେଟ ଶିଶୁକୁ ତା'ର ପିତାମାତାଙ୍କ ବୈଧ ସନ୍ତାନ ଭାବରେ ସ୍ୱୀକୃତି ଦେବା ଆବଶ୍ୟକ। ସରୋଗେଟ ଶିଶୁର ଜନ୍ମ ପ୍ରମାଣ ପତ୍ରରେ ସରୋଗେଟ୍ ମା ବଦଳରେ ପ୍ରକୃତ ପିତାମାତାଙ୍କ ନାମ ଉଲ୍ଲେଖ ରହିବା ଆବଶ୍ୟକ। ସରୋଗେଟ୍ ମା, ଶୁକ୍ରାଣୁ/ଗର୍ଭାଣୁ ଦାତାଙ୍କ ପରିଚୟର ଗୋପନୀୟତା ରହିବା ଆବଶ୍ୟକ। ଲିଙ୍ଗ ନିରୂପଣ କରି ସରୋଗେଟ୍ ଶିଶୁ ଜନ୍ମ ଦେବାକୁ ନିଷେଧ କରାଯିବା ଆବଶ୍ୟକ। ଗର୍ଭପାତ କ୍ଷେତ୍ରରେ, ଗର୍ଭପାତ ଆଇନ ୧୯୭୧ ଅନୁଯାୟୀ ଗର୍ଭଧାରିଣୀ ମହିଳାଭିକ ଚିକିତ୍ସା କରାଯିବା ଆବଶ୍ୟକ।

ଏହା ବ୍ୟତୀତ ଭାରତୀୟ ମହିଳାମାନଙ୍କୁ ସରୋଗେସୀ ନାମରେ ଶୋଷଣ କରାଯିବା ମଧ୍ୟ ଆଇନ କମିଶନଙ୍କୁ ବିବ୍ରତ କରିଛି। ଏହା ବ୍ୟତୀତ ସରୋଗେସୀକୁ ବ୍ୟବସାୟିକ ରୂପ ଦେବା ମଧ୍ୟ ଏକ ସମସ୍ୟା ରୂପେ ଉଭା ହୋଇଛି। ଏହାଦ୍ୱାରା କେତେକ କ୍ଲିନିକ୍ ନିର୍ଦ୍ଦିଷ୍ଟ ମହିଳାଙ୍କୁ ବାରମ୍ବାର ଗର୍ଭଧାରଣ ନିମନ୍ତେ ପ୍ରବର୍ତ୍ତାଉଛନ୍ତି। ପ୍ରତି ୪୮ ଘଣ୍ଟାରେ ଜଣେ ବ୍ରିଟିଶ୍ ଦମ୍ପତିଙ୍କର ସରୋଗେଟ୍ ଶିଶୁ ଭାରତରେ ଜନ୍ମ ଗ୍ରହଣ କରୁଥିବା ଏକ ପରିସଂଖ୍ୟାନରୁ ଜଣାପଡ଼ିଛି। ଗୁଜୁରାଟର ଆନନ୍ଦରେ 'ଫର୍ଟିଲିଟି କ୍ଲିନିକ୍' ଗୁଡ଼ିକ ବର୍ତ୍ତମାନ ସରୋଗେଟ୍ ଶିଶୁ ଜନ୍ମର ମୁଖ୍ୟକେନ୍ଦ୍ର ପାଲଟି ଗଲାଣି। ଏ ସବୁର ନିରାକରଣ ନିମନ୍ତେ ଆସିଷ୍ଟେଡ଼ ରିପ୍ରଡ଼କ୍ଟିଭ ଟେକ୍ନୋଲୋଜି ବିଲ୍ ପ୍ରଣୟନ କରାଯାଇ ଭାରତରେ ସରୋଗେଟ୍ ଶିଶୁ ଜନ୍ମକୁ ଉପଯୁକ୍ତ ଭାବରେ ନିୟନ୍ତ୍ରଣ କରାଯିବା ନିମନ୍ତେ ପ୍ରସ୍ତାବ ରଖାଯାଇଛି।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, କଟକ

> ସୁପ୍ରିମକୋର୍ଟଙ୍କ ପାଇଁ ଚିନ୍ତାର ବିଷୟ ହେଉଛି ଉକ୍ତ ଶିଶୁଦ୍ୱୟଙ୍କ ପିତା ଭାରତୀୟ ପାସପୋର୍ଟ ଜରିଆରେ ସେମାନଙ୍କୁ ଜର୍ମାନ୍ ନେଇଯିବାକୁ ଚାହୁଁଛନ୍ତି। ଶିଶୁ ଦୁଇଟିର ଭାରତୀୟ ନାଗରିକତ୍ୱ ନିମନ୍ତେ ତାଙ୍କର କୌଣସି ଆଗ୍ରହ ନାହିଁ। ମାତ୍ର ଜଣେ ବିଦେଶୀ ନାଗରିକ ଜଣେ ଭାରତୀୟ ମହିଳାଙ୍କ ଗର୍ଭରୁ ଜନ୍ମିତ ଶିଶୁକୁ ବିଦେଶ ନେଇ ଯିବେ ଏହା କେତେଦୂର ଯୁକ୍ତିଯୁକ୍ତ। ସେମାନେ ଶିଶୁକୁ ପୋଷ୍ୟ ଭାବରେ ଗ୍ରହଣ କରୁନାହାନ୍ତି କାହିଁକି? ଆଇନତଃ ପୋଷ୍ୟ ସନ୍ତାନ ଗ୍ରହଣ ଦ୍ୱାରା ଅତିକମ୍‌ରେ ଶିଶୁର ଭବିଷ୍ୟତ ସୁରକ୍ଷିତ ରହିବ।

## ସୁଧୁରି ଯାଆନ୍ତୁ




**ସୁବ୍ରତ କର**

ଗେଟ ଆଉଟ୍ କରିଥିବା ଇନ୍ସପେକ୍ଟରଙ୍କୁ କ୍ଷମା କରିଦେଇଛି। ଏବେ କଥାକୁ ମନେ ପକେଇଦେଇ ସରକାରୀ ବାବୁ ମାନଙ୍କୁ ଚେତାଇ ଦେଇଛନ୍ତି ରାଜ୍ୟର ନୂତନ ମୁଖ୍ୟମନ୍ତ୍ରୀ। ସେ ଯେତେବେଳେ କେଉଁଝର ଜିଲ୍ଲାରେ ଜନ ପ୍ରତିନିଧି ଥିଲେ ଏବଂ ତା ସହିତ ବି.ଜେ.ପି ଦଳର ଉପ ମୁଖ୍ୟ ସଚେତକ ଥିଲେ ସେ ସମୟରେ ଜଣେ ଥାନା ବାବୁ ତାଙ୍କୁ ତାଙ୍କ ଅଫିସରୁ ବାହାର କରିଦେଇଥିଲେ। ସେ କିନ୍ତୁ ମୁଖ୍ୟମନ୍ତ୍ରୀ ହେଲା ପରେ ସେହି ଅଫିସରଙ୍କୁ ତଳିତଳାନ୍ତ ନ କରି କ୍ଷମା କରିଦେଇଥିଲେ। ଏହା ହିଁ ଥିଲା ମୁଖ୍ୟମନ୍ତ୍ରୀଙ୍କ ବଡ଼ାପନ୍। ଏହାଛଡ଼ା ଏବେ ଏବେ ଘଟିଥିବା ଭରତପୁର ପୋଲିସ ଷ୍ଟେସନର ଘଟଣା ସମସ୍ତଙ୍କ ସହିତ ହାଇକୋର୍ଟଙ୍କୁ ମଧ୍ୟ ଆଶ୍ଚର୍ଯ୍ୟ କରିଛି। ପୋଲିସ ବାବୁମାନେ ଏତେ ବଳ ପାଉଛନ୍ତି କେଉଁଠୁ? ବଳଆସେ ପଇସାରୁ ଆଉ ବଳ ଆସେ ସରକାରୀ ପ୍ରାପ୍ତ କ୍ଷମତାରୁ। ଏଇଟା ଠିକ୍ ଥାନା ଦାୟିତ୍ୱରେ ଥିବା ବାବୁ ମାନଙ୍କ ପାଖରେ ଏହି ଦୁଇଟି ଅଭାବ ନାହିଁ ଏବଂ ସବୁଠୁ ବଡ଼ କଥା ହେଲା ଏହି ଦୁଇଟି ଅପବ୍ୟବହାର କରି ଏବଂ ଉପରିସ୍ଥ ଅଫିସରଙ୍କୁ ଖୁସିରେ ରଖି ଗାଦି ବର୍ଷ ବର୍ଷ ଧରି ମାଡ଼ି ବସିଛନ୍ତି। ମୁଖ୍ୟମନ୍ତ୍ରୀ ମହୋଦୟ ସିଧାସିଧା କହିଦେଲେ ଆଉ ଏ ସବୁ ଚଳିବ ନାହିଁ। ନିଜକୁ ଖୁବ୍ ଶୀଘ୍ର ସୁଧାରୀ ପକାଅ ନଚେତ୍ ଦଣ୍ଡ ଭୋଗ। ଆଉ ଭ୍ରଷ୍ଟାଚାର ଚଳିବ ନାହିଁ, ସରକାରୀ ଚେଆରରେ ବସିଥିବା ବେଳେ ଭଦ୍ର ହୁଅ ଏବଂ ସାଧାରଣ ଜନତାଙ୍କୁ ବନ୍ଧୁ ଭଳି ବ୍ୟବହାର କର, ତାଙ୍କର କଥା ଅତି ଧୈର୍ଯ୍ୟର ସହିତ ଶୁଣ ଏବଂ ତ୍ୱରିତ ସମାଧାନ କରିବା ପାଇଁ ଚେଷ୍ଟା କର। ସାଧାରଣ ଜନତା ଯେ ସମୟରେ ଥାନାକୁ ଆସିଲେ ସାଥେ ସାଥେ ତାଙ୍କର ଏଫଆଇଆର ରଖ ଏବଂ ନ୍ୟାୟ ପ୍ରଦାନର ପଦକ୍ଷେପ ନିଅ। ଏହି କାମରେ ମହିଳା ଏବଂ ସିନିଅର ସିଟିଜେନ ମାନଙ୍କୁ ଅଗ୍ରାଧିକାର ଦେବାର ମଧ୍ୟ ଚେଷ୍ଟା ହେବା ଉଚିତ। ବରିଷ୍ଠ ଅଧିକାରୀମାନଙ୍କୁ ମଧ୍ୟ କ୍ଷେତ୍ର ସବୁ ବୁଲି ଉଚିତ ପଦକ୍ଷେପ ନେବା ଦରକାର। ଏହିସବୁ କରିବା ପାଇଁ ଯାହା ଯାହା ଦରକାର (ମଟରସାଇକେଲ, ଚାରିଚକିଆ ଗାଡ଼ି) ସମସ୍ତ ପ୍ରକାର ସୁବିଧା ସୁଯୋଗ ସରକାରଙ୍କ ତରଫରୁ ଯୋଗାଇ ଦେବା ପାଇଁ ଚେଷ୍ଟା କରାଯିବ। ମୂଳ କଥା ଲୋକେ ନ୍ୟାୟ ପାଆନ୍ତୁ। ସବୁ ବାଧା ଠିକ୍ ଅଛି କିନ୍ତୁ ଏତେ ବର୍ଷର ପୁରୁଣା ଅଭ୍ୟାସ ଏତେ ଶୀଘ୍ର ଛାଡ଼ି ପାରିବେ ପୁଲିସବାବୁମାନେ? ଦେଖାଯାଉ ମୁଖ୍ୟମନ୍ତ୍ରୀଙ୍କ ଉପଦେଶ ସହିତ ସତର୍କ ବାଣି କେତେଦୂର କାର୍ଯ୍ୟକାରୀ ହୋଇ ପାରୁଛି?

ଏବେ ଆସିବା ଜିଲ୍ଲା ପ୍ରଶାସକମାନଙ୍କୁ ମୁଖ୍ୟମନ୍ତ୍ରୀ କଣ କଣ କହିଲେ? ପ୍ରଥମେ ସେ କହିଲେ ଜନତାଙ୍କ ସହିତ ମିଶିବା ପାଇଁ, ନିଜେ ଜନତାଙ୍କ କଥା ବୁଝି ସମାଧାନର ବାଟ ବାହାର କରିବା ପାଇଁ। ଜନତା ଅଫିସକୁ ଯେତେ କମ୍ ଆସିବେ ସେତେ ଜାଣି ହେବ ସମସ୍ୟା ନିଶ୍ଚିତ ଭାବରେ କ୍ଷେତ୍ର ସ୍ତରରେ ସମାଧାନ ହୋଇ ପାରୁଛି। କଲେକ୍ଟରଙ୍କୁ ଅଫିସ ରୁମକୁ ଦେଖା କରିବା ପାଇଁ କହି ଗଲେ ଖୁବ୍ କମ୍‌ରେ ତାଙ୍କୁ ଚେୟାରରେ ବସିବାକୁ କହିବା ଉଚିତ କିମ୍ବା ନିଜେ କଲେକ୍ଟର ଛିଡ଼ ହୋଇ କଥା ହେବା ପାଇଁ ଚେଷ୍ଟା କରିବା ଅଧିକାର ଏବଂ ଏହା ଦ୍ୱାରା କଲେକ୍ଟରଙ୍କ ସମ୍ମାନ ବଢ଼ିବ ଏବଂ ସମସ୍ୟାର ସମାଧାନର ବାଟ ଫିଟିବ। ଏହି ସମୟରେ ଯଦି ମୁହଁରେ ହସଟିଏ ଥାଏ ତେବେ ଅତି ଉତ୍ତମ ଏବଂ ଏମିତି କରିଲେ ହୁଏତ ଭବିଷ୍ୟତରେ ମୁଖ୍ୟମନ୍ତ୍ରୀଙ୍କ ଗ୍ରୀଭାନସ ସେଲର ଆବଶ୍ୟକତା ନ ପଡ଼ିପାରେ।

> ଜିଲ୍ଲା ପ୍ରଶାସକମାନଙ୍କୁ ମୁଖ୍ୟମନ୍ତ୍ରୀ କଣ କଣ କହିଲେ? ପ୍ରଥମେ ସେ କହିଲେ ଜନତାଙ୍କ ସହିତ ମିଶିବା ପାଇଁ, ନିଜେ ଜନତାଙ୍କ କଥା ବୁଝି ସମାଧାନର ବାଟ ବାହାର କରିବା ପାଇଁ। ଜନତା ଅଫିସକୁ ଯେତେ କମ୍ ଆସିବେ ସେତେ ଜାଣି ହେବ ସମସ୍ୟା ନିଶ୍ଚିତ ଭାବରେ କ୍ଷେତ୍ର ସ୍ତରରେ ସମାଧାନ ହୋଇ ପାରୁଛି।




### ମଣିଷ ଈଶ୍ୱର

**ଦୀନବନ୍ଧୁ ପୋଇ**

କଥା କଥା କରେ ଓଠ ଖୋଲିଗଲେ
ମଣିଷ ଈଶ୍ୱର କହୁଛ
ଗୋଡ ବାଜିଗଲେ ବିଷ୍ଣୁ ବୋଲି କହି
ମୁଣ୍ଡିଆଟେ ତାକୁ ମାରୁଛ ।
ସ୍ୱାର୍ଥଥିଲା ବେଳେ ଏଇ କଥା ଭୁଲି
ଗୋଡରେ ଗୋଇଠା ଦେଉଛ
ସେହି ସମୟରେ ତାଠି ନାରାୟଣ
ନାହିଁ ବୋଲି ବୋଧେ ଜାଣିଛ ।
ବିଚିତ୍ର ନିୟମ ସମାଜରେ ଆମ
କହୁଛେ ଓଲଟା କରୁଛେ
ନରରୂପି ଈଶ କହେ ଇତିହାସ
ଦରକାର ବେଳେ ଧରୁଛେ ।
ନରରୂପି ଈଶ ମାଗିଲେ ଯେ କିସ
ନ ଦେଇ ବି କେତେ କହୁଛ
ଭୋକିଲା ଥିଲେ ବି ଆହାର ନ
ଦେଇ
ନୟନ ଫେରାଇ ଆଣୁଛ ।
ଚାଲି ଚଳଣିରେ ଏଇ ସମାଜରେ
କିଆଁ ଉଚ୍ଚ ନୀଚ ରଖିଛ
ଜଣେ ପାଏ ମାନ ଆନ ଅପମାନ
କାହିଁକି ଯେ ଏହା କରୁଛ ?
ମୁହିଁ ବଡ ସିଏ ଅଟଇ ଯେ ସାନ
ଏଭାବ ବି ମନେ ଆଣୁଛ
ନିଜ ବର୍ଣ୍ଣ ଘରେ ବନ୍ଧୁତା କେ କଲେ
ଲକ୍ଷଣ ଗାରଟି ଟାଣୁଛ ।
ଗାଡିର ଚାଳକ ନିଜ ଇଛାମତେ
ଯେମିତି ଗାଡି ଚାଳାଉଛି
ସେମିତି କେ ଅଛ ନିଜ ଇଛାମତେ
ଈଶ୍ୱରଙ୍କୁ ଚାଳି ପାରୁଛି।
ସବୁ ନର ଦେହେ ଈଶ୍ୱର ଅଛନ୍ତି
ଏ କଥାଟି ଯଦି କହୁଛ
କହିବା କରିବା ସମାନ କର ହେ
ଯଦି ଈଶ୍ୱର ହିଁ ମାନୁଛ ।

ଗୋରଡ଼ାପାଳ, କରମୂଳ, ଢେଙ୍କାନାଳ
ମୋ: ୯୯୩୮୮୦୨୪୧୨

### ଜୀବନ ଚିତ୍ର

**ଡ. ଦୀପକ କୁମାର ମିଶ୍ର**



ଦଳକାଏ ପବନ, ଦିଶୁ ନଥିବା ସ୍ୱପ୍ନ
ଗହନ ମନର ଗୋପନ ତଥ୍ୟ
ଅସ୍ଫୁରିତ ବଚନ
ସବୁକୁ କାନ୍ଥରେ ଚିତ୍ରଟିଏ କରି
ଟାଙ୍ଗିଚି ।
ଆସ ଦେଖିବ ।

ପବନରେ ଭରିରହିଛି କାଶତଣ୍ଡିର
ବାସ୍ନା
ମନରେ ଏକ ଭଗ୍ନ ଅଟ୍ଟାଳିକା
ସ୍ୱପ୍ନ ତ ଦୁଃସ୍ୱପ୍ନ
ବଚନରେ ଅଛି କିଛି ଗାଳି,
କିଛି ଅଭିମାନ, ଅନେକ ଅନୁମାନ
ରଙ୍ଗ ବୋଇଲେ କିଛି ନାହିଁ,
ପାଣିରଙ୍ଗ
ଯାହା ଅଳିକ ପରି ବୋହିଯାଏ ।

ଲୁଗାର କଷ, ମନର ରୋଷ
ଆଞ୍ଜୁଡ଼ିଲେ କଉ ଛାଡ଼େ ଯେ
ସେଥିପାଇଁ ତ ପ୍ରଦର୍ଶନୀ କରି
ଥୋଇଦେଇଚି ଯାବତୀୟ ଜୀବନର
ଦୁଃଖ ।

ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

### ତୁମେ ମନେପଡ

**ରମାକାନ୍ତ ଦାସ**



ତୁମେ ମନେପଡ କିଟ୍ କିଟ୍ ଅନ୍ଧାରରେ
ଜହ୍ନ ଆଲୁଅରେ ତୁମ ପ୍ରତିଛବି ଉଙ୍କିମାରେ ।
ମୋ ଅନୁତାପ ଆକାଶୁ ଝରେ ଯନ୍ତ୍ରଣାର ମେଘ
ପହିଲି ଶ୍ରାବଣ ପରି ଖୋଜେ ତୁମ ପ୍ରେମ ଦିଗ ।

ତୁମ ଉଷ୍ଣଛୁଆଁ ଖୋଜେ ମୋ ନଗ୍ନ ହୃଦୟ
କୁହୁଡିର କମ୍ବଳରେ ଘୋଡାଏ ମୋ ଦେହ ।
ଲୁହର କାକର ଥିରି ଥିରି ଝରୁଥାଏ
ନିଶବ୍ଦ ରାତିରେ ତୁମ ବାଟ ଚାହିଁଥାଏ।
ଅନ୍ତର ମୋ ଜଳେ ଅଯୁତ ଯୁଗ ଯନ୍ତ୍ରଣାରେ
ମୋ ସ୍ୱପ୍ନ ସବୁ ମିଳେଇ ଯାଏ ଶୀତୁଆ କୁହୁଡିରେ ।।

ଅନ୍ଧାର ଗଳିରେ ଶୁଭେ ତୁମ ପାଉଁଜିର ସ୍ୱର
ମୋ ଶିରା ପ୍ରଶିରାରେ ଝରେ ପ୍ରତା ରଣାର ଜହର ।
ତୁମ ନୀରବତା ମତେ ଭାରି କଷ୍ଟଦିଏ
ନିରାଶା ନୀରବ ପବନେ ସ୍ୱପ୍ନ ଭାଙ୍ଗିଯାଏ ।
ତୁମ ସ୍ମୃତି ଭାସିଯାଏ ମୋ ଆଖିର ଲୁହରେ
ନିଃସଙ୍ଗରେ ଶୁଏ ମୁଁ ବିବଶତାର ପଲଙ୍କରେ ।

ତୁମ ପୀରତି ଆଜି ମୋ ପାଇଁ ଛଳନା
ମନେ ଜଳେ ବିରହ ବହ୍ନି ସହି ମୁଁ ପାରେନା ।।
ତୁମ ପ୍ରେମରେ ଜଳି ମୁଁ ପାଉଁଶ ହୋଇଛି
ଛଳଛଳ ଆଖି ମୋର ଲୁହ ନିଗାଡୁଛି।

ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ: ୯୬୬୮୮୧୫୩୬୯



## କଳା



ପ୍ରଶାନ୍ତ ଚନ୍ଦନ

ଯେମିତି ଶୁଣିଥିଲେ ସେମିତି ହିଁ ସୁମଧୁର ଧେଡ଼୍ କରି ଉଠିଥିଲେ କହିଥିଲେ ଏମିତି ଲୋକମାନଙ୍କୁ କେମିତି ଲୋଭି ମର୍ଣିଷ କହିବନି ନଚେତ୍ ସେ ଯେ ତା'ଙ୍କୁ ବୁଝାଇ, ସୁଝାଇ ବି କହି ଦେଉଥିଲେ ବେଶି ନୁହଁ ସାମାନ୍ୟ କଳା ଅଛି !

ମାନେ ସେ କାଳି ବାହାନାରେ ସେ ଯୌତୁକ ବି ଦାବି କରୁଥିବ, ତାଙ୍କ ଶ୍ରୀମତୀ କହି ଦେଉଥିଲେ ପ୍ରତ୍ୟୁତ୍ତରରେ । ହଁ ମୋଟର ସାଇକେଲ, ବାଇକ୍ ତ ସେ ଝିଅ ଘରେ ବି ରାଜି ଯାଇଥିଲା ସୁମଧୁର ଦୀର୍ଘଶ୍ୱାସ ନେଇ କହିଥିଲେ । ମାତ୍ର ଇଏ ଯେ ସୁଯୋଗ ଉଣ୍ଡି ଆଉ କ'ଣ, କ'ଣ ଦାବି କରୁଥିବ ନା ମାହାଳିଆ, ମାହାଳିଆ ମୋ ପୁଅକୁ ଆଣିବି ଯେ ଭଉଣୀ ବି କିଛି ମିଳିବନି କହି ହସି ଉଠିଥିଲେ ସୁମଧୁର । ତା'ପରେ ସୋଫା ଉପରେ ବସି କହିଥିଲେ କାରଣ ଆଜି କାଲି ଏମିତି ଖବରଗୁଡା ବି ବେଶି ଶୁଣିବାକୁ ପଡୁଛି !

ହଁ ତା'ହେଲେ ମୁଁ ଚା'ନେଇ ଆସୁଛି କହିଥିଲେ ତାଙ୍କ ଶ୍ରୀମତୀ । ଦେଖୁନ ଡେରି ହୋଇ ଗଲାଣି ଆଜି ମୁଁ ବି ଚା'ବସାଇ ଦେଇ ତମକୁ ଦେଖି ଆସିବି ଭାବୁଥିଲି କି ନାହିଁ ସେ ଫୋନ୍ କଲା ହେଲେ କେମିତି ହେଲାଣି କେଜାଣି ମୁଁ ଯାଇ ଦେଖେ ଭଲରେ ଗୋରସ ଚା'ହେଲେ ଉଠି ଯାଇ ଗ୍ୟାସ୍ ଜାଳକୁ ବନ୍ଦ କରି ଦେଇ ଥିବଣି ମାତ୍ର ନାଲି ଚା'... ଆଉ ଆଗକୁ ଶୁଣି ପାରି ନ ଥିଲେ ସୁମଧୁର ମାତ୍ର ଶେଷ ଶବ୍ଦ ନାଲି ଚା' ବୋଲୁ, ବୋଲୁ ତାଙ୍କ ମୁଖ ମଣ୍ଡଳକୁ ଆସି ଯାଇଥିଲା କଳା ଚା'ଅର୍ଥାତ୍ ଡିକାସିନ୍... ହଁ କଳା ବୋଇଲେ ବି କିଛି ଅସୁବିଧା ନାହିଁ ତେବେ ରଙ୍ଗ କଳା ପାଠ କଳା ବି ସୁମଧୁରଙ୍କ ଦୃଷ୍ଟିକୁ ଆସି ଯାଇଥିଲା । ଯେମିତି କି ପୋଷାକ ପତ୍ରଠୁ ଆରମ୍ଭ କରି ଚିତ୍ର ଫିତ୍ର ଘର ଦ୍ୱାର ରଙ୍ଗୀନ୍ କରିବାକୁ ବି ଆସିଯାଏ ବିଭିନ୍ନ ପ୍ରକାରର ତ ପାଠ ବୋଇଲେ ଆର୍ଟ୍ସ । ଆହୁରି ଅଛି ସଙ୍ଗୀତ କଳା, ନୃତ୍ୟ କଳା, କାରିଗର କଳା, ଯାଦୁ କଳା ହେଉ, ହେଉ ତାଙ୍କ ଶ୍ରୀମତୀ ଆସି ଯାଇ କହିଥିଲେ ନେଲ ଚା' ।

ସୁମଧୁର ଇଷତ୍ ଚମକି ପଡି କହିଥିଲେ ଆଁହାଁ ବଡ ଶୀଘ୍ର ନେଇ ଆସିଗଲ ତ... ମାନେ ତମକୁ ଟିକିଏ ଦୁଃଖ ଲାଗି ଯାଇଛି ଭାବନା ଭିତରେ ବୁଡିଲା ପରି ଦିଶୁଛ ତ... ହେଲେ ସେ କିଏ, କୋଉଠିକାର ମୁଁ ପଚାରିଲି ଯେ ସେ କିଛି କହିଲାନି ବାସ୍ କହି ଦେବ ମନକୁ ଆସିଲାନି କହି ପକାଇଥିଲେ ତାଙ୍କ ଶ୍ରୀମତୀ ।

ଛାଡ ଏବେ ଆଉ ତା'ନାଁ ଗାଁ ପକାଇଲେ କ'ଣ ହେବ ବରଂ ଏତକ ଭାବିବା କଥା ଯେ ଆମେ କାହିଁକି ମଝିରେ ପଶିଲେ, କହିଥିଲେ ସୁମଧୁର ।

ହଁ କହି ସ୍ୱୀକାରୀ ତାଙ୍କ ଶ୍ରୀମତୀ ତାଙ୍କୁ ଚାହିଁଥିଲେ ତ ସେ ଟିକିଏ ହସି କହି ଦେଇଥିଲେ ଆଛା ଭଗବାନ ଶ୍ରୀକୃଷ୍ଣ, ବିଷ୍ଣୁ, ଶିବ, ଜଗନ୍ନାଥ ଯେମିତି କଳା ଅଛନ୍ତି । ସେମିତି ପୁଣି କହନ୍ତି ଶ୍ରୀକୃଷ୍ଣଙ୍କୁ ଷୋହଳ କଳା ତ ରାମଙ୍କୁ ବାର କଳା । ତା'ପରେ ମା' କାଳୀ ଦେବୀ ବି ଅଛନ୍ତି ସେତେବେଳେ ତ କାହିଁ ଏପରି ହୀନମନ୍ୟତାର ଶୀକାର ମନକୁ ଆସୁନି ମାତ୍ର କହନ୍ତି ପରା ତାଙ୍କ ସୃଷ୍ଟିର ମଣିଷଟିଏ ହେଉ ପୁରୁଷ କି ମହିଳା ପରସ୍ପର ନିଜ ଭିତରେ ବର୍ଣ୍ଣ ବୈଷମତାର ଯୋଉ ଲୁପ୍ତ ପାହାଡଟିକୁ ମୁଣ୍ଡ ଟେକି ଆଣୁଛନ୍ତି ନା କ'ଣ କହିବ ?

ସତ କଥା ଯେ ଇତିହାସର ଲାଲା ଲାଜପତ୍ ରାୟ କି ବାଳ ଗଙ୍ଗାଧର ତିଳକ, ରାଜା ରାମମୋହନ ରାଓ ମାନଙ୍କୁ ଏଥିପାଇଁ ବହୁତ କଷ୍ଟ କରିବାକୁ ପଡିଥିଲା ନେଇ କହୁ, କହୁ ସୁମଧୁର ଚା'ର ସୁଡୁକାଟିଏ ନେଇ କହିଥିଲେ କହନା ଆଉ ମୁଁ ତ ଭାବି ପାରୁନି ଏ ମଣିଷକୁ ସୃଷ୍ଟିର ଶ୍ରେଷ୍ଠ ଜୀବ ବୋଲି କାହିଁକି କୁହାଯାଏ...

ଖାଲି କହି ଜାଣୁଛି ବୋଲି ମାତ୍ର ଇଏ ତ କହିବା ନୁହେଁ ବରଂ ଆଘାତ କରିବା ପରି ଆକ୍ଷେପ ବି ହୋଇ ଯାଉନି କି ଯେମିତି ଗୋରାମାନେ ଆସି, ଆସି ଶାସନ କରୁ ନ ଥିଲେ ଓଲଟା ସେ ବିଦ୍ୱେଷ ଗୁଡା ଛାଡି ଦେଇଛନ୍ତି ଯେ ଦେଖୁନ... ମୁଁ ଆଉ ରହିବିନି ଯାଉଛି କହି ଉଠି ପଡିଥିଲେ ତାଙ୍କ ଆଦେଶ ଆଗରୁ ତାଙ୍କ ଶ୍ରୀମତୀ ତା'ପରେ ପୁଣି କହି ଦେଇଥିଲେ ତମେ ପରା କହୁଛ ବେଶି ନାହିଁ ଟିକିଏ ବୋଲି ତ କ'ଣ କ୍ରିମ୍ ଫ୍ରିମ୍ ଲଗେଇ ସାବୁନ, ପାଉଡର କଲେ ହେବନି କହୁନ !

ବାହା ଘର ପରେ ଯେ ଅଧିକ ସମୟ ତ ବୁଲାବୁଲି ହୋଇ ପାରେନା ଫଳସ୍ୱରୂପ ଖରା ତରା ପାଇଁ ବି ଡର ନ ଥାଏ ନା କ'ଣ କହିବ କୁହ ମୁଁ ଗଲି ଭାତ ବସାଇବି, ହଁ ପାରିବ ବୋଇଲେ ଆଉ କୋଉଠିକୁ ଯାଅନା ସହଜରେ ମୁଣ୍ଡକୁ ଓଜନ କରୁଛ । ଘରେ ରହିଲେ ପଛେ ଧୀରେ, ଧୀରେ ହାଲୁକା ହୋଇଯିବ ଆଉ ତାଙ୍କ ଶ୍ରୀମତୀ ଆସି ଯାଇଥିଲେ ।

ସୁମଧୁର ମୁଣ୍ଡ ଟୁଙ୍ଗାରି, ଟୁଙ୍ଗାରି ଚା'ର ଶେଷ ସୁଡୁକା ନେଇ ଉଠିଥିଲେ ମାନେ ଏଠି ଯେ ସେ ଠିକ୍ କରି ଦେଇଥିବା ଝିଅ ନ ହୋଇ ପୁଅ ହୋଇଥାନ୍ତା ଆଉ ପୁଅଟି ଯଦି ଝିଅ ହୋଇ ଯାଇଥାନ୍ତା ତ କ'ଣ ରାଷ୍ଟ୍ର ଭାଷା ହିନ୍ଦୀ ଚଳଚିତ୍ରର ଏକ ଗୀତ 'ହମ୍ କାଲେ ହେ ତ କ୍ୟା ହୁଆ ଦିଲବାଲେ ହୁଆ' ଗାଇ ବୁଲନ୍ତା ଓ ପର କ୍ଷଣରେ ସୁମଧୁର ଠୋ, ଠୋ ହସି ପଡିବା ଦେଖି ତାଙ୍କ ଶ୍ରୀମତୀ ଭିତରୁ ପାଟି କରି ଆସିଥିଲେ ଧୁଆ ଚାଉଳ ଧରି କ'ଣ ହେଲା କି ହସ !

ସେ ପୁଣି ଦୋହରାଇ ଦେଇ କହିଥିଲେ ଆଉ କ'ଣ ଅଛି କି ଏମିତି, ଏପରି ଗୀତ 'ଗୋରେ, ଗୋରେ ମୁଖୁଡେ ପେ କାଲା, କାଲା ଚଷମା' ଉଁହୁଁ ଇଏ ତ ଗୋରାରେ ପଳଉଛି ମାନେ ଧଳା ଅର୍ଥାତ୍ ଶ୍ୱେତ ଶ୍ୟାମ, କଳା ଧଳା କହୁ, କହୁ ସୁମଧୁରଙ୍କ ଶ୍ରୀମତୀ ମନେ ପକାଇଲା ପରି କହି ଦେଇଥିଲେ ହଁ ଅଛି 'ଯଶୋମତି ମୈୟାଁ ସେ ପୁଛେ ନନ୍ଦୁଲାଲା ରାଧା କ୍ୟୁଁ ଗୋରି ମେ କ୍ୟୁଁ କାଲା' !

ତା'ପରେ ତାଙ୍କର ବି ମନେ ପଡି ଯାଇଥିଲା ଅମିତାଭ ବଚ୍ଚନ ଅଭିନୀତ ତଥା କଣ୍ଠଦାନର ସୁପର୍ ହିଟ ଗୀତ 'ମେରେ ଏଙ୍ଗେନେ ମେ ତୁମାରା କ୍ୟା କାମ୍ ହେ... ଜିସ୍ କି ବିବି କାଲି ଉସ୍କା ଭି ବଡା ନାମ୍ ହେ' ତ ଓକେ, ଓକେ ମୋ ମନକୁ ପାଇଲା କହି ଉଠିଥିଲେ

ସୁମଧୁର ହେଲେ ଆମ ଓଡିଆରେ କ'ଣ ସେମିତି କିଛି ନାହିଁ ଅଛି ବୋଧହୁଏ ଯେ ସେଇଟି କ'ଣ ଠିକ୍, ଠିକ୍ ମନେ ପଡୁନି କାହିଁକି ନା ସେ କ'ଣ ବୋଇଲା ପରେ ଯାଇ ଯୋଗ ହେଉଥିଲା କଳା, କଳା ଜାଇ ! ସେମିତି ରତ୍ନ ବୋଇଲେ ମାଣିକ୍ୟ, ହୀରା ବି ଅଛି... ହଇହୋ ତମର ମନେ ନାହିଁ ଦୁଇ ବର୍ଷ ତଳେ ମାନେ ଏ ମହାମାରୀ କରୋନାର ପ୍ରକୋପ ବଢିବା ଆଗରୁ ଆମେ ଭୋଜି କରି ଯାଇଥିଲୁ କହିଥିଲେ ସୁମଧୁରଙ୍କ ଶ୍ରୀମତୀ ଯେ ବାଟରେ କେମିତି ପିଲାଟିଏ ଶୋଧି ପକାଉଥିଲା ତମର ମନେ ନାହିଁ କି ଆରେ ପିନ୍ଧିଛୁ ବି ଜିନ୍ସ କଳା, ଧରିଛୁ ବି ମୋବାଇଲ କଳା, ଚଳାଉଛୁ ବି ଗାଡି କଳା ସେଥିରେ ମୋ ଭଉଣୀ ଟିକେ ସାବୁନିଆଁ ହୋଇଗଲା ବୋଲି କହି ପକାଉଛୁ କଳା ! ଆଉ ସେ କଳା ତୋର ଉଡାଜାହାଜ ଲୋଡା ନେଇ ଦେଖ୍ ଏ ଚପଲରେ ବି ମୋର କେମିତି ଅଛି ଉଡାଜାହାଜ, ଖୋଲି କି ସେକି ଦେବି ଦୁଇ, ତିନିଟି ଯେ କହୁଥିବୁ ତୋ ଧଳା ଗାଲ କେମିତି ହେଲା ପୁଣି ହାଣ୍ଡି କଳା !

ତା'ପରେ ସେ ଭିଡ ହୋଇଥିବା ଜମାକୁ ଦେଖି ଏପଟ ସେପଟ ଚାହିଁ କହି ଦେଇଥିଲା କ'ଣ କହିଲେ କ'ଣ ବୁଝୁଛି କେଜାଣି ! ତମେ ସବୁ ଚାଲ କହି, କହି ନିଜ ସ୍କୁଟିଟିକୁ ବି ଘୁଞ୍ଚାଇ ଦେଇ କହିଥିଲା ନେଇ... ଆଉ ସେ ପିଲାଟି କିନ୍ତୁ ତଥାପି ବି ଚୁପ୍ ରହି ନ ଥିଲା ବରଂ ଚକ୍ରାର କରିଥିଲା ଆଗକୁ ଆରେ ତୁ ଯାହାକୁ କଳା ବୋଲୁଛୁ ସେ କିଛି ନୁହେଁ ଖାଲି ଲୋଡା ଅକ୍କଲ୍ ହଁ ସେତକ ଥିଲେ ମୋତେ କହିବାକୁ ବି ପଡନ୍ତା ନାହିଁ । ଦିନ ତମାମ୍ ଖରା ବେଳଟାରେ ପଦାକୁ ଛାଡନା ତା'ସାଙ୍ଗକୁ ଚନ୍ଦନ, ହଳଦି, ବେସନ ଲଗାଇ ରଖ ରାତିସାରା ଦେଖିବୁ ଛଅ, ସାତ ମାସରେ ପୁରା ତୋଫା ଧଳା ଠିକ୍ କିଛି ସମୟ ପୂର୍ବରୁ ତମେ କହିଲା ପରି ନେଇ ଶ୍ରୀମତୀ । ମନେ ଅଛି ଗୋଟିଏ, ଗୋଟିଏ ଶବ୍ଦ ମନେ ଅଛି କହି ଖୁସି ହୋଇ ଯାଇଥିଲେ ସେତେବେଳେ ସୁମଧୁର । ତା'ପରେ ଆଗକୁ ଯୋଡିବାକୁ ଯାଇ ପୁଣି କହିଥିଲେ ମାତ୍ର ସେ ପାଷାଣକୁ ଏତକ ବି ପଶିଲା ନାହିଁ ଯେମିତି କହିବା ବେଳେ କହନ୍ତିନି କି ଲୁଣ ଖାଏ ହାଣ୍ଡି, ଚିନ୍ତା ଖାଏ ଗଣ୍ଡି ବୋଲି ଜିନିଷଟିଏ ବି ଅଛି ଯାହା ଗୋରାକୁ ଦିନ କେଇଟାରେ କଳା ବି କରି ଦେବ । ସେମିତି ତାଙ୍କ ଘର ପାଖ କାଳି ଝିଅଟିଏ ବି ସେ ପଥିରେ ମାସ କେଇଟାରେ ଯେ ଗୋରା ହୋଇ ଯାଇଥିଲା । ତେବେ ସେ ଖାଲି ଭେଟୁ ତା'ଛଇ ଛଡାଇ ଦେବେ । ସେ ଛାଡିବେନି କଦାପି ଛାଡିବେନି କହିବେ ତୋ ପୁତ୍ର ଶକ୍ତିରେ ତୁ ଧନମୋହ ହୋଇ ଗଲୁଣୁ ନେଇ... ସେଥିପାଇଁ ତୁ ଭୁଲି ଯାଉଛୁ ଯୌତୁକ ଲୋଭରେ ଆମକୁ ଭକୁଆ ବନଉଛୁ ହେଲେ ସେ ମଝିରେ ଯୋଉ ଇଞ୍ଜିନ୍ ନା ସେ ବି କଳା ପାଗଳ ! ଯେତେ ସାୟା, ଶାଢୀ ଢାଙ୍କି ହେଲେ କ'ଣ ଭୁଲିଯିବୁ...

ଆଉ ପରମୁହୂର୍ତ୍ତରେ ଦେଖି ହସିଥିଲେ ସୁମଧୁର କିନ୍ତୁ ତାଙ୍କ ଶ୍ରୀମତୀ ନ ଥିଲେ । ଭିତରକୁ ଯାଇଥିଲେ ଭାତ ବସାଇବା ପାଇଁ ।

ହଉ ସେ ଭାତ ଭିତରେ ବି ଗୋଟିଏ, ଗୋଟିଏ କଳା ଚାଉଳ ଦେଖାଯାଏ ଯେ କେମିତି କରୁ... ଅଲଗା କରି ଖାଉ ନା ଭାତ ଥାଳିଟିକୁ ଛାଡି ଦେଉ ଭାବି, ଭାବି ତାଙ୍କ ଶୋଇବା ଘର ଭିତରକୁ ଆସି ଯାଇଥିଲେ ସୁମଧୁର ! କାନ୍ଥରେ ଟଙ୍ଗା ହୋଇଥିବା ଉଡାଜାହାଜ ଚିତ୍ର ସହ ରେଳଗାଡିର ଚିତ୍ର ବି ଏକତ୍ର ଚିତ୍ରିତ ହୋଇଥିଲା ତାଙ୍କ ଏକ ଜୈନିକ ସାଙ୍ଗର କ୍ୟାମେରାରେ । ଦେଖା ଯାଉଥିଲା ଉଭୟର ଚକ କଳା । ତା'ସହ ବାଦ୍ୟ ଯନ୍ତ୍ର, ହାତ ହତିଆର । ଉପରେ କଥିତ ତଥା ବର୍ଣ୍ଣିତ ପରି ଦୋହରାଇ ଥିଲେ ଫଳ, ଫୁଲ, କାଠ, ମାଛ, ମାଟି, ପଥର ବି ଅଛି !

ଅଛି ବି ଜନ୍ତୁ, ରାକ୍ଷସ ସୁମଧୁର ଦୀର୍ଘଶ୍ୱାସ ନେଇ ପୁଣି ଚାହିଁଥିଲେ ଅନ୍ୟ ଏକ କାନ୍ଥକୁ ତ ସେଠି କ୍ୟାଲେଣ୍ଡର ଝୁଲୁଥିଲା । ଯୋଉଠି ମା'ସରସ୍ୱତୀ ବସିଥିଲେ ରାଜହଂସ ପିଠିରେ ବୀଣା ବଜାଇ, ବଜାଇ... ବାଗ୍ଦେବୀ ସବୁ କଳାର ଅଧୀଷ୍ଠାତୀ ପରା ମାତ୍ର ଶନି ମହାରାଜ କି ହନୁମାନଙ୍କୁ ଭୁଲିଯିବା ମାନେ କାଉ ଅଧିକ ଚତୁର ହୋଇ କେମିତି ଗୁହ ଖାଏ ଜାଣିଛୁ ନା ସୁମଧୁର ସବୁ ମନେ ପକାଉ ମୁଣ୍ଡ କୁଣ୍ଡାଇ ପକାଇ ଥିଲେ ନିଜର ଦୁଇ ହାତରେ । ତେବେ ସେ ସେଥିରେ ଉଜ୍ଜଳତାର ଚମକ ବି ସ୍ୱଷ୍ଟ ଆଭାସ ପାଇଥିଲେ ।

ହଁ ତାଙ୍କ ଶ୍ରୀମତୀ କ'ଣ ତରକାରୀ ଯେ କରୁଛନ୍ତି ଦେଖାଯାଉ ଆଜି ହେଉ, ହେଉ ହିଁ କଳା ଅଣ୍ଡା, କଳା ମାଂସ କଡକନାଥ କୁକୁଡା ବି ଅଛି ଯେ ଗୋଟିଏ ମନେ ପଡି ଯାଇଥିଲା ସୁମଧୁରଙ୍କର...

ଯା'ର ଦାମ୍ ଏମୁ ପକ୍ଷୀ ପରି ଚଢା ! ଚାହିଦା ବି ସେମିତି ମାନିଆ ପରି ରନ୍ଧନ କଳା ମନକୁ ମନ କହି, କହି ପାଦ ବଢାଇ ଦେଇଥିଲେ ମାନେ ଆମ ପରସ୍ପରର ବୁଝାମଣା ଏକ ଦାମ୍ପତ୍ୟ ଜୀବନ ପାଇଁ ସମ୍ପର୍କ ତଥା ସମ୍ବନ୍ଧ କଳା ହେବା କଥା ନା କ'ଣ କହିବ ଆଉ ଯାହା ଅନେକ ଥର ଅନେକ ଲୋକଙ୍କୁ ବି କହିଛନ୍ତି ସେ । ବିଶେଷ କରି ନିଜ ମୌଳିକ ହିସାବରେ ସେ ବିଷୟରେ ବି ସୁମଧୁର ପଚାରି ବାକୁ ଯେ ପାଦ ବଢାଇ ଥିଲେ ତା'ପରେ ସେ !


+ ଇରିଗେସନ୍ କଲୋନୀ, ଲେନ୍ ୩
ଭବାନୀପାଟଣା, କଳାହାଣ୍ଡି
ମୋ - ୮୦୧୮୨୩୬୭୨୦


ଡଃ ସ୍ମୃତି ପଟ୍ଟନାୟକ

## ବର୍ଷା ଏକ ଅନ୍ୱେଷଣ





ନିର୍ମାଲ୍ୟ ଓ ନୀଳା ଛିଡା ହୋଇଥିଲେ ଏଟିଏମ୍ କାଉଣ୍ଟର ଭିତରେ, ବାହାରେ ପ୍ରବଳ ବର୍ଷା, ବେଳକୁ ବେଳ ବର୍ଷାର ମାତ୍ରା ବଢୁଥାଏ, ବରଂ କମୁ ନଥାଏ, ଘଣ୍ଟାଏ ପାଖାପାଖି ହେବ ସେମାନେ ଦୁହେଁ ସେମିତି ପରସ୍ପରର ବିପରୀତ ଦିଗକୁ ମୁହଁ କରି ଛିଡା ହୋଇଥିଲେ । ସଂଧ୍ୟା ଛଅଟା ନୀଳା ମନେମନେ ଖୁବ୍ ବ୍ୟସ୍ତ ହେଇପଡୁଥିଲା, କେମିତି ଘରକୁ ଯିବ ? କାହିଁକି ସେ ଏଟିଏମ୍‌ରୁ ଟଙ୍କା ଉଠେଇକି ଯିବ ବୋଲି ଅଟୋ ବାଲାକୁ ବିଦା କରିଦେଲା । ହେ ପ୍ରଭୁ ବର୍ଷା କାଇଁ ବନ୍ଦ ହଉନି, ନୀଳା ଭାବୁଥିଲା ସକାଳ ସାତଟାରୁ ଆଜି ସେ କଲେଜ୍ ଯାଇଥିଲା, ଯୁକ୍ତ ତିନି ଶେଷ ବର୍ଷ ପିଲାମାନଙ୍କର ପ୍ରୋଜେକ୍ଟର ଇଭାଲୁଏସନ୍ ଥିଲା, ଫେରିଲା ବେଳକୁ ଲେଟ୍ ହେଲା, ବର୍ଷା ସକାଳୁ ଲାଗି ରହିଛି ଯେ ଛାଡୁନି ଜମା, ଲଘୁଚାପ ବର୍ଷା, ଛାଡୁଛି ପୁଣି ଜୋରରେ ବର୍ଷୁଛି, ଅଟୋବାଲା ବି କହିଲା ଦିଦି ମୋର ଆଉ ଗୋଟେ ଭଡା ଅଛି, ଆପଣଙ୍କର ଲେଟ୍ ହେବ କାଳେ, ଏଇଠି ଓହ୍ଲାଇ ଯାଆନ୍ତୁ, ତା ପାଖରେ ଛତା ନ ଥିଲା, କାହିଁକି ସେ ରହିଗଲା ଏଠି କେଜାଣି ? ତା ମୁଣ୍ଡରେ କିଛି ବୁଦ୍ଧି ପଶୁନଥିଲା, ନିର୍ମାଲ୍ୟ ମଧ ଘରକୁ ଫେରିଲା ବେଳକୁ ଟଙ୍କା ଉଠାଇବା ପାଇଁ ଏଟିଏମ୍ କାଉଣ୍ଟରକୁ ଆସିଥିଲେ, ସେ ଭୁବନେଶ୍ୱରରେ ଗୋଟେ ଘରୋଇ ବିଶ୍ୱବିଦ୍ୟାଳୟରେ ଆସିଷ୍ଟାଣ୍ଟ ପ୍ରଫେସର କାର୍‌ରେ ଯିବା ଆସିବା କରନ୍ତି କିନ୍ତୁ ଆଜି ସେ ବାଇକ୍‌ରେ ଯାଇଥିଲେ, ଡ୍ରାଇଭର ନ ଆସିବାରୁ , ତାଙ୍କ ପାଖରେ ଛତା ଥିଲା, ରେନ୍ କୋଟ୍ ନଥିଲା, କଣ କରିବେ ସେ ? ଏତେ ଜୋରରେ ବର୍ଷା ହଉଛି । ହଠାତ୍ ଲାଇନ୍ ବି କଟିଗଲା, ସାରା ସହରଟା ଗହଳ ଅନ୍ଧାରରେ ପରିପୂର୍ଣ୍ଣ, ଭୟଙ୍କର ଘଡଘଡି ଓ ବିଜୁଳି ଆଲୁଅ ଦେଖି ଖୁବ୍ ଭୟ ଲାଗୁଥିଲା ନୀଳାକୁ, ହଠାତ୍ ଏତେ ଜୋରରେ ଘଡଘଡି ମାରିଲା ଯେ ନୀଳା ଭୟରେ ଅତି ଅପ୍ରସ୍ତୁତ ଭାବେ ନିର୍ମାଲ୍ୟଙ୍କୁ ଜୋରରେ ଜାବୁଡି ଧରିଥିଲା ତାପରେ ପ୍ରକୃତିସ୍ଥ ହୋଇ ଚୁପଚାପ୍ ଛିଡା ହୋଇଥିଲା । ମୁହଁର ରଙ୍ଗ ତାର ହଠାତ୍ ବଦଳି ଯାଇଥିଲା, ଚୁପଚାପ୍ ଛିଡା ହୋଇଥିଲା, ନିର୍ମାଲ୍ୟ ଆରମ୍ଭ କଲେ ଆଗ ନିଜ ଆଡୁ ଚାଲନ୍ତୁ ଛତା ନେଇ ଆଗରେ ଥିବା କେଫ୍ ଏଣ୍ଡ କାଫେରେ କଫି ପିଇବା, ନୀଳାକୁ ଖୁବ୍ ଥଣ୍ଡା ଲାଗୁଥିଲା, ସେ ମୁଣ୍ଡ ହଲେଇ ହଁ କହିଲା ଦୁହେଁ ବସି କଫି ପିଉଥିଲେ, କଫି କପ୍‌ରୁ କିଛି ଢୋକ ନେଲା ପରେ ନିର୍ମାଲ୍ୟ ପଚାରିଲେ ନୀଳାକୁ ଆପଣ କଣ କରନ୍ତି ? ଘର କେଉଁଠି ? ନୀଳା କହିଲା ମୁଁ ଜଣେ ଅଧ୍ୟାପିକା, କଟକରୁ କୋଡିଏ କିଲୋମିଟର ଦୂରରେ କଲେଜ୍ ଅବସ୍ଥିତ । ପ୍ରତିଦିନ ବସ୍‌ରେ ଯିବା ଆସିବା କରେ, ଆଉ ଆପଣ ? ମୁଁ ଭୁବନେଶ୍ୱରରେ ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ମେକାନିକାଲ ଇଞ୍ଜିନିୟରିଂ ବିଭାଗରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟରତ, ପ୍ରତିଦିନ କାର୍‌ରେ ଯିବା ଆସିବା କରେ, ଆଜି ବାଇକ୍‌ରେ ଯାଇଥିଲି ଏମିତି ଗପସପ ଭିତରେ ବର୍ଷା ଥମି ଯାଇଥିଲା ଟିକେ, ଅଳ୍ପ ଝିପଝିପ୍ ବର୍ଷା ହଉଥିଲା । ନୀଳା କହିଲା ଆମ ଘର ଏଇ ପାଖରେ, ନିର୍ମାଲ୍ୟ ପ୍ରସ୍ତାବ ଦେଲେ ଚାଲନ୍ତୁ ମୁଁ ଆପଣଙ୍କୁ ଛତାରେ ଘରେ ଛାଡ଼ିଦେଇ ଆସିବି । ନୀଳା ଯିବାକୁ ରାଜି ହୋଇଗଲା, ନିର୍ମାଲ୍ୟ ଛତା ଧରିଥିଲେ ନୀଳା ତାଙ୍କ ପାଖରେ, ଗୋଟିଏ ଛତା ତଳେ ଦୁହେଁ, ବର୍ଷା ଜଳ ଛିଟକା ମାରି ଦେହରେ ପଡୁଥାଏ, ଦୀର୍ଘ ପଚିଶ ବର୍ଷ ପରେ ନିର୍ମାଲ୍ୟ ଯାଉଛନ୍ତି ଛତାରେ ଆଉ ଜଣେ ଝିଅ ସହିତ, ମନେ ପଡିଯାଉଥିଲା ଗହନ ସ୍ମୃତିର କଥା, ତାଙ୍କର ବୟସ ବାର ବର୍ଷ, ଆଉ ମୁନିର ବୟସ ସାତ । ଦୁହେଁ ବର୍ଷା ଦିନରେ ସାଙ୍ଗ ହୋଇ ଖୁବ୍ ଭିଜନ୍ତି ବର୍ଷାରେ, କାଗଜ ଡଙ୍ଗା କରି ଭସାନ୍ତି କିଏ କେତେ ତିଆରି କରି କି ଭସାଇବ, ସବୁବେଳେ ନିର୍ମାଲ୍ୟ ଜିତନ୍ତି, ମୁନିକୁ ସବୁବେଳେ ଚିଡାନ୍ତି ତା ହାତ ତିଆରି ଡଙ୍ଗା ଭାସୁନି ବୁଡିଯାଉଛି ବର୍ଷା ଜଳରେ, ମୁନି କାନ୍ଦି କାନ୍ଦି ଘରକୁ ପଳାଇ ଆସେ ନିର୍ମାଲ୍ୟ ହସି ହସି ଗଡିଯାଆନ୍ତି, ସତରେ ମୁନିଟା ନାକ କାନ୍ଦୁରି, ଏମିତି ଏମିତି ହେଇ ଦିନ କଟିଯାଉଥିଲା ମୁନିକୁ ଦିନେ ନ ଦେଖିଲେ ତାଙ୍କୁ ପାଗଳ ଭଳି ଲାଗୁଥିଲା, ତାଙ୍କର ସାରା ପିଲାଦିନଟା ମୁନିର ଘନିଷ୍ଠତାରେ ଭରପୁର ହୋଇ ରହିଥିଲା, ସେଇ ବର୍ଷ ବର୍ଷା ଦିନରେ ନଈବଢି ଦେଖିବା ପାଇଁ ଯାଇଥିଲେ ସମସ୍ତେ ଗାଁ ଲୋକେ, ନିର୍ମାଲ୍ୟ ଓ ମୁନି ଦୁହେଁ ଯାଇଥିଲେ, ଖୁବ୍ ଭୟଙ୍କର ଥିଲା ନଈବଢିର ଦୃଶ୍ୟ ,ହଠାତ୍ ଗୋଡ ଖସିଗଲା ମୁନିର କାଦୁଅରେ ଧସି ହୋଇ, ପାଣିର ସୁଅ ଭିତରେ ପଡିଗଲା ସେ ,ସମସ୍ତଙ୍କ ଆଖି ସାମ୍ନାରେ, ଯେତେ ଚେଷ୍ଟା କଲେ ବି ତାକୁ ପାଣି ଭିତରୁ କେହି ଆଉ ପାଇଲେନି, ଏମିତି ଏକ ଦୁଃଖଦ ସ୍ମୃତିକୁ ଭୁଲିପାରୁନଥିଲେ ନିର୍ମାଲ୍ୟ । ସେଇ ଦିନଠାରୁ ତାଙ୍କ ମନ ଭିତରେ ବର୍ଷା ଦିନ ପାଇଁ ଖୁବ୍ ଭୟ ରହିଯାଇଥିଲା, ପ୍ରତିଥର ବର୍ଷା ରେ ସେ ମୁନିକୁ ଖୋଜନ୍ତି ମନେମନେ , ଏମିତି ଭାବନା ଭିତରେ ନୀଳାର ଘର ଆସିଯାଇଥିଲା, ନୀଳା ଅନୁରୋଧ କଲା ତାଙ୍କୁ ଘର ଭିତରକୁ ଆସିବା ପାଇଁ, ନିର୍ମାଲ୍ୟ ଭିତରକୁ ଗଲେ, ସୋଫା ଉପରେ ବସିବାକୁ ଯାଉଛନ୍ତି ତ କାନ୍ଥରେ ଟଙ୍ଗା ହୋଇଥିବା ଏକ ଫଟୋ ଉପରେ ନଜର ପଡିଗଲା, ନିର୍ମାଲ୍ୟଙ୍କର ଦୃଷ୍ଟି ନିବଦ୍ଧ ହୋଇ ରହିଯାଇଥିଲା ଫଟୋ ଉପରେ, ଖୁବ୍ ଭାବପ୍ରବଣ ହୋଇପଡିଲେ , ନୀଳା ଆସିଲା ସାଙ୍ଗରେ କିଛି ସ୍ନାକ୍ସ ଓ ଚା ଦୁଇ କପ୍ ଟ୍ରେରେ ଆଣିଥିଲା, ନିର୍ମାଲ୍ୟଙ୍କର ଦୃଷ୍ଟି ହଟୁ ନ ଥିଲା ଫଟୋ ଉପରୁ, ନୀଳା ବି ଆଶ୍ଚର୍ଯ୍ୟ ହେଇଯାଇଥିଲା, ତାର ମନ ଭିତରେ କାହିଁକି କେଜାଣି ଏକ ପ୍ରକାରର ରୋମାଞ୍ଚ ସୃଷ୍ଟି ହେଉଥିଲା, ନୀଳା ଟିପୟ ଉପରେ ଟ୍ରେକୁ ରଖିଲା, ନିର୍ମାଲ୍ୟଙ୍କ ପାଖକୁ ଯାଇ କହିଲା ସାର୍ କଣ ଦେଖୁଛନ୍ତି ? ନିର୍ମାଲ୍ୟ ଉତ୍ତର ଦେଲେ ଏଇ ଫଟୋକୁ !! କାହାର ଫଟୋ ଇଏ ? ନୀଳା ପଚାରିଲା ଆପଣ ଚିହ୍ନିଛନ୍ତି କି ? ହଁ ନିଶ୍ଚୟ, ନୀଳା ଆଖିରେ ପ୍ରଶ୍ନବାଚୀ ! କେମିତି ଚିହ୍ନିଲେ ? ନିର୍ମାଲ୍ୟ ଭାବବିହ୍ୱଳ ହୋଇ କହିଲେ, ଇଏ ମୋ ପିଲାବେଳର ସାଙ୍ଗ ମୁନି, ଉଣେଇଶ ବର୍ଷ ହେଲାଣି ମୁଁ ତାକୁ ପ୍ରତ୍ୟେକ ବର୍ଷାରେ ଖୋଜୁଚି କିନ୍ତୁ ପାଉନି, ନୀଳା କହିଲା ଆଛା, ଆପଣଙ୍କ ନାଁ କଣ କହିଲେ ସାର ? ନିର୍ମାଲ୍ୟ ସେନ୍, ମ୍ୟାଡାମ୍ ଆପଣଙ୍କ ନାଁ ? ନୀଳା ଦତ୍ତ, ଓରଫ୍ ମୁନି ରାୟ ।

ନିର୍ମାଲ୍ୟଙ୍କ ପାଟିରୁ କଥା ବାହାରୁ ନଥିଲା, ସେ ଯେମିତି ନିଜର ବାକ୍ ଶକ୍ତି ହରାଇ ବସିଥିଲେ, ନୀଳା କହିଲା ହେଃ ଏତେ କଣ ଭାବୁଛନ୍ତି ? ମୁଁ ଆପଣଙ୍କର ପିଲାଦିନର ବାନ୍ଧବୀ ମୁନି, ଦେଖନ୍ତୁ ନା ମୋ ଡାହାଣ ହାତ ପାପୁଲି ମଝିରେ ଥିବା କଳାଜାଇକୁ, ନିର୍ମାଲ୍ୟ ବିବାକ୍ ହୋଇ ଚାହିଁ ରହିଥିଲେ ନୀଳାକୁ, ଇଏ କି ଚମତ୍କାରିତା, ସମୟ ଅନୁସାରେ ନିର୍ମାଲ୍ୟ ଓ ମୁନି ଦୁହିଁଙ୍କର ଚେହେରା ଅନେକାଂଶରେ ବଦଳି ଯାଇଥିଲା, ମୁନି ନଈବଢିର ଅତଡା ଜଳରେ ଭାସି ଯାଇଥିଲା, ଆଉ ମିଳିନଥିଲା କିଛି ପତ୍ତା ତାର, ସେବେଠାରୁ ବର୍ଷା ଦିନ ଆସିଲେ ମୁନିକୁ ଖୁବ୍ ଖୋଜନ୍ତି ମନେମନେ, ତାଙ୍କର ଘନିଷ୍ଠ ସାଙ୍ଗ ରୂପେଶ୍ କୁହେ ଆରେ ତୁ ତୋ ରିସର୍ଚ୍ଚ ପେପର୍‌ର ଟାଇଟଲ୍ ଦେଇ ଦେ ବର୍ଷା ଦିନରେ ମୁନିର ଅନ୍ୱେଷଣରେ.......ମୁଁ ।

ଆଜି ଏତେ ପାଖରେ ମୁନି !!! କେମିତି ସମ୍ଭବ ହେଲା ? ମୁନି ଗପୁଥିଲା ତାର କାହାଣୀ, ସେ ପ୍ରବଳ ଜଳସ୍ରୋତରେ ଭାସି ଭାସି ଯାଇ ଲାଗିଲା ଗୋଟେ ଢିପରେ, ସେଇଠି ଜଣେ ମହିଳା ତାକୁ ଦେଖିଲେ ପ୍ରଥମେ, ଗାଁ ସାରା ଲୋକଙ୍କୁ ଡାକ ପକାଇଲେ, ସମସ୍ତେ ଆସି ପହଞ୍ଚିଗଲେ, ମୁନିର ଚେତା ନଥିଲା, ଚେତା ଫେରିଲା ବେଳକୁ ସେ ନିଜକୁ ଆବିଷ୍କାର କରିଥିଲା ହସ୍ପିଟାଲର ବେଡ୍‌ରେ, ସେ ମହିଳାଙ୍କ ସ୍ନେହରେ ସେ ଭୁଲିଯାଇଥିଲା ନିଜକୁ, ଏମିତିରେ ତାର ହଠାତ୍ ସ୍ମୃତି ଶକ୍ତି ବି ଲୋପ ପାଇଯାଇଥିଲା, ଡାକ୍ତରଙ୍କ ଚିକିତ୍ସାରେ ରହିଲା ପରେ ଧିରେ ଧିରେ କିଛି ବର୍ଷ ପରେ ସବୁ ମନେ ପଡିଥିଲା, ହେଲେ ସେ ଏମିତି ବାନ୍ଧି ହୋଇଯାଇଥିଲା ସ୍ନେହ ଓ ମମତ୍ୱବୋଧର ଦେବୀଙ୍କ ପାଖରେ ଯେ, ନିଜର ପରିଚୟ ବାଧ ହୋଇ ଗୋପନ ରଖିଥିଲା, ସେ ତାର ନାଁ ରଖିଥିଲେ ନୀଳା, ଦୁନିଆରେ ସେ ଏକାକୀ ଥିଲେ, କେହି ସେମିତି ସଂପର୍କୀୟ ନ ଥିଲେ ତାଙ୍କର, ସେ ଦେବୀ ଜଣକ ସହରରେ ଥିବା ତାଙ୍କର ସମସ୍ତ ସ୍ଥାବର ଅସ୍ଥାବର ସଂପତ୍ତି ନୀଳା ନାଁରେ କରି ଦୁନିଆରୁ ଚାଲି ଯାଇଥିଲେ ବ୍ରେନ୍ କ୍ୟାନସର୍‌ରେ ।

ନୀଳା ନିଜର ସ୍ମୃତି ଶକ୍ତି ଫେରି ପାଇବା ଦିନଠାରୁ ପ୍ରତି ମୁହୂର୍ତ୍ତରେ ଘର କଥା ଓ ନିର୍ମାଲ୍ୟଙ୍କ କଥା ମନେପକାଉଥିଲା, ଏ ପର୍ଯ୍ୟନ୍ତ ସେ ତାର ବାପା ଓ ମାଆଙ୍କ ବିଷୟରେ କିଛି ବି ଜାଣିନି ? ସେମାନେ କେଉଁଠି ଅଛନ୍ତି ଗାଁରେ କି ସହରରେ ? ଆଶ୍ଚର୍ଯ୍ୟ ଚକିତ ହୋଇ ଶୁଣୁଥିଲେ ନିର୍ମାଲ୍ୟ ନୀଳାର କଥା ସବୁ, ବାହାରେ ପ୍ରବଳ ବର୍ଷା ପୁଣି ଆରମ୍ଭ ହୋଇଯାଇଥିଲା, ନୀଳା କହୁଥିଲା ଆପଣ କେମିତି ଘରକୁ ଫେରିବେ ? ବାଇକ୍ ତ ରଖି ଦେଇ ଆସିଲେ ସେଠି । ଘରେ ଆପଣଙ୍କୁ ସମସ୍ତେ ଅପେକ୍ଷା କରିଥିବେ ।

ନିର୍ମାଲ୍ୟ ଠୋ ଠୋ ହୋଇ ହସୁଥିଲେ, କିଏ ମୋତେ ଘରେ ଅପେକ୍ଷା କରିଥିବେ ? କେହି ମୋର ନାହାନ୍ତି ଏଇ ଦୁନିଆରେ, ସାଙ୍ଗ ମାନଙ୍କ ଛଡା, ବାପା ବୋଉ କେବେଠାରୁ ଚାଲି ଗଲେଣି ଦୁନିଆ ଛାଡି ।

ତମ ସାଙ୍ଗରେ ପୁଣି ଥରେ ଏଇ ଜନ୍ମରେ ଦେଖାହେବ ଏକଥା ମୁଁ କେବେ ଭାବିନଥିଲି, ସତରେ କେତେ ବିଚିତ୍ର ଏଇ ଜୀବନର କାହାଣୀ । ନିର୍ମାଲ୍ୟ କହୁଥିଲେ ଆଜି ମୁନି ତମେ ମୋର ଏତେ ପାଖରେ, ମୋତେ ଲାଗୁଚି ଯେପରି ଏତେ ବର୍ଷ ହେଲାଣି ବର୍ଷାରେ ଅନେଷ୍ୱଣ କରି କରି ଆଜି ଘୋର ବର୍ଷାରେ ମୁଁ ମାୟା ମୃଗୁଣୀର ସନ୍ଧାନ ପାଇଯାଇଛି । ମୁନି ଆଖି କୋଣରେ ଖୁସିର ଲୁହ ବୁନ୍ଦା ଚିକଚିକ୍ କରୁଥିଲା । ନିର୍ମାଲ୍ୟ ଭାବୁଥିଲେ ଏଇ ଜୀବନରେ କେତେବେଳେ କାହା ପାଇଁ କଣ ଘଟୁଛି ସବୁ ସେଇ ବିଶ୍ୱନିୟନ୍ତା ଙ୍କର ଲୀଳା, ରାତି ବଢୁଥିଲା, ବର୍ଷା ଲାଗି ରହିଥିଲା, ନିର୍ମାଲ୍ୟ କିନ୍ତୁ ନୀଳା ଠାରୁ ବିଦାୟ ନେଇଥିଲେ,ଏକାଏକା ଏକ ନିର୍ଭର ଓ ପ୍ରତିକ୍ଷୀତ ସକାଳର ଆକାଂକ୍ଷା ନେଇ .....।


+ୟୁ ଏନ୍ କଲେଜ୍
ଅଡଶପୁର କଟକ
ମୋ :୯୯୩୮୪୪୦୯୪୯

# ଶିକ୍ଷକଙ୍କ ସ୍ମୃତିରେ ପ୍ରତିଭା ଓ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ଉତ୍ସବ



ନୟାଗଡ଼ (୨୯/୯):ରଣପୁର ବ୍ଲକ୍ ନରେନ୍ଦ୍ରପୁର ପଞ୍ଚାୟତସ୍ଥ ବାସୁଦେବ ଦୁର୍ଯ୍ୟୋଧନ ଆଞ୍ଚଳିକ ବିଦ୍ୟାପୀଠରେ ଆଜି ବିଦ୍ୟାଳୟର ଅନ୍ୟତମ ପ୍ରତିଷ୍ଠାତା ତଥା ପ୍ରାକ୍ତନ ସମ୍ପାଦକ ଚକ୍ରଧର ସ୍ୱାଇଁଙ୍କର ନବମ ବାର୍ଷିକ ସ୍ମୃତି ସମାରୋହ ମହନ୍ତ ଗୋପାଳ ଚରଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବରେ ରଣପୁର ବିଧାୟିକା ତଥା ରାଜ୍ୟ ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସୁସ୍ଥ ସମାଜ ଗଠନରେ ଶିକ୍ଷକ ମାନଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ଅଭିଭାଷଣ ରଖିଥିଲେ। ମୁଖ୍ୟବକ୍ତା ଭାବରେ ବାହାଡାଝୋଲା ମହାବିଦ୍ୟାଳୟର ଅର୍ଥନୀତି ଅଧ୍ୟାପକ ସର୍ବେଶ୍ୱର ସାହୁ ଯୋଗଦେଇ ରାମକୃଷ୍ଣ ବିବେକାନନ୍ଦଙ୍କ ଭଳି ଆଦର୍ଶ ଗୁରୁ ଶିଷ୍ୟ ପରମ୍ପରାର ଅବତାରଣା କରିଥିଲେ। ସମ୍ମାନିତ ଅତିଥି ଭାବରେ ଯୁବ ଶିକ୍ଷୋଦ୍ୟୋଗୀ ରମେଶ ଚନ୍ଦ୍ର ସାହୁ ଓ ପ୍ରଧାନଶିକ୍ଷୟିତ୍ରୀ ସୁଶ୍ରୀ ମଧୁସ୍ମିତା ପୃଷ୍ଟି, ନିରଞ୍ଜନ ପାଇକରାୟ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଗୁରୁଭକ୍ତି, ଅଧ୍ୟବସାୟ ଓ ଉଦ୍ୟମଶୀଳତା ବିଷୟରେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ରଘୁନାଥ ଦଳବେହେରା, ଗୋପୀନାଥ ଖାଡ଼ଙ୍ଗା, ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ଶ୍ୟାମସୁନ୍ଦର ବିଶ୍ୱାଳ, ସନ୍ତୋଷ କୁମାର ସାହୁ ପ୍ରମୁଖ ଦିବଂଗତ ଶିକ୍ଷକଙ୍କ ସ୍ମୃତିଚାରଣ ସହିତ ବିଦ୍ୟାର୍ଥୀ ମାନଙ୍କୁ ଉଦବୋଧନ ଦେଇଥିଲେ। ଭକ୍ତବଳ୍ଲଭ ପଟ୍ଟନାୟକ ଓ ଅମ୍ରିତା ସିଂହ ସ୍ମୃତି କବିତା ପାଠ କରିଥିଲେ। ପ୍ରାକ୍ତନ ଛାତ୍ରୀ ମାନସୀ ପୃଷ୍ଟି ଓ ଅଜୟ କୁମାର ପାଳଙ୍କ ସଂଗୀତ ନିର୍ଦ୍ଦେଶନାରେ ଛାତ୍ରୀମାନେ ସ୍ୱାଗତ ଗୀତିକା ପରିବେଷଣ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କୁମାର ଗୁମାନସିଂହ ଅତିଥି ପରିଚୟ ସହିତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମାଟ୍ରିକ୍ ୨୦୨୪ ପରୀକ୍ଷାର କୃତୀ ଛାତ୍ର ସତ୍ୟବ୍ରତ ପୃଷ୍ଟି ଓ ସତ୍ୟପ୍ରକାଶ ସ୍ୱାଇଁ, ମେଡିକାଲ ଛାତ୍ର ନିକୁଞ୍ଜ ବିହାରୀ ରାଉତରାୟ, ଆଦର୍ଶ ଶିକ୍ଷୟିତ୍ରୀ ସତ୍ୟଭାମା ବେହେରାଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ବାଚସ୍ପତି ଶ୍ରୀମତୀ ପାଢ଼ୀଙ୍କୁ ବିଦ୍ୟାଳୟ ତଥା ପଞ୍ଚାୟତବାସୀଙ୍କ ତରଫରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଦ୍ୟାଳୟରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶେଷରେ ଶିକ୍ଷକ ଶରତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଡାଲଖାଇ ଫାଉଣ୍ଡେସନ ତରଫରୁ ନୂଆଁଖାଇ ପାଳିତ



ବାଙ୍ଗାଲୋର,୨୯।୦୯(ନି.ପ୍ର.): ପ୍ରବାସରେ ପ୍ରଦେଶର ମହକ। ଡାଲଖାଇ ଫାଉଣ୍ଡେସନ ପରିବାର ତରଫରୁ ପଶ୍ଚିମ ଓଡିଶାର ମହାନ୍ ଗଣପର୍ବ ନୂଆଁଖାଇ ବାଙ୍ଗାଲୋର ଠାରେ ମହା ଜାକଜମକରେ ପାଳିତ ହୋଇଯାଇଛି। ସକାଳୁ ମା ଙ୍କ ପୂଜା ପରେ ସମସ୍ତେ ତଳେ ବସି ଓଡିଶାରୁ ଆସିଥିବା ନୂଆ ଚାଉଳ,ଚୂଡ଼ା ଭୋଗ ଲାଗି ହେଲା ପରେ ସମସ୍ତେ ନୂଆ ଖାଇଲେ ଓ ପଞ୍ଚାମୃତ ପାଇଲେ। ପରେ ସମସ୍ତେ ବଡ ମାନଙ୍କୁ ମୁଣ୍ଡିଆ ମାରିଥିଲେ । ଭାରତର ବିଭିନ୍ନ ଅନୁଷ୍ଠାନ ସହିତ ବାଙ୍ଗାଲୋର ସ୍ଥିତ ଅନେକ ଅନୁଷ୍ଠାନ ମାନଙ୍କରୁପ୍ରାୟ ୧୦୦୦ ରୁ ଉର୍ଦ୍ଧ୍ୱ ବାଙ୍ଗାଲୋର କୃଷ୍ଣରାଜପୁରମସ୍ଥିତ ଆଇ ଟି ଆଇ ଅଫିସର କ୍ଲବ ଠାରେ ଏହି ନୂଆଁଖାଇ ପର୍ବରେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଭାବରେ ଇସ୍ରୋ ବୈଜ୍ଞାନିକ ଡ଼ଃ ଶରତ ଚନ୍ଦ୍ର ଦାଶ, ମେଜର ସଞ୍ଜୟ ମେହରୋତ୍ରା, ଲ୍ୟୁଟନେଣ୍ଟ ଶ୍ରୀ ଦେବେନ୍ଦ୍ର ଗେହଲୋଟ, ଶ୍ରୀ ରାଜେନ୍ଦ୍ର ଜି, ପ୍ରବୀଣ ଅଗ୍ରୱାଲ, ପ୍ରିୟା ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ । ପରିବାରର ମୁରବୀ ଶ୍ରୀ ଯତୀନ ମିଶ୍ର ଓ ଶ୍ରୀମତୀ ଜ୍ୟୋତ୍ସ୍ନା ମିଶ୍ର ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମହାନ ଗଣପର୍ବରେ ସର୍ବଶ୍ରୀ ପାର୍ଥ ସାରଥୀ ଦାଶ, ଆଶ୍ରା ଦାଶ, ତାପସ ରାଜ ମହାରଣା, ସୂର୍ଯ୍ୟ ମହାପାତ୍ର, ରୀନା ମହାପାତ୍ର, ମାନସ ଦାଶ, ଦାଶରଥି ମିଶ୍ର, ରଞ୍ଜୀବ ରଣା, ଅଭିଜିତ ପାତ୍ର, ଶ୍ରାବଣୀ ପାତ୍ର, ମିତ୍ରଭାନୁ ମେହେର, ସୁରେଖା ମେହେର, ବନାନୀ ପାଣିଗ୍ରାହୀ, ବିନୋଦ ପଟେଲ, ଆଶା ପଟେଲ, ମନମୋହନ ପଟେଲ, ଜୟଶ୍ରୀ ପଟେଲ, ସୋନାଲି ମିଶ୍ର, ବାଞ୍ଛା ମିଶ୍ର, ସ୍ନିଗ୍ଧା ରାଣୀ ମିଶ୍ର, ଶାନ୍ତନୁ ମେହେର, ଫିରୋଜ ମେହେର, ବାବୁନ ମିଶ୍ର, ଶଶିକାନ୍ତ ଦୀପ, ପ୍ରଜ୍ଞା ଦାଶ , ସଞ୍ଜୟ ବିଶି, ଲୋପମୁଦ୍ରା ବିଶି, ଆଦିତ୍ୟ ଶତପଥୀ, ଶାନ୍ତନୁ ପଣ୍ଡା, ଆଶୁତୋଷ , ପିଣ୍ଟୁ, ସନ୍ତୋଷ, ସିଦ୍ଧାର୍ଥ, ସଞ୍ଜୀବ ପାଣିଗ୍ରାହୀ, ଡଃ ପଙ୍କଜା , ଅଲିଭା ,ରାକେଶ , ଲିପିକା ମେହେର, ବିମଳ ମିଶ୍ର, ରଞ୍ଜୁ ମିଶ୍ର , ଓମ ହୋତା, ସ୍ୱାଗତିକା ହୋତା ପ୍ରମୁଖ ଭୂମିକା ତୁଲାଇଥିଲେ।

ଓଡିଶାରୁ ଶିଶୁ କଳାକାର ଅର୍ଚ୍ଚିତା ମହାପାତ୍ର ଏଥିରେ ସଂଯୋଜନା କରିଥିଲେ । ଗୁରୁ ଶ୍ରୀମତୀ ମଧୂଲିତା ମହାପାତ୍ର, ତାଙ୍କର ଶିଷ୍ୟ, ଗୁରୁ ଶ୍ରୀମତୀ ମାଳବିକା ଜେନା ଓ ତାଙ୍କର ଶିଷ୍ୟ, ମନୋଜ ଓ ତାଙ୍କର ଅନୁଷ୍ଠାନର କର୍ମୀ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ । ପରିବାରର ସ୍ମୃତି ସହିତ ଆରିସା, କାକରା, ଛେନାପୋଡ଼, ଲେଥା (ଆମ୍ବିଳ), ଘାଣ୍ଟ, ପୋଟଳ ରସା, ଭଜା ଆହୁରି କେତେ କଣ ବ୍ୟଞ୍ଜନ ଆଗତ ସମସ୍ତ ଅତିଥି ଓ ପରିବାର ବର୍ଗଙ୍କୁ ମାଟି କଥା ମନେ ପକେଇଦେଇଥିଲା । ଆଗାମୀ ବର୍ଷକୁ ସାମାଜିକ କାର୍ଯ୍ୟ ସହିତ ନୂଆଁଖାଇ ଆହୁରି ସୁନ୍ଦର ଭାବରେ କରାଯିବ ବୋଲି ଅନୁଷ୍ଠାନର ସଦସ୍ୟ ମାନେ କହିଛନ୍ତି ।

# ଶ୍ରଦ୍ଧା ଓ ସମ୍ବେଦନଶୀଳତାର ସ୍ୱର ଓ ସ୍ୱାକ୍ଷର ବହନ କରୁଥିବା ଗଳ୍ପ ହିଁ କାଳଜୟୀ

## କଥାକାର ପ୍ରଦୋଷ ମିଶ୍ରଙ୍କୁ 'ଅକ୍ଷର କଥାକାର ସମ୍ମାନ-୨୦୨୪'




ବାଲେଶ୍ୱର, ତା୨୯-୦୯: ଶିକ୍ଷା ଓ ଜ୍ଞାନର ଦିବ୍ୟଦୃଷ୍ଟି 'ପ୍ରଜାପତି' ଅନୁଷ୍ଠାନର ସାହିତ୍ୟ ଶାଖା 'ଅକ୍ଷର'ର କଥା ସାହିତ୍ୟ ପର୍ବ 'ଆମ କଥାକାର ଓ ସମ୍ମାନ ପ୍ରଦାନ ଉତ୍ସବ' ସ୍ଥାନୀୟ ଆତିଥ୍ୟ ସମ୍ମିଳନୀ କକ୍ଷରେ ଏକ ଭାବଗମ୍ଭୀର ପରିବେଶ ଭିତରେ ଅନୁଷ୍ଠିତ ହୋଇଯାଇଅଛି। ଏହି କଥା ସାହିତ୍ୟ ଉତ୍ସବଟି ଆମ ମାଟିର ସଫଳ କଥାକାର ପ୍ରଣମ୍ୟ ସ୍ରଷ୍ଟା ସଦାନନ୍ଦ ଦାସଙ୍କ ପବିତ୍ର ସ୍ମୃତିରେ ସମର୍ପିତ ହୋଇଅଛି। 'ପ୍ରଜାପତି'ର ପ୍ରତିଷ୍ଠାତା କବି ପ୍ରଶାନ୍ତ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବକୁ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ହରେକୃଷ୍ଣ ସାହୁ ଉଦ୍‌ଘାଟନ କରି କହିଲେ 'ସାମାଜିକ ଶ୍ରଦ୍ଧା ଓ ସମ୍ବେଦନଶୀଳତାର ସ୍ୱର ଓ ସ୍ୱାକ୍ଷର ବହନ କରୁଥିବା ଗଳ୍ପମାନ ହିଁ କାଳଜୟୀ।' କଥାସାହିତ୍ୟ ଜୀବନକୁ ନିର୍ମାଣ କରିବା ସହ ସମାଜକୁ ନିର୍ମାଣ କରୁବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଗାଳ୍ପିକ ଓ ଔପନ୍ୟାସିକ ଚିତ୍ତରଞ୍ଜନ ଚିରଞ୍ଜିତ ଯୋଗଦାନ କରି ଭାବ ପ୍ରବାହୀ ଭାଷା ଓ ଉନ୍ନତ ଶୈଳୀ ହିଁ ଗଳ୍ପର ମର୍ଯ୍ୟାଦା ବୃଦ୍ଧି କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥିଭାବେ କବି ଓ ସଂପାଦକ କୃଷ୍ଣ କୁମାର ମହାନ୍ତି କ୍ଷୁଦ୍ର ଗଳ୍ପ ହେଉଛି ଏକ ସଚେତନ କଳାଶିଳ୍ପ ଓ କଥାକାରର ଆବେଗସିକ୍ତ ଗଭୀର ହୃଦୟାନୁଭୂତିର ପରିପ୍ରକାଶ ବୋଲି କଥା ରଖିଥିଲେ। କଥାକାର ପ୍ରଦୋଷ ମିଶ୍ରଙ୍କୁ ଚଳିତବର୍ଷ ରାଜ୍ୟସ୍ତରୀୟ ମର୍ଯ୍ୟାଦାଜନକ 'ଅକ୍ଷର କଥାକାର ସମ୍ମାନ-୨୦୨୪' ପ୍ରଦାନ କରାଯାଇଥିଲା। ପୁରସ୍କାର ଅର୍ଥରାଶି, ମାନପତ୍ର, ଉପଢୌକନ ଓ ଉତ୍ତରୀୟ ଅତିଥିମାନେ ପ୍ରଦାନ କରିଥିଲେ। ସମ୍ମାନ ଗ୍ରହଣ କରି କଥାକାର ମିଶ୍ର କହିଲେ ଯେ କ୍ଷୁଦ୍ରଗଳ୍ପ ସ୍ୱଳ୍ପତମ ବ୍ୟାପ୍ତି ମଧ୍ୟରେ ବୃହତ୍ତମ ସତ୍ତାକୁ ପ୍ରତିଫଳିତ କରେ ଓ ଅତିକଥନକୁ ପରିହାର କରିଥାଏ। ଏହି ସମ୍ମାନ ମୋତେ ଅତ୍ୟନ୍ତ ଆନନ୍ଦ ପ୍ରଦାନ କରିଅଛି। କବି ଓ ଗାଳ୍ପିକ ଗଙ୍ଗାଧର ବିଶ୍ୱାଳ କଥାକାର ପ୍ରଦୋଷ ମିଶ୍ରଙ୍କ ସୃଷ୍ଟି ସଂପର୍କରେ ଏକ ବିଶେଷ ବକ୍ତବ୍ୟ ପ୍ରଦାନ କରିଥିଲେ। ସୁଲଗ୍ନା ଶିକ୍ଷା ଅନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ଘନଶ୍ୟାମ ବିଶ୍ୱାଳ ଅନୁଭବ କଥାରେ ଶୈଶବରେ ଗପ କେମିତି ଜୀବନକୁ ଗଢ଼ିଥାଏ ସେ ବିଷୟରେ କଥା ରଖିଥିବାବେଳେ ଆଇନଜୀବୀ ପର୍ଶୁରାମ ପ୍ରଧାନ ନିଜ କଥା ରଖିଥିଲେ। ପ୍ରାରମ୍ଭରେ ସଂପାଦକ ରାଜେଶ ଗିରି ପ୍ରଥମ କଥା ଓ ସଂଯୋଜକ ବିପ୍ଲବ ଦାସ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କବି ମଧୁସୂଦନ ମିଶ୍ର ମାନପତ୍ର ପଠନ କରିଥିଲେ। ଚଳିତବର୍ଷ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ଲାଭ କରିଥିବା ଯୁବ କଥାକାର ସଂଜୟ ପଣ୍ଡା ଓ କହ୍ନେଇଲାଲ୍ କଥା ସମ୍ମାନ ଗ୍ରହଣ କରିଥିବା କଥାକାର ଚିତ୍ତରଂଜନ ଚିରଞ୍ଜିତଙ୍କୁ ବିଶେଷ ସମ୍ବର୍ଦ୍ଧନା 'ଆମ ଅକ୍ଷର କଥାକାର-୨୦୨୪' ପ୍ରଦାନ କରାଯାଇଥିଲା। ଉତ୍ସବ ଆରମ୍ଭରେ 'ସ୍ୱରାଗିଣୀ' ଅନୁଷ୍ଠାନର ଶିକ୍ଷୀଗଣ ଗୁରୁ ମୋନାଲିସା ମହାନ୍ତିଙ୍କ ପରିଚାଳନାରେ ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିବା ବେଳେ 'ନୃତ୍ୟାୟନ'ର ଶିକ୍ଷୀଗଣ ଗୁରୁ ପ୍ରଦୀପ ବେହେରାଙ୍କ ପରିଚାଳନାରେ ଶେଷ ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ସମ୍ମାନ ଗ୍ରହଣ କରିଥିବା କଥାକାର ପ୍ରଦୋଷ ମିଶ୍ରଙ୍କୁ ବିଭିନ୍ନ ଅନୁଷ୍ଠାନ 'ଗଦ୍ୟାଂଶ', 'ସୁଲଗ୍ନା', 'ସିଦ୍ଧି ବିନାୟକ', 'ସାଇ ଶିଶୁ ବିଦ୍ୟାମନ୍ଦିର', 'ତୋଷିଳା ଶିକ୍ଷାନୁଷ୍ଠାନ', 'ଜ୍ଞାନଶ୍ରୀ' ପ୍ରଭୃତି ଅନୁଷ୍ଠାନ ତରଫରୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହାକୁ ପରିଚାଳନା କରିଥିଲେ ଅମରଜିତ୍ ଦାସ। ଏହି ଉତ୍ସବକୁ ପାର୍ଥସାରଥୀ ସାହୁ, ସରସ୍ୱତୀ ଭୋଇ, ପ୍ରତିମା ତ୍ରିପାଠୀ, ଶୁଭ୍ରାଂଶୁ ପଣ୍ଡା, ରଶ୍ମିତା ଆଚାର୍ଯ୍ୟ, ସଂଜିବ୍ ନାୟକ ସହଯୋଗ କରିଥିବା ବେଳେ ଓ ସନ୍ତୋଷ ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ।

# ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ସୁବର୍ଣ୍ଣ ଜୟନ୍ତୀ ନିମନ୍ତେ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ




ବାରିପଦା,୨୯।୦୯(ନି.ପ୍ର.): ତକତପୁରସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱଂୟ ଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷ ରେ ବାଣିଜ୍ୟ ବିଭାଗ ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ସାଧାରଣ ପରିଷଦ ବୈଠକ ଡ଼. ଈଶ୍ୱର ଚନ୍ଦ୍ର ଜେନାଙ୍କର ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ବାଣିଜ୍ୟ ବିଭାଗ ର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ନଭେମ୍ବର ୯ଏବଂ ୧୦ ତାରିଖ ରେ ଅନୁଷ୍ଠିତ ହେବ। ଏହି ବୈଠକ ରେ ହେବାକୁ ଥିବା ସମସ୍ତ କାର୍ଯ୍ୟ ର ସମୀକ୍ଷା କରାଯିବା ସହିତ ବିଭିନ୍ନ କାର୍ଯ୍ୟ ନିମନ୍ତେ ବ୍ୟୟ ବରାଦ କରାଯାଇଥିଲା। ଆଜିର ଏହି ବୈଠକ ରେ ମହାବିଦ୍ୟାଳୟ ର ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ ଚନ୍ଦ୍ର ସାହୁ, ଡ଼. ଦୀପକ କୁମାର ବେହେରା, ଡ଼. ଉପେନ୍ଦ୍ର ନାଥ ସାହୁ, ଡ଼. ଅନାମ ଚରଣ ରାଉଳ, ପୂର୍ଣେନ୍ଦୁ କୁମାର ଦାସ, ଡ଼. ସନ୍ଦୀପ କୁମାର ପଟ୍ଟନାୟକ, ପ୍ରଦୀପ କୁମାର ନାୟକ, ଜୀବନ କୁମାର ସାହୁ, ରାଜୀବ କୁମାର ପାତ୍ର, କୃଷ୍ଣ ଚନ୍ଦ୍ର ନାୟକ, ପ୍ରଦୀପ କୁମାର ସର୍ଗରିଆ, ପ୍ରଦୀପ କୁମାର ପାଣିଗ୍ରାହୀ, ଯ୍ୟାନରଜନ ପଣ୍ଡା, ସୀମା ଅଗ୍ରୱାଲ, ରାକେଶ କୁମାର ବେହେରା, ପ୍ରଭାତ ସାହୁ, ରାଜୀବ କୁମାର ସାହୁ, ଦୀପକ ଖଣ୍ଡେଲୱାଲ୍, ଜ୍ୟୋତିକୃଷ୍ଣ ପଲେଇ, ସୁଜିତ୍ କୁମାର ଭଞ୍ଜ, ଅଶୋକ କୁମାର ଦାସ, ରାଇମଣୀ ମାର୍ଣ୍ଡୀ, ଚିନ୍ମୟ କୁମାର ଦାସ ପଟ୍ଟନାୟକ, ଜଗଦୀଶ ଚନ୍ଦ୍ର ଘଡ଼େଇ, ମହେଶ ମହାପାତ୍ର, ପ୍ରୀତିଶ ବସା, ଡ଼. ଶ୍ରୀତମ ଦାସ,ସକାଲା ମାଝୀ, କଳିଙ୍ଗ କେଶରୀ ଜେନା, ଓ ଅନ୍ୟମାନେ ଆଲୋଚନା ରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଶେଷରେ ଡ଼. ଆଶୁତୋଷ ପ୍ରୟାସ ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଉପ ମୁଖ୍ୟମନ୍ତ୍ରୀଙ୍କର ବାଙ୍ଗାଲୋର ପ୍ରବାସୀମାନଙ୍କ ସହିତ ବୈଠକ



ବାଙ୍ଗାଲୋର,୨୯।୦୯(ନି.ପ୍ର.): ଓଡ଼ିଶାର ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ବାଙ୍ଗାଲୋର ଠାରେ ଏକ ଉଚ୍ଚସ୍ତରୀୟ ବୈଠକରେ ବୌଦ୍ଧିକ ବ୍ୟକ୍ତିବୃନ୍ଦ, ଆଇ ଟି କମ୍ପାନୀ ମୁଖ୍ୟ, ବ୍ୟବସାୟୀବୃନ୍ଦ ଓ ସଙ୍ଗଠନ ପ୍ରମୁଖ ମାନଙ୍କ ସହିତ ଆଲୋଚନା କରିଥିଲେ । ସଂସ୍କୃତି ମନ୍ତ୍ରଣାଳୟ ଓ ଉପ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ଅନୁରୋଧ କ୍ରମେ ଏଇ ଆଲୋଚନା କରାଯାଇ ଥିଲା । ବୌଦ୍ଧିକ ସମ୍ପ୍ରଦାୟକୁ ନେତୃତ୍ୱ କରିଥିଲେ ବାଙ୍ଗାଲୋର ଓଡ଼ିଆ ସାହିତ୍ୟ ସମାଜର ଅଧ୍ୟକ୍ଷ ଓ ଇସ୍ରୋର ବୈଜ୍ଞାନିକ ଡ଼ଃ ଶରତ ଚନ୍ଦ୍ର ଦାଶ । ନିଜର ସ୍ୱଳ୍ପ ସମୟ ରହଣି ମଧ୍ୟରେ ବାଙ୍ଗାଲୋର ଓ କର୍ଣ୍ଣାଟକର ଅନ୍ୟାନ୍ୟ ସ୍ଥାନ ମାନଙ୍କରେ ରହୁଥିବା ଓଡ଼ିଆ ମାନଙ୍କର ଅସୁବିଧା ଓ ଆବଶ୍ୟକତା ଗୁଡିକ ଉପରେ ପୁଙ୍ଖାନୁପୁଙ୍ଖ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ ଅନୁଷ୍ଠାନ ପ୍ରମୁଖ ସବୁ । ଶ୍ରୀମତୀ ପରିଡ଼ା, ଅନ୍ୟ ରାଜ୍ୟରେ ଓଡ଼ିଆ ବ୍ୟବସାୟୀ ମାନଙ୍କର କାର୍ଯ୍ୟଭିତ୍ତିକ ଆବଶ୍ୟକତା, ତୃଣମୂଳ ସ୍ତରରେ ପ୍ରବାସରେ ରହୁଥିବା ଓଡ଼ିଆ ମାନଙ୍କର ଦୁଃଖ ଓ ବାହାରେ ରହୁଥିବା ଓଡ଼ିଆ ମାନଙ୍କର ଓଡ଼ିଶାର ବିକାଶରେ ଭାଗିଦାରୀ ବିଷୟରେ ଶୁଣିଥିଲେ ଓ ସରକାରଙ୍କ ତରଫରୁ କିଭଳି ଏହାକୁ ତ୍ୱରାନ୍ୱିତ କରିବା ସହିତ ମୁଖ୍ୟଧାରାରେ ସେମାନଙ୍କ ମିଶା ଯାଇ ପାରିବ ଏହା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଆଲୋଚନାରେ ଇସ୍ରୋର ବୈଜ୍ଞାନିକ ଡ଼ଃ ଶରତ ଚନ୍ଦ୍ର ଦାଶ, ଶୁଶ୍ରୁତିଟେକ୍ ପ୍ରମୁଖ ତାପସ ରାଜ୍ ମହାରଣା, ନିଭିସ୍କା ସିଷ୍ଟମ ପ୍ରମୁଖ ଦୁର୍ଯ୍ୟୋଧନ ମିଶ୍ର, ଭି ଥ୍ରୀ ନେଟୱର୍କ ପ୍ରମୁଖ ଆଦିତ୍ୟ ପାଢ଼ୀ, ବ୍ଲାଜି ରୋଡ୍‌ୱେଜ ପ୍ରମୁଖ ଦଉହରି ମାଝୀ, ଆଇଓସିସ ପ୍ରମୁଖ ସୌମ୍ୟ ମହାରଣା ଓ ସୁନିତା ମହାରଣା , ଇନମୋବି ବର୍କ୍ସପେଶ ଭାରତ ତରଫରୁ ରବିନାରାୟଣ ତ୍ରିପାଠୀ , ସର୍ଜପୁରା ଜଗନ୍ନାଥ ମନ୍ଦିର ରୁ ଶ୍ରୀ ଜୟ ଚନ୍ଦ୍ର ମୁନି, ହୋସାପେଟ ଓଡ଼ିଆ ସମାଜ ପ୍ରମୁଖ ମାନସ ରଞ୍ଜନ ଦାଶ, ଓମ ସାଇ ଓଡ଼ିଆ ସଂଘ ତରଫରୁ ପ୍ରଦୀପ କୁମାର ନାୟକ ପ୍ରମୁଖ ଭାଗ ନେଇଥିଲେ । ଅନେକ ବିଷୟ ଉପରେ ସମ୍ପୂର୍ଣ୍ଣ ଆଲୋଚନା ପାଇଁ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ପୁଣିଥରେ ସମୟ ଦେବା ପାଇଁ ପ୍ରତିଶ୍ରୁତି ସହିତ କାର୍ଣ୍ଣାଟକରେ ଓଡ଼ିଆ ମାନଙ୍କର ଅସୁବିଧା ସବୁକୁ ସମାଧାନ ଦିଗରେ ସରକାର ପ୍ରଯତ୍ନଶୀଳ ରହିବ ବୋଲି ଜଣାଇଥିଲେ ।

# ରକ୍ତତୀର୍ଥ ଇରମରେ ୮୨ ତମ ଶହୀଦ ସ୍ମୃତି ଦିବସ ମହାସମାରୋହରେ ପାଳିତ




ବାସୁଦେବପୁର,୨୯।୦୯(ନି.ପ୍ର.): ବାସୁଦେବପୁର ବ୍ଲକ ଅନ୍ତର୍ଗତ ରକ୍ତତୀର୍ଥ ଇରମରେ ୮୨ ତମ ଶହୀଦ ସ୍ମୃତି ଦିବସ ମହାସମାରୋହରେ ପାଳିତ ହୋଇ ଯାଇଛି । ପ୍ରଥମେ ସକାଳ ସମୟରେ ପ୍ରଭାତ ଫେରି, ଜାତୀୟ ପତାକା ଉତ୍ତୋଳନ, ତିଳ ତର୍ପଣ, ଶହୀଦ ସ୍ପୋର୍ଟିଂ କ୍ଲବ୍ ଦ୍ୱାରା ରକ୍ତଦାନ ଶିବିର, ଶହୀଦ ସମାଧି ପୀଠରେ ଭକ୍ତି ସୁମନ ଅର୍ପଣ ପ୍ରଭୃତି କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇ ଥିଲା କ୍ଷ ଭଦ୍ରକ ଜିଲ୍ଲା ପାଳ ଦିଲ୍ଲୀପ ରାଉତରାୟ, ବିଡ଼ିଓ ସଞ୍ଜୀବ କୁମାର ସାହୁ, ଆଦାନୀ ଧାମରା ପୋର୍ଟର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବେନ୍ଦ୍ର ଠକ୍କର, ବାସୁଦେବପୁର ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବାମଦେବ ସିଂହଙ୍କ ଉପସ୍ଥିତି ରେ ଶହୀଦ ସମାଧି ପୀଠରେ ଗାର୍ଡ ଅଫ ଅନର ପ୍ରଦାନ କରଯାଇଥିଲା । ଏହି ଉତ୍ସବରେ ଶହୀଦ ତୀର୍ଥଯାତ୍ରୀ ପକ୍ଷରୁ ସାମ୍ୟବାଦୀ ନେତା ତ୍ରିଲୋଚନ ଜେନା,ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବାସୁଦେବପୁର ଥାନା ଅଧିକାରୀ କବି ଲୋପାମୁଦ୍ରା ନାୟକ,ନାରୀ ନେତ୍ରୀ ବନଲତା ଜେନା, ଭଦ୍ରକ ତ୍ୟାଗଭୂମିର ସଭାପତି ଅଜୟ ନାୟକ, କବି ଦୀନବନ୍ଧୁ ପତି, କବି ପ୍ରହ୍ଲାଦ ବାରିକ, କବି କୈଳାସ ଚନ୍ଦ୍ର ନାଥ, ସମାଜସେବୀ ଭାଗିରଥି ବଳ, କମଳାକାନ୍ତ ସାହୁ,ସୁରେଶ ଚନ୍ଦ୍ର ମହାନ୍ତି,ଅଧ୍ୟାପକ ବସନ୍ତ ଦାଶ, ବିଜେପିର ଯୁବ ନେତା ବାଣୀ କଲ୍ୟାଣ ମହାନ୍ତି,ଉଦୟ ନାରାୟଣ ମଲ୍ଲିକ, ମନୋଜ ନାୟକ, ଜୟ ପ୍ରକାଶ ମଲ୍ଲିକ,ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି , କବି ଭରତ ଚନ୍ଦ୍ର ଦାଶ ପ୍ରମୁଖ ଶହୀଦ ମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶହୀଦ ତୀର୍ଥଯାତ୍ରୀ ସଂଘ ପକ୍ଷରୁ ସମାଧି ପୀଠରେ ଶ୍ରଦ୍ଧାଞ୍ଜଳି ଓ ଆରକ୍ଷୀ ବାହିନୀ ଦ୍ୱାରା ଅମର ଶହୀଦ ମାନଙ୍କ ଉଦ୍ଦେଶ୍ୟରେ ତୋପ ସଲାମୀ ଦିଆ ଯାଇଥିଲା କ୍ଷ ସନ୍ଧ୍ୟା ଅଧିବେଶନରେ ସାଧାରଣ ସଭାରେ ଶହୀଦ ସ୍ମୃତି କମିଟି ର ସଭାପତି ତଥା ବିଶିଷ୍ଟ ଶିକ୍ଷାବିତ୍ ପଦ୍ମନାଭ ଦାଶ ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କ୍ଷ ମାନ୍ୟବର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟ ବଂଶୀ ଉତ୍ସବକୁ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ତାଙ୍କ ବକ୍ତବ୍ୟରେ କହିଲେ ଯେ ଭାରତ ବର୍ଷର ଇତିହାସରେ ସବୁଠୁ ଗୁରୁତ୍ୱ ପୂର୍ଣ୍ଣ ଐତିହାସିକ ପବିତ୍ର ମାଟି ରକ୍ତତୀର୍ଥ ଇରମକୁ ହଜାର ହଜାର ଥର ପ୍ରଣାମ କରୁଛି କ୍ଷ ଯେଉଁ ମାଟିକୁ ଚିପୁଡ଼ି ଦେଲେ ରକ୍ତ ନିଗିଡ଼ି ପଡ଼େ ସେହି ରକ୍ତତୀର୍ଥ ଇରମର ଇତିହାସ ମୁଁ ବାରମ୍ବାର ପଢେ । ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଭାରତ ଛାଡ ଆନ୍ଦୋଳନ ସମୟରେ ଏହି ସ୍ୱାଧୀନତା ସଂଗ୍ରାମର ମାଟିରେ ଯେଉଁ ଅମର ଶହୀଦ ମାନେ ଦେଶ ପାଇଁ ଜୀବନ ଦେଇଥିଲେ ଓ ସ୍ୱାଧୀନତା ସଂଗ୍ରାମୀ ମାନେ ସଂଘର୍ଷ କରିଥିଲେ ସେମାନଙ୍କ ସ୍ମୃତି ରକ୍ଷା କରିବା ପାଇଁ ଆମ ସରକାର ସର୍ବଦା ପ୍ରୟାସ ଜାରି ରଖିଛନ୍ତି । ଜାତୀୟ କବି ବାଞ୍ଛାନିଧି ମହାନ୍ତି ଙ୍କ ଠାରୁ ଆରମ୍ଭ କରି ପ୍ରଥମ ମହିଳା ଶହୀଦ ପରି ବେଓ୍ୱା ଙ୍କ ପର୍ଯ୍ୟନ୍ତ ସମସ୍ତ ଙ୍କୁ ମୋର କୋଟି କୋଟି ପ୍ରଣାମ କ୍ଷ ଏହି ମାଟିର ଉନ୍ନତି ପାଇଁ ଆମ ସଂସ୍କୃତି ବିଭାଗ ଦ୍ୱାରା ସମସ୍ତ ଆର୍ଥିକ ସାହାଯ୍ୟ ଯୋଗାଇ ଦିଆଯିବ । ମାନ୍ୟବର ଭଦ୍ରକ ସାଂସଦ ଅଭିମନ୍ୟୁ ସେଠି, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବାସୁଦେବପୁର ପୌର ପାଳିକା ଅଧ୍ୟକ୍ଷା ନିବେଦିତା ବେହେରା, ଇରମ ସରପଞ୍ଚ ସାବିତ୍ରୀ ବଳ, ସମିତି ସଭ୍ୟା ଲଗ୍ନିକା ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଶିବ ବାବା ପଣ୍ଡିତ ଦୈତାରି ମହାପାତ୍ରଙ୍କ ଲିଖିତ ପୁସ୍ତକ ରକ୍ତତୀର୍ଥ ଇରମ ଓ ଗଙ୍ଗାଧର ଘଡାଇଙ୍କ ପୁସ୍ତକ କିଛି କଥା କିଛି ବ୍ୟଥା ଉନ୍ମୋଚିତ ହୋଇ ଥିଲା । କବି ରଞ୍ଜନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ କ୍ଷ ଶହୀଦ ସ୍ମୃତି କମିଟିର ସଦସ୍ୟ ତଥା ଆଇନଜୀବୀ ଓ ସମାଜସେବୀ ଇଂ ନିରଦ କୁମାର ଦାଶ ପ୍ରାରମ୍ଭିକ ସୂଚନା ଓ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ କ୍ଷ ସରପଞ୍ଚ ସାବିତ୍ରୀ ବଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ କ୍ଷ ଏହି ଶହୀଦ ସ୍ମୃତି ଦିବସ ରେ ବାସୁଦେବପୁର ସହର ରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି, ଜାତୀୟ କବି ବାଞ୍ଛାନିଧି ମହାନ୍ତି ଙ୍କ ପ୍ରତିମୂର୍ତ୍ତି, ସ୍ୱାଧୀନତା ସଂଗ୍ରାମୀ ନୀଳମଣି ରାଉତରାୟ ଙ୍କ ପ୍ରତିମୂର୍ତ୍ତି, ବେତଡ଼ା ହାଇସ୍କୁଲ ପରିସରରେ ଥିବା ଉତ୍କଳ ମଣି ଗୋପବନ୍ଧୁ ଙ୍କ ପ୍ରତିମୂର୍ତ୍ତି ଓ ବରଣ୍ଡୁଆ ଗ୍ରାମରେ ଥିବା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତିଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରା ଯାଇଥିଲା । ଏଇ ସଭାରେ ଶହୀଦ ସ୍ମୃତି କମିଟିର ସମ୍ପାଦକ ରତିକାନ୍ତ ପତି ଅତିଥି ଭାବେ ଯୋଗଦେଇ ବାର୍ଷିକ ବିବରଣୀ ପାଠ କରିଥିଲେ ।

# ରେଳ ଷ୍ଟେସନ୍‌ରେ ଫ୍ରି ପାର୍କିଂ ନିମିତ୍ତ ଧାରଣା ସଫଳ



ଜଳେଶ୍ୱର ୨୯/୯(ନୀପ୍ର) : ଜଳେଶ୍ୱର ରେଲୱେ ଷ୍ଟେସନ ପରିସରରେ ଦୀର୍ଘ ତିନି ଦିନ ହେଲା ଅଟୋ ଓ ଟଟ ସଙ୍ଘ ପକ୍ଷରୁ ଦିବା ଏବଂ ରାତ୍ର ଧାରଣା ଅନୁଷ୍ଠିତ ହୋଇଥିଲା। ଖଡଗପୁର ରେଲୱେ କତୃପକ୍ଷ ସଙ୍ଘ ର ଦାବୀ କୁ ମାନି ନେଇଥିଲେ ଏଣୁ ସଙ୍ଘ ଧାରଣା ପ୍ରତ୍ୟାହାର କଲା । ଏହି ଧାରଣାକୁ ଜଳେଶ୍ୱର ର ସମସ୍ତ ରାଜନୈତିକ ଦଳ , ସ୍ୱଚ୍ଛାସେବି ସଙ୍ଗଠନ, ସମସ୍ତ ବୁଦ୍ଧିଜୀବୀ, ଜଳେଶ୍ୱରର ନାଗରିକ ସୁରକ୍ଷା ମଞ୍ଚ, ବଣିକ ସଂଘ , ଶିକ୍ଷକ କର୍ମଚାରୀ ଏକତା ମଞ୍ଚ, ରେଲୱେ ଉଜର୍ସ କମିଟି ସହିତ ବାଲେଶ୍ୱର ର ସାଂସଦ , ବିଧାୟକ ଓ ଜଳେଶ୍ୱର ର ନଗର ପାଲ୍ ସୋହଯୋଗ କରିଥିବାରୁ ଅଟୋ ଓ ଟୋଟ ସଙ୍ଘ ପକ୍ଷରୁ ଧନ୍ୟବାଦ୍ ଜ୍ଞାପନ କଲେ।

# ସାନ୍ତାଳୀ ଭାଷାର ପ୍ରଚାର ଦିଗରେ ରାମଜୀତ ଟୁଡୁଙ୍କ କାର୍ଯ୍ୟ ସୃଜନଶୀଳତାର ପ୍ରତୀକ : ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର, ୨୯ / ୦୯: 'ମନ୍ କୀ ବାତ୍ କାର୍ଯ୍ୟକ୍ରମ'ର ୧୦ ବର୍ଷ ପୂର୍ତ୍ତି ହେବାର ବିଶେଷ ସଂସ୍କରଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାତୃଭାଷା, ଲିପି ଏବଂ କଥିତ ଭାଷା ଉପରେ ଚର୍ଚ୍ଚା କରିବା ସହ ଜନଜାତି ସମୁଦାୟଙ୍କ କଥିତ ଭାଷା 'ସାନ୍ତାଳୀ'ର ପ୍ରଚାର ପ୍ରସାର କରୁଥିବା ମୟୂରଭଞ୍ଜ ଜିଲ୍ଲାର ରାମଜୀତ ଟୁଡୁଙ୍କ ବିଷୟରେ ଆଲୋଚନା କରିଥିବାରୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ ରାମଜୀତଙ୍କ କାର୍ଯ୍ୟ ସୃଜନଶୀଳତାର ଏକ ପ୍ରତୀକ । ସାନ୍ତାଳୀ ଭାଷାର ଲିପି 'ଅଲ୍ ଚିକି'ରେ ମୋବାଇଲ ଟାଇପ୍ କରିବାର କୌଶଳକୁ ବିକଶିତ କରିଥିବାରୁ ରାମଜୀତଙ୍କୁ ଧନ୍ୟବାଦ । ଆଜି ତାଙ୍କ ପ୍ରୟାସରେ ସାନ୍ତାଳୀ ଭାଷାରେ ଲେଖାଯାଉଥିବା ଲେଖାଗୁଡ଼ିକ ଲୋକଙ୍କ ପାଖରେ ପହଂଚିଛି । ଡିଜିଟାଲ ଇଣ୍ଡିଆ ମାଧ୍ୟମରେ ତାଙ୍କର କାର୍ଯ୍ୟ ପ୍ରେରଣାଦାୟୀ । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସାନ୍ତାଳୀ ଭାଷା ସମେତ ଅନେକ ଜନଜାତି ଭାଷାରେ ବର୍ଣ୍ଣମାଳା ପୁସ୍ତକ ପ୍ରକାଶିତ ହୋଇଛି । ମାତୃଭାଷାକୁ ପ୍ରାଥମିକତା ଦେବା ଦିଗରେ ଭାରତ ସରକାରଙ୍କ ପଦକ୍ଷେପ ଛାତ୍ରଛାତ୍ରୀଙ୍କ ପ୍ରତିଭା ଓ ବୌଦ୍ଧିକ କ୍ଷମତାକୁ ପରିପ୍ରକାଶ କରିବ । ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ ଅକ୍ଟୋବର ୩ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମ ସଫଳତାପୂର୍ବକ ୧୦ ବର୍ଷ ନବରାତ୍ରୀର ପବିତ୍ର ଅବସରରେ ପୂରଣ ହେବାକୁ ଯାଉଛି । ବିଗତ ବର୍ଷମାନଙ୍କ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦୀ ସ୍ୱଚ୍ଛତା, ଜଳ ସଂରକ୍ଷଣ, ଆତ୍ମନିର୍ଭର ଭାରତ, ବେଟି ବଚାଓ-ବେଟି ପଢ଼ାଓ, ହର ଘର ତିରଙ୍ଗା ଓ ଜନସଚେତନ ଅଭିଯାନ ଏବଂ ସାମାଜିକ ପରିବର୍ତ୍ତନ ପ୍ରସଙ୍ଗ 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଉଠାଇଛନ୍ତି । 'ମନ୍ କି ବାତ୍' କେବଳ ଏକ ରେଡିଓ କାର୍ଯ୍ୟକ୍ରମରେ ସୀମିତ ହୋଇ ରହିନାହିଁ । ପ୍ରଧାନସେବକଙ୍କୁ ଜନସାଧାରଣଙ୍କ ସହ ଯୋଡ଼ିବାର ଏକ ବଡ ମାଧ୍ୟମ ହୋଇଛି । ଆଗାମୀ ବର୍ଷମାନଙ୍କରେ ଏହି କାର୍ଯ୍ୟକ୍ରମ ଦେଶର କୋଟି କୋଟି ଲୋକଙ୍କୁ ପ୍ରେରଣା ଦେବାର ଏକ ଶକ୍ତିଶାଳୀ ଜରିଆ ହେବ । ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ 'ମେଡ୍ ଇନ୍ ଇଣ୍ଡିଆ' ଉତ୍ପାଦ ବ୍ୟବହାର କରିବାକୁ ଏବଂ ଅନ୍ୟମାନଙ୍କୁ 'ମେଡ୍ ଇନ୍ ଇଣ୍ଡିଆ' ଅଭିଯାନ ବ୍ୟବହାର କରି ଭାରତକୁ ସମଗ୍ର ବିଶ୍ୱରେ ଉତ୍ପାଦନର ହବରେ ପରିଣତ କରିବା ଏବଂ 'ଆତ୍ମନିର୍ଭର ଭାରତ'ର ସଂକଳ୍ପକୁ ସାକାର କରିବା ପାଇଁ ଅନୁରୋଧ କରିଛନ୍ତି । 'ମେକ୍ ଇନ୍ ଇଣ୍ଡିଆ' କେବଳ ଭାରତକୁ ଏକ ଉତ୍ପାଦନ କେନ୍ଦ୍ରରେ ପରିଣତ କରିବ ନାହିଁ ବରଂ ଆମର ଘରୋଇ ଉତ୍ପାଦକୁ ଏକ ବିଶ୍ୱସ୍ତରୀୟ ପ୍ଲାଟଫର୍ମ ଦେଇ ଭାରତୀୟ ଅର୍ଥନୀତିକୁ ସୁଦୃଢ଼ କରିବ। 'ବିକଶିତ ଭାରତର' ସ୍ୱପ୍ନକୁ ସାକାର କରି ଭାରତକୁ ଏକ ଅର୍ଥନୈତିକ ମହାଶକ୍ତିରେ ପରିଣତ କରିବା ଦିଗରେ 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରେରଣାଦାୟକ ପଦକ୍ଷେପ ବୋଲି କେନ୍ଦ୍ରମନ୍ତ୍ରୀ ଟ୍ୱିଟ୍ କରିଛନ୍ତି ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ଫକୀରମୋହନ ସାହିତ୍ୟ ପରିଷଦର ନିର୍ବାଚନ ....

ବାହାରେ ୨ଜଣ ସାଧାରଣ ସଭ୍ୟ ମଧ୍ୟ ଏଥିପାଇଁ କର୍ତ୍ତୃପକ୍ଷ ସାକ୍ଷୀ ଦିଆଇଛନ୍ତି ବୋଲି କୁହାଯାଉଛି । ଆଲମିରା ଚାବି ହଜି ଯାଇଥିବା ଦର୍ଶାଇ କୋର୍ଟକୁ ପରିଷଦର କୌଣସି କାଗଜପତ୍ର ଦିଆଯାଇନାହିଁ । ଏଣୁ ଚୂଡ଼ାନ୍ତ ବିଚାର ନହୋଇ ରାୟ ପ୍ରକାଶ ପାଇବାରେ ଅହେତୁକ ବିଳମ୍ବ ଘଟିଛି । ଅଧୁନା ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଘଟଣା ସମସ୍ତଙ୍କୁ ଚକିତ କରିଛି । ଏଠାରେ ପ୍ରକାଶଯୋଗ୍ୟ ଯେ ଏହି ସାହିତ୍ୟ ପରିଷଦ ୧୯୬୪/୬୫ ସାଲ୍‌ରେ ରେଜିଷ୍ଟ୍ରେସନ ନମ୍ବର ୨୪୪୯/୫୧ରେ କଟକସ୍ଥିତ ଆଇ.ଜି.ଆର୍ ଠାରେ ଯେଉଁ ନିଜସ୍ୱ ସମ୍ବିଧାନ ଦାଖଲ ହୋଇଛି ସେହି ଅନୁଯାୟୀ ପ୍ରତିବର୍ଷ ଡ଼ିସେମ୍ବର ମାସରେ ଆଗାମୀ ବର୍ଷ ପାଇଁ ନିର୍ବାଚନ ହେବ । ୫ଜଣ କର୍ମକର୍ତ୍ତା ଓ ୯ଜଣ କାର୍ଯ୍ୟକାରୀ କମିଟି ସଭ୍ୟ ସାଧାରଣ ସଭାରେ ନିର୍ବାଚିତ ହେବେ । ତେବେ ୧୯୯୫ ବେଳକୁ ଏବର ଯିଏ ସଭାପତି ଅଛନ୍ତି ସେତେବେଳେ ସଂପାଦକ ଥିଲେ, ସେହି ସମୟରେ ପରିଷଦର ଏକ ମୁଦ୍ରିତ ସମ୍ବିଧାନ ଛପାଯାଇଥିଲା । ତଦ୍‌ନୁଯାୟୀ ପରିଷଦରେ ପ୍ରତି ତିନିବର୍ଷକୁ ନିର୍ବାଚନ ହୋଇ କର୍ମକର୍ତ୍ତା ଓ କାର୍ଯ୍ୟକାରୀ କମିଟି ସଦସ୍ୟଙ୍କୁ ମିଶାଇ ମୋଟ ୧୭ ଏବଂ କାର୍ଯ୍ୟନିର୍ବାହୀ ସମିତି ୨ଜଣଙ୍କୁ ମନୋନୀତ କରି ଏହାର ସଂଖ୍ୟା ୧୯ଜଣରେ ପରିଣତ ହେବ ବୋଲି ଉଲ୍ଲେଖ ରହିଛି । ଧାରା ୧୦(କ) ଅନୁଯାୟୀ ଏହା ସୁସ୍ପଷ୍ଟ । କେଉଁଠି ବି ସାତଜଣ କର୍ମକର୍ତ୍ତା ୧୨ଜଣଙ୍କୁ ମନୋନୀତ କରିବାର ଉଲ୍ଲେଖ ଏଥିରେ ନାହିଁ । ଅଥଚ ପରମ୍ପରା କହି ଦୀର୍ଘବର୍ଷ କେବଳ ସାତଜଣ କର୍ମକର୍ତ୍ତା ନିର୍ବାଚନ କରାଯାଇ ନିଜ ପସନ୍ଦର ସମର୍ଥକ ୧୨ଜଣଙ୍କୁ ୭ଜଣ କର୍ମକର୍ତ୍ତା ମନୋନୀତ କରିନେଇଥାନ୍ତି, ଯାହା ସଂପୂର୍ଣ୍ଣ ମୁଦ୍ରିତ ସମ୍ବିଧାନ ବିରୋଧୀ । ଏଣେ ଏହି ମୁଦ୍ରିତ ସମ୍ବିଧାନ ଆଇ.ଜି.ଆର. କଟକଙ୍କ ଦ୍ୱାରା ଏଯାବତ୍ ଅନୁମୋଦିତ ହୋଇନଥିବାରୁ ଏହା ଆଇନତଃ ସମ୍ବିଧାନ ଭାବେ ପରିଗଣିତ ନୁହେଁ । ଆଇ.ଜି.ଆର. ସ୍ପଷ୍ଟ କରିଛନ୍ତି ୨୦୨୩ ମସିହା ସୁଦ୍ଧା ସାହିତ୍ୟ ପରିଷଦର ସମ୍ବିଧାନରେ କୌଣସି ସଂଶୋଧନ ହୋଇନାହିଁ । ଏଣୁ ମୂଳ ସମ୍ବିଧାନ ହିଁ ପରିଷଦର ଆଇନସମ୍ମତ ସମ୍ବିଧାନ । ଏଇ ଘଡିସନ୍ଧି ମୁହୂର୍ତ୍ତରେ ଚଳିତବର୍ଷ ସାଧାରଣସଭା ଅକ୍ଟୋବର ୨୭ରେ ହେବ ଏବଂ ନୂତନ କର୍ମକର୍ତ୍ତା ନିର୍ବାଚନ ହେବାର ଯେଉଁ ପ୍ରେସବିଜ୍ଞପ୍ତି ପରିଷଦ ପକ୍ଷରୁ ଦିଆଯାଇଛି ତାହା ଅନେକଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରାଇଛି । ପରିଷଦର ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ସଙ୍କଟର ସମାଧାନ ପାଇଁ କେବେ ଜରୁରୀ ସାଧାରଣସଭା ଡ଼କାଯାଇ ସଭ୍ୟମାନଙ୍କ ସହ ଚର୍ଚ୍ଚା କରାଯାଇ ନଥିବାରୁ ଏଥରର ସାଧାରଣସଭା ମୁଖ୍ୟତଃ ପରିଷଦର ମୂଳସମ୍ବିଧାନକୁ ଭିତ୍ତିକରି ହେବା ଉପରେ ବହୁ ସଭ୍ୟ ମତପୋଷଣ କରୁଛନ୍ତି । ଯଦି ନିର୍ବାଚନ ହୁଏ, ତେବେ ମୂଳ ସମ୍ବିଧାନ ଅନୁସାରେ ହେଲେ କାହାର କୌଣସି ସମସ୍ୟା ରହିବନାହିଁ ବୋଲି କୁହାଯାଉଛି । ନଚେତ୍ ପ୍ରଥମେ ସମ୍ବିଧାନ ସଂଶୋଧନ କରାଯାଇ ତାହା ଆଇ.ଜି.ଆର୍ କଟକଙ୍କ ପାଖକୁ ଅନୁମୋଦନ ନିମନ୍ତେ ପଠାଯାଇ ତାହାର ଅନୁମୋଦନ ପରେ ହିଁ କର୍ମକର୍ତ୍ତା ନିର୍ବାଚନ ବୈଧ ହେବବୋଲି କେତେକ ସଭ୍ୟ କହିଛନ୍ତି । ଉଲ୍ଲେଖଯୋଗ୍ୟ ଯେ ଆଜିଯାଏଁ ପରିଷଦରୁ ସଦସ୍ୟଙ୍କୁ ପରିଚୟପତ୍ର ଦିଆଯାଇ ନଥିବାରୁ ସବୁଥର ଭୋଟ୍ ସମୟରେ ବିଭ୍ରାଟ ସୃଷ୍ଟି ହେଉଛି । ସାଧାରଣସଭାରେ ଥାଆନ୍ତି ଅଳ୍ପ ସଂଖ୍ୟକ ସଦସ୍ୟ, ମାତ୍ର ଭୋଟଦାନ ବେଳକୁ ଲମ୍ବାଧାଡ଼ି । କିଏ କାହା ନାମରେ ଆସି ଭୋଟ ଦିଏ ତାହା ପ୍ରତ୍ୟେକଙ୍କ ମନରେ ସଂଶୟ ସୃଷ୍ଟି କରୁଥିଲେ ବି ଏହାର ମୋଚନ ପାଇଁ ପରିଷଦ ପକ୍ଷରୁ କୌଣସିଥର କୌଣସି ପଦକ୍ଷେପ ନିଆନଯିବା କର୍ମକର୍ତ୍ତାଙ୍କ ଏକଚ୍ଛତ୍ରବାଦକୁ ହିଁ ଦର୍ଶାଇଥାଏ । ପୁନଶ୍ଚ ଯେଉଁ ସଭ୍ୟମାନେ ନିର୍ବାଚନ ଅଧିକାରୀ ରହନ୍ତି ସେମାନେ ଲଗାତର ବିଜୟୀ ଗୋଷ୍ଠୀର କାର୍ଯ୍ୟକାରୀ କମିଟିରେ ରହିଆସୁଛନ୍ତି, ଫଳରେ ନିର୍ବାଚନରେ ସ୍ୱଚ୍ଛତା ଆସୁନାହିଁ ବୋଲି ସଭ୍ୟମାନେ ମତ ପୋଷଣ କରୁଥିଲେ ବି ସଭ୍ୟମାନଙ୍କୁ କ୍ରମାଗତ ଗୁରୁତ୍ୱ ଦିଆନଯିବା ଏଥର ପରିଷଦ ନିର୍ବାଚନରେ ସଙ୍କଟ ସୃଷ୍ଟି କରିବ ବୋଲି ମତ ପ୍ରକାଶ ପାଉଛି । ଏହି ସର୍ବପୁରାତନ ସାହିତ୍ୟ ଅନୁଷ୍ଠାନର ଗୌରବରକ୍ଷା, ସ୍ୱଚ୍ଛତା, ସର୍ବୋପରି ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏହାର କର୍ମକର୍ତ୍ତା ନିର୍ବାଚନ ହେବାଦିଗରେ ଅଧିକାଂଶ ସଦସ୍ୟ ଚାହୁଁଥିଲାବେଳେ ଏଭଳି ଗୋଳିଆ ପରିସ୍ଥିତିରେ ବାଲେଶ୍ୱରର ସଚେତନ ଜନସାଧାରଣଙ୍କ ସମେତ ଜିଲ୍ଲାପ୍ରଶାସନ ଯଦି ଏହାର ବିଧିବଦ୍ଧ ସମାଧାନ ଦିଗରେ ଆଗେଇ ନଆସନ୍ତି ତେବେ ୨୭ ଅକ୍ଟୋବରରେ ହେବାକୁ ଥିବା ନୂତନ କର୍ମକର୍ତ୍ତା ନିର୍ବାଚନ ସ୍ଥଳ ଉତ୍ତେଜନାରେ ଭରି ଏକ ଅସ୍ୱଭାବିକ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ ବୋଲି ବୁଦ୍ଧିଜୀବି ମହଲରେ ମତପ୍ରକାଶ ପାଉଛି ।

### ଆଇଇଡି ବିସ୍ଫୋରଣରେ...

ରାଜେନ୍ଦ୍ର ଆହତ ହୋଇଛନ୍ତି । ସମସ୍ତ ଯବାନଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ଡାକ୍ତରଖାନାକୁ ଅଣାଯାଇଥିଲା,ଯେଉଁଠାରେ ଆହତ ଯବାନଙ୍କ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟାଳୟକୁ ନିଆଯାଇଛି । ଆଇଇଡି ବିସ୍ଫୋରଣରେ ଆହତ ସମସ୍ତ ୫ ଯବାନଙ୍କୁ ଉନ୍ନତ ଚିକିତ୍ସା ପାଇଁ ହେଲିକ୍ୟାପ୍ଟରରେ ରାୟପୁର ପଠାଯାଉଛି । ବର୍ତ୍ତମାନ ସମସ୍ତ ଯବାନଙ୍କ ଅବସ୍ଥା ସ୍ୱାଭାବିକ ଅଛି ।

## ବିହାରରେ ବନ୍ୟା ବିପ୍ଳାତ, ବାଲ୍ମିକୀନଗର ଏୟାରପୋର୍ଟ ଓ ହେଲିପ୍ୟାଡରେ ପଶିଲା ପାଣି

ପାଟଣା, ୨୯/୦୯ : ବିହାରରେ ବାଲ୍ମିକୀନଗର ବ୍ୟାରେଜ, ପଶ୍ଚିମ ଚମ୍ପାରଣ ଓ କୋସି ବ୍ୟାରେଜ, ବୀରପୁର ସୁପୌଲ ଜିଲ୍ଲାରୁ ଲଗାତର ପାଣି ଆସିବା କାରଣରୁ ୧୨ ଜିଲ୍ଲାର ପ୍ରାୟ ୧୩ଲକ୍ଷ ଲୋକ ବନ୍ୟାରେ ପ୍ରଭାବିତ ହୋଇଛନ୍ତି । ନେପାଳର ସୀମାକୁ ଲାଗିଥିବା ପଶ୍ଚିମ ଚମ୍ପାରଣ ଜିଲ୍ଲାରେ ଥିବା ଏକ ମାତ୍ର ଟାଇଗର ରିଜର୍ଭ ବାଲ୍ମିକୀନଗରର ଏୟାରପୋର୍ଟର ରନୱେ ଓ ହେଲିପ୍ୟାଡ ଦୁଇଟି ଯାକ ବୁଡିଯାଇଛି । ସାମରିକ ଦୃଷ୍ଟିକୋଣରୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । କାରଣ ନେପାଳ ସୀମା ଉପରେ ଏହା ରହିଛି । ଏହି ଏୟାରପୋର୍ଟର ବ୍ୟବହାର ଏନଡିଆରଏଫ ଓ ଏସଡିଆରଏଫ ବ୍ୟତୀତ ଅତିବିଶିଷ୍ଟ ଲୋକଙ୍କ ବ୍ୟବହାର ପାଇଁ କରାଯାଇଥାଏ ।

## ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ତ୍ରୈବାର୍ଷିକ ସମ୍ମିଳନୀ

# ନିଜ କାର୍ଯ୍ୟକ୍ଷେତ୍ରକୁ ଭଲ ପାଇବା ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧିରେ ସହାୟକ ହୋଇଥାଏ : ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ



ଭୁବନେଶ୍ୱର, ୨୯ ସେପ୍ଟେମ୍ବର - ସାଧାରଣ ଦୁର୍ବିପାକଠାରୁ ଆରମ୍ଭ କରି ଜମିବାଡ଼ି ସମ୍ବନ୍ଧୀୟ କାର୍ଯ୍ୟ, ପ୍ରମାଣପତ୍ର ପ୍ରଦାନ ଆଦି ବିଭିନ୍ନ କାର୍ଯ୍ୟ କରିବା କ୍ଷେତ୍ରରେ ରାଜସ୍ୱ କ୍ଷେତ୍ର ଅଧିକାରୀମାନେ ପ୍ରମୁଖ ଭୂମିକା ଗ୍ରହଣ କରି ଆସୁଛନ୍ତି । ବିଭିନ୍ନ ରାଜସ୍ୱ ନୀତିନିୟମର ସଠିକ ଅନୁପାଳନ ସହ ଜନସାଧାରଣଙ୍କୁ ସେବା ପ୍ରଦାନ କରି ଅଧିକାରୀମାନେ ନିଜ କର୍ତ୍ତବ୍ୟନିଷ୍ଠାର ପ୍ରମାଣ ଦେଇଆସିଛନ୍ତି । ତେବେ ନିଷ୍ଠା ଏବଂ କର୍ମକ୍ଷେତ୍ରକୁ ଭଲ ପାଇବା ଅଧିକାରୀ ଏବଂ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧିରେ ସହାୟକ ହୋଇଥାଏ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି । ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ପକ୍ଷରୁ ସ୍ଥାନୀୟ ଉତ୍କଳ ବିଶ୍ୱବିଦ୍ୟାଳୟ ଦୀକ୍ଷାନ୍ତ ଭବନରେ ଆୟୋଜିତ ଅଷ୍ଟାଦଶ ତ୍ରୈବାର୍ଷିକ ସମ୍ମିଳନୀ-୨୦୨୪ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ରାଜ୍ୟର ରାଜସ୍ୱ ଭିତ୍ତିଭୂମିକୁ ସୁଦୃଢ଼ କରିବା କ୍ଷେତ୍ରରେ ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆମ ସରକାର ଶାସନଭାର ଗ୍ରହଣ କରିବା ପରେ ଅନେକ ଜନକଲ୍ୟାଣକାରୀ ଯୋଜନା ହାତକୁ ନେଇଛନ୍ତି । ପୂର୍ବରୁ ପ୍ରଚଳିତ ଅନେକ ଆଇନରେ ସରଳୀକରଣ ନେଇ ରାଜ୍ୟ ସରକାର ଯୋଜନା କରୁଥିବାବେଳେ ରାଜସ୍ୱ ବିଭାଗରେ ଥିବା ବିଭିନ୍ନ ଆଇନର ସରଳୀକରଣ ସହ ଏହା କିପରି ଜନହିତକର ହୋଇପାରିବ ସେଥି ନେଇ ସରକାର ପ୍ରୟାସ ଜାରି ରଖିଛନ୍ତି । ଆଗାମୀ ୨୦୩୬ ମସିହାରେ ଆମ ରାଜ୍ୟ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଶହେ ବର୍ଷ ପୂରଣ କରୁଥିବାବେଳେ ସମଗ୍ର ଭାରତବର୍ଷରେ ଓଡ଼ିଶାକୁ ସବୁ କ୍ଷେତ୍ରରେ ଏକ ବିକଶିତ ରାଜ୍ୟ ଭାବେ ଗଢ଼ିତୋଳିବା ପାଇଁ ଆମକୁ ଉଦ୍ୟମ କରିବାକୁ ପଡ଼ିବ । ରାଜସ୍ୱ କ୍ଷେତ୍ର ଅଧିକାରୀମାନେ ଏ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରି ରାଜ୍ୟ ସରକାରଙ୍କ ହାତମୁଠାକୁ ଟାଣ କରିବେ । ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ ବିଭିନ୍ନ ସମସ୍ୟାର ଏକ ସ୍ଥାୟୀ ସମାଧାନ ଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ୟମ କରାଯିବ ବୋଲି ଏହି ସମ୍ମିଳନୀରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଥିଲେ । ବୈଠକରେ ରାଜ୍ୟ ସଂଘ ସଭାପତି ଶ୍ରୀ ଗୌରୀଶଙ୍କର ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ମହମ୍ମଦ ଜାଭେଦ ଆଖତର ବିବରଣୀ ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲା ସଭାପତି ଦୁଃଖୀରାମ ସ୍ୱାଇଁ ଏବଂ ଜିଲ୍ଲା ସଂପାଦକ ଆଲୋକ କୁମାର ଜେନା ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ସଂଘ ପକ୍ଷରୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ତାଳ ପଡ଼ିବାକୁ କାଉ ରଡ଼ିବା: ମେୟର

ଭୁବନେଶ୍ୱର, ୨୯ /୦୯ :(ନି.ପ୍ର)- କର୍ପୋରେସନ ମିଟିଂରେ କର୍ପୋରେଟର ଅନୁପସ୍ଥିତ ରହି ଅନ୍ୟତ୍ର ମେଳି କରିବା ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ମେୟର ସୁଲୋଚନା ଦାସ । ସେ କହିଛନ୍ତି ଯେ, ଅଲଗା ମେଳି କଥା ହେଉଛି ଭୁଲ୍ । ତାଳ ପଡ଼ିବାକୁ କାଉ ରଡ଼ିବା ଭଳି କଥା ଏହା । କର୍ପୋରେସନ ମିଟିଂରେ ଯୋଗ ଦେବା ଆମ ଦାୟିତ୍ୱ । କାହାର କଣ କାମ ରହିଯାଇଥିବ ସେହି କାରଣରୁ ସେମାନେ ଆସିପାରିନାହାନ୍ତି । କର୍ପୋରେଟର ଭାଇଭଉଣୀ ଗେଟ୍ ଟୁ ଗେଦର୍ କରିବେ କି ଏକାଠି ବସିବାର ଯଦି ଅନ୍ୟ ଅର୍ଥ କାଢ଼ିବେ ତେବେ କଣ କରାଯିବ । ତାଳ ପଡ଼ିବାକୁ କୁଆ ରଡ଼ିବା ଏହି ନୀତିରେ ଏହି କଥା ସବୁ ଆଲୋଚନା ହେଉଛି । ମଧ୍ୟ ଏବଂ ଏକାମ୍ରର କିଛି କର୍ପୋରେଟର ମଧ୍ୟ ଆସିଥିଲେ । ବିଜୁ ଜନତା ଦଳ ଲୋକଙ୍କ ସେବା ପାଇଁ ତେଣୁ ଅନ୍ୟ କୌଣସି ବିଷୟ ଚିନ୍ତା କରି ଲୋକଙ୍କ ସେବା ଠାରୁ ଦୂରେଇବା କଥା କେବେବି ହେବନି ବୋଲି କହିଛନ୍ତି ସୁଲୋଚନା ଦାସ ।

## ନାଳରେ ବୁଡି ଛେଳି ଚରାଳୀ ମୃତ

ଘଟଗାଁ ୨୯ ସେପ୍ଟେମ୍ବର (ହିସ) - ରବିବାର ନାଳରେ ବୁଡିଯାଇ ଜଣକର ମୃତ୍ୟୁ ଘଟିଥିବା ଜଣାପଡିଛି । ମୃତକ ହେଲେ, କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଥାନା ଅନ୍ତର୍ଗତ ଗୁଳାବନ୍ଧ ଗ୍ରାମ ର ଅଜୟ ନାଇକ (୪୦) ସେ ଶୁକ୍ରବାର ଦିନ ଗ୍ରାମରୁ ଛେଳି ଚରାଇବା ପାଇଁ ତରଡିଆ ନାଳ ନିକଟକୁ ଯାଇଥିଲା ସେଠାରେ ଶୌଚ କରିବା ପାଇଁ ଯାଇଥିବା ବେଳେ ନାଳରେ ଅଧିକ ପାଣି ଆସିଥିବା କାରଣରୁ ସେଠାରେ ସେ ବୁଡିଯାଇ ଥିଲା ସଂନ୍ଧ୍ୟା ହେବାରୁ ପରିବାର ଲୋକେ ଖୋଜା ଖୋଜି କହିଥିଲେ ମଧ ପାଇନଥିଲେ । ରବିବାର ସକାଳୁ ତରଡିଆ ନାଳ କୂଳରେ ଏକ ଶବ ଭାସୁଥିବା ଖବର ପାଇବା ପରେ ଅଜୟର ପରିବାର ଲୋକ ପହଂଚି ପୁଲିସ କୁଖବର ଦେଇଥିଲେ । ଆନନ୍ଦପୁର ପୋଲିସ ଙ୍କ ସହଯୋଗରେ ଶବକୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟ କୁ ବ୍ୟବଛେଦ ପାଇଁ ଆଣିଥିବା ବେଳେ ଉକ୍ତ ଶବ କୁ ପୁଲିସ ଶବ ବ୍ୟବଛେଦ କରି ପରିବାର କୁ ହସ୍ତାନ୍ତର କରିଛନ୍ତି ।

# ସମବାୟ ସମିତିର ସଶକ୍ତିକରଣ ପାଇଁ ଦୁଇ ଦିନିଆ ଜାତୀୟସ୍ତରୀୟ ସମୀକ୍ଷା ବୈଠକ

ଭୁବନେଶ୍ୱର, ୨୯ /୦୯ : ସମବାୟ ସମିତିର ସଶକ୍ତିକରଣ ପାଇଁ ଦୁଇ ଦିନିଆ ଜାତୀୟସ୍ତରୀୟ ସମୀକ୍ଷା ବୈଠକ ଆସନ୍ତାକାଲିଠାରୁ ମେ ଫେୟାର ହୋଟେଲର କ୍ରିଷ୍ଟାଲ୍ କନ୍‌ଭେନ୍‌ସନ୍ ହଲ୍‌ଠାରେ ଆରମ୍ଭ ହେବ । ଭାରତ ସରକାରଙ୍କ ସମବାୟ ମନ୍ତ୍ରାଳୟର ଶାସନ ସଚିବ ତଥା ମୁଖ୍ୟ ଅତିଥି ଶ୍ରୀ ଆଶିଷ ଭୁଟାନୀ ଏବଂ ଓଡ଼ିଶାର ମୁଖ୍ୟ ଶାସନ ସଚିବ ତଥା ସମ୍ମାନନୀୟ ଅତିଥି ଶ୍ରୀ ମନୋଜ ଆହୁଜା ଏହାର ଶୁଭ ଉଦ୍‌ଘାଟନ କରିବେ । ଏହି ଅବସରରେ ବୟନିକା-ଉତ୍କଳିକା-ସେରିଫେଡ୍ (ଅମ୍ଳାନ୍) ପକ୍ଷରୁ ଏକ ପ୍ରଦର୍ଶନୀ କାର୍ଯ୍ୟକ୍ରମ ମେ ଫେୟାର ହୋଟେଲ୍‌ର କ୍ୟାମେଲିଆ ହଲ୍‌ଠାରେ ଆୟୋଜନ କରାଯିବ । ଏହି ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମରେ ସମସ୍ତ ୨୮ଟି ରାଜ୍ୟ ଓ ୪ଟି କେନ୍ଦ୍ରଶାସିତ ଅଂଚଳର ପ୍ରତିନିଧିମାନେ ଯୋଗଦେବେ । ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ଓ ମାନନୀୟ ଗୃହ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ୍ ଶାହଙ୍କ ମାର୍ଗଦର୍ଶନ ଅନୁଯାୟୀ, ସମବାୟ ସମିତିଗୁଡିକର ସଶକ୍ତିକରଣ ପାଇଁ ମାନସମନ୍ଥନ ହେବ । ଏହି ଅବସରରେ ଦେଶରେ ୨ ଲକ୍ଷ ନୂତନ ଆଦର୍ଶ ପ୍ରାଥମିକ କୃଷି ସମବାୟ ସମିତି, ପ୍ରାଥମିକ ଦୁଗ୍ଧ ଉତ୍ପାଦନ ଏବଂ ମତ୍ସ୍ୟ ସମବାୟ ସମିତି ଗଠନ ଉପରେ ଆଲୋଚନା କରାଯିବ । ଶ୍ୱେତ ବିପ୍ଳବ ୨.୦ ବିଷୟରେ ଏକ ଅନଲାଇନ ଉପସ୍ଥାପନା ପ୍ରଦାନ କରାଯିବ । ସାଧାରଣ ଲୋକଙ୍କ ନିକଟରେ ଉନ୍ନତମାନର ସେବା ପହଂଚାଇବା ପାଇଁ ପ୍ରାଥମିକ କୃଷି ସମବାୟ ସମିତିର ସଶକ୍ତିକରଣକୁ ପ୍ରାଧାନ୍ୟ ଦିଆଯିବ । ପାକ୍ସକୁ ଅଧିକ ସଶକ୍ତ କରିବା ପାଇଁ କ୍ଷୀର, ମାଛ, ଗୋଦାମ, ସୁଲଭ ମୂଲ୍ୟ ଦୋକାନ, ଔଷଧ ଦୋକାନ, ପେଟ୍ରୋଲ ପମ୍ପ, ଏଲପିଜି ଗ୍ୟାସ ସିଲିଣ୍ଡର, ପାଣି ବଂଟନଆଦିକାର୍ଯ୍ୟସହ ସଂଯୋଗ କରାଯିବାର ପ୍ରସ୍ତାବ ରହିଛି । ତ୍ରିସ୍ତରୀୟ ସମବାୟ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ପ୍ରତି ପଂଚାୟତରେ ଗଠିତ ପାକ୍ସ କାମ କରିବ । ମାନନୀୟ ମନ୍ତ୍ରୀ ଶ୍ରୀଯୁକ୍ତ ଅମିତ ଶାହ କହିଛନ୍ତି ଯେ, ପ୍ରାଥମିକ କୃଷି ସମବାୟ ସମିତି ସୁଦୃଢ ହେଲେ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କଗୁଡ଼ିକ ସୁଦୃଢ ହେବା ସଙ୍ଗେ ସଙ୍ଗେ ରାଜ୍ୟ ସମବାୟ ବ୍ୟାଙ୍କ ମଧ୍ୟ ସୁଦୃଢ ହେବ । ତେଣୁ ସମୀକ୍ଷା ବୈଠକରେ ସମସ୍ତ ରାଜ୍ୟ ଓ କାର୍ଯ୍ୟକାରୀ ସଂସ୍ଥାମାନଙ୍କର ମତାମତ ନିଆଯାଇ ଏହି ବାବଦରେ କାର୍ଯ୍ୟଖସଡା ପ୍ରସ୍ତୁତ କରାଯିବ । ପ୍ରାଥମିକ କୃଷି ସମବାୟ ସମିତିଗୁଡିକର କମ୍ପୁଟରୀକରଣ କରି ଜାତୀୟ ସମବାୟ ଡାଟା ବେସ୍, ଜାତୀୟ ସମବାୟ ନୀତି ଏବଂ ସମବାୟ ଷ୍ଟାକ୍ ସହିତ ଲିଙ୍କ କରିବା ଦିଗରେ ଆଲୋଚନା ହେବ । ଭାରତ ସରକାରଙ୍କର ବିଭିନ୍ନ ପ୍ରୟାସ ଗୁଡ଼ିକ ସହିତ ସମନ୍ୱୟ ରକ୍ଷା କରି ପ୍ରାଥମିକ କୃଷି ସମବାୟ ସମିତିଗୁଡିକୁସୁଦୃଢ଼ୀକରଣ କରିବା ନିମନ୍ତେ ପରାମର୍ଶ ନିଆଯିବ । "ସମବାୟ ମଧ୍ୟରେ ସହଭାଗିତା"କୁ ସୁଦୃଢ କରିବା ପାଇଁ ଜାତୀୟ ସମବାୟ ଏକ୍ସପୋର୍ଟସ୍ ଲିମିଟେଡ୍,ଜାତୀୟ ସମବାୟ ଅର୍ଗାନିକସ୍ ଲିମିଟେଡ୍, ଭାରତୀୟ ବୀଜ ସମବାୟ ସମିତି ଲିମିଟେଡ୍, ଜାତୀୟ କୃଷି ସମବାୟ ମାର୍କେଟିଂ ଫେଡେରେସନ୍ ଓ ଜାତୀୟ ସମବାୟ ଉପଭୋକ୍ତା ସଂଘ ଲିମିଟେଡଙ୍କର ଭୂମିକା ବିଷୟରେ ବିସ୍ତୃତ ଆଲୋଚନା କରାଯିବ । ସମବାୟ ଶିକ୍ଷା ଓ ସାମାଜିକ ଗଣମାଧ୍ୟମର ଏହାର ପ୍ରଚାର ପ୍ରସାର ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ ।


## INVITATION FOR SHORT TENDERS

The Sub-Collector-cum-Chairman, Regulated Market Committee, Nilgiri, invites Short Tenders for various Works ***separately***from registered 'C' & 'D' Class Contractors having valid G.S.T.N for **"Construction of G.C.I. R.C.C. Drain"** at Main Market Yard, Nilgiri, At-Bhanpur (Kahalia), Po-Nilgiri, Dist.-Balasore. The Estimated Cost is Rs.3,97,058/- (Rupees Three Lakhs Ninety-Seven Thousand and Fifty-Eighty)only excluding GST. Short Tenders are also invited for **"Construction of Site Development with Filling Earth &Morrum at North Side"** at Ajodhya Market Yard, At/Po- Ajodhya, Dist.-Balasore. The Estimated Cost is Rs.3,94,773/- (Rupees Three Lakhs Ninety-Four Thousand Seven Hundred and Seventy-Three) only excluding GST. The Earnest Money Deposit (EMD)are1% of the Estimated Cost&Tender Paper Costis Rs. 600/-and available at Office From 30.09.24 to 07.10.24 during office hour. The last date of receiving Tender is 5.00 PM on Dt.07.10.24. Please refer to the Short Tender Call Notices for further information.Tender Opening date is 11.30 AM on Dt.08.10.24. Tenders must be submitted in accordance with the Short Tender Call Notice 326 Dt.27.09.2024& Notice No 325 Dt.27.09.24.

Contact for Tender Paper:- Office of the Regulated Market Committee, Nilgiri during Office Hour from Dt. 30.09.2024 to Dt.07.10.2024.

Sd/

**Sub-Collector-cum-Chairman**
**RMC, Nilgiri**


# ଝାରଖଣ୍ଡରେ ଡବଲ ଇଞ୍ଜିନ ସରକାର ହେବ: ମନମୋହନ ସାମଲ



ଭୁବନେଶ୍ୱର, ୨୯/୦୯ :(ନି.ପ୍ର) ଝାରଖଣ୍ଡ ନିର୍ବାଚନକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ । ସେ କହିଛନ୍ତି ଯେ, ଝାରଖଣ୍ଡରେ ମଧ ଡବଲ ଇଞ୍ଜିନ ସରକାର ହେବ । ସେଠି ଓଡ଼ିଆଙ୍କ ସଂଖ୍ୟା ବହୁତ ରହିଛି । ମୁଁ ୮୯ ମସିହାରୁ ନିର୍ବାଚନ ପ୍ରଚାରକୁ ଯାଉଛି । ଓଡ଼ିଶାରୁ ପ୍ରମୁଖ ନେତା ସେଠାରେ ସବୁ ପ୍ରଚାରକୁ ଯାଉଛନ୍ତି । ୧୪ ଟି ବିଧାନସଭାରେ ଓଡ଼ିଆ ଭାଷାଭାଷୀର ଲୋକ ଅଧିକରୁ ଅଧିକ ରୁହନ୍ତି । ଝରପୋଖରୀଆରୁ ଚକ୍ରଧର ପର୍ଯ୍ୟନ୍ତ ଖରସିଆରୁ ଟାଟା ପର୍ଯ୍ୟନ୍ତ ଲକ୍ଷ ଲକ୍ଷ ଓଡ଼ିଆ ଲୋକ ରହୁଛନ୍ତି । ଗୋପବନ୍ଧୁ ମଧ ତାଙ୍କ ସମୟରେ ଯାଉଥିଲେ । ଏହା ଗୋଟେ ସମୟରେ ଓଡିଶାର ପାର୍ଟ ଥିଲା । ବିହାରରେ ରହିବ ପରେ ମଧ ଆମେ ସବୁ ନିର୍ବାଚନ ପ୍ରଚାରରେ ଯାଉଥିଲୁ । ଆମ ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟମାନେ ସମସ୍ତେ ଯେଉଁମାନେ କାମରେ ମାସ ହେଲା ଲାଗିଛନ୍ତି ୨ ମାସ ହେଲା ଗଲେଣି ସେମାନେ ନିର୍ବାଚନ ପରିଚାଳନା ଦୃଷ୍ଟିରେ ଯାଇଛନ୍ତି । ପ୍ରଚାର ଅନ୍ୟଦୃଷ୍ଟିର ଯଦି କେନ୍ଦ୍ର ନିଷ୍ପତି ନେବ ଆମ ନେତୃମଣ୍ଡଳୀକୁ, ଝାରଖଣ୍ଡ ରାଜ୍ୟ ଯଦି ନିଷ୍ପତି କରିବ ଆମ ନେତୃମଣ୍ଡଳୀ ପ୍ରଚାରକୁ ଖୁବଶୀଘ୍ର ଯିବେ । ବର୍ତ୍ତମାନ ସେଠି ନିର୍ବାଚନ ପରିଚାଳନାର ଦାୟିତ୍ୱ ଦିଆଯାଇଛି । ଝାରଖଣ୍ଡରେ ଆମ ସରକାର ହେବ । ବିଜେପି ସେଠି ମଧ ଡବଲ ଇଞ୍ଜିନ ସରକାର କରିବ ବୋଲି ବିଜେପି ରାଜ୍ୟ ସଭାପତି କହିଛନ୍ତି ।

## ଗୁଜରାଟର ଦ୍ୱାରକା ହାଇୱେରେ ଭୟାବହ ସଡକ ଦୁର୍ଘଟଣାରେ ୭ ମୃତ

ଦ୍ୱାରକା, ୨୯ /୦୯ : ଦେବଭୂମି ଦ୍ୱାରକା ଜିଲ୍ଲାର ପାଦରରେ ଶନିବାର ବିଳମ୍ବିତ ରାତିରେ ହୋଇଥିବା ସଡକ ଦୁର୍ଘଟଣାରେ ଗୋଟିଏ ପରିବାରର ୫ଜଣ ଲୋକଙ୍କ ସମେତ ୭ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ୨ଜଣ ପିଲା ସାମିଲ ଅଛନ୍ତି । ଘଟଣାରେ ୧୫ଜଣ ଆହତ ହୋଇଛନ୍ତି । ଆହତଙ୍କୁ ଖଂଭାଲିୟାର ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ହଠାତ୍ ବସ ସାମ୍ନାକୁ ଏକ ପଶୁ ଚାଲିଆସିବାରୁ ବସ ଡ୍ରାଇଭର ଷ୍ଟିଅରିଂ ଉପରୁ ଭାରସାମ୍ୟ ହରାଇ ଡିଭାଇଡର ପାର କରି ସମ୍ମୁଖରୁ ଆସୁଥିବା ୩ଟି ଗାଡି ସହ ଧକ୍କା ହୋଇଥିଲା । ବସଟି ଦୁଇଟି କାର ଓ ଏକ ବାଇକ ସହ ଧକ୍କା ହୋଇଛି । ଦ୍ୱାରକା-ଖଂଭାଲିୟା ହାଇୱେରେ ଦ୍ୱାରକାରୁ ପ୍ରାୟ ୬ କିଲୋମିଟର ଦୂର ବରଡିୟା ଗାଁ ନିକଟରେ ଶନିବାର ବିଳମ୍ବିତ ସନ୍ଧ୍ୟା ପ୍ରାୟ ୮ଟା ବେଳେ ଘରୋଇ ଟ୍ରାଭେଲ୍ସ ଏଜେନ୍ସିର ବସ ରାସ୍ତା ଉପରକୁ ପଶୁ ଚାଲିଆସିଥିବାରୁ ଭାରସାମ୍ୟ ହରାଇଥିଲା । ଡ୍ରାଇଭର ବସ ମୋଡିବାକୁ ଉଦ୍ୟମ କରିବା ଯୋଗୁ ଏହା ଡିଭାଇଡର ପାର କରି ସମ୍ମୁଖରୁ ଆସୁଥିବା ଦୁଇଟି କାର ଓ ବାଇକ ସହ ଧକ୍କା ହୋଇଥିଲା । ଦୁର୍ଘଟଣା ପରେ ବସଟି ଓଲଟି ପଡିଥିଲା ।

ସୋମବାର, ସେପ୍ଟେମ୍ବର ୩୦, ୨୦୨୪

ଧ୍ୱନି ପ୍ରତିଧ୍ୱନି

# ଖଇରା ପୋଲିସର ଶାନ୍ତି କମିଟି ବୈଠକ

## ରାସ୍ତା ମରାମତି, ଭାରିଯାନ ଚଳାଚଳ ବନ୍ଦ ପାଇଁ ପୂଜା କମିଟିର ଦାବି

ଖଇରା,୨୯/୯( ନି ପ୍ର ): ବାଲେଶ୍ୱର ଜିଲା ଖଇରା ଥାନାରେ ଭାରପ୍ରାପ୍ତ ଥାନା ଅଧିକାରିଣୀ ମୌସୁମୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଶନିବାର ସଂଧ୍ୟାରେ ପୂଜା କମିଟି ର କର୍ମକର୍ତ୍ତାଙ୍କୁ ନେଇ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଖଇରା ଥାନା ଅଧୀନରେ ଥିବା ପୂଜା ମଣ୍ଡପ ପରିଚାଳନା କମିଟିର ସଭାପତି, ସମ୍ପାଦକ ଓ ସଦସ୍ୟ ମାନେ ଯୋଗ ଦେଇ ସୋର-କୁପାରୀ ରାସ୍ତା ମରାମତି ସହ ଅଷ୍ଟମୀରୁ ଦଶମୀ ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ବନ୍ଦ ପାଇଁ ଦାବୀ କରିଥିଲେ । ଭାରିଯାନ ବନ୍ଦ ପାଇଁ ଆଇଆଇସି ପ୍ରତିଶୃତି ଦେଇଥିବା ବେଳେ ରାସ୍ତା ମରାମତି ସମ୍ପର୍କରେ ସେ ପୂର୍ତ୍ତ ବିଭାଗକୁ ଅବଗତ କରାଇବେ ବୋଲି ପ୍ରତିଶୃତି ଦେଇଥିଲେ । ଖଇରା, ଡୁଙ୍ଗୁରା, ପତିରାଜପୁର, କୁଡିଆସାହି, ଡାଲଙ୍ଗ, ସୁଣ୍ଡିରା,ମହତୀପୁର, ଅଲିପୁର, ସାରଡାଙ୍ଗ, ଗଣ୍ଡିବେଡ, ରାଇକୁଳା ଇତ୍ୟାଦି ୧୨ ଗୋଟି ପୂଜା ମଣ୍ଡପର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ । ପୂଜାରେ ଶାନ୍ତିଶରଙ୍ଖଳା ବଜାୟ ରଖିବାକୁ ଭାରପ୍ରାପ୍ତ ଅଧିକାରିଣୀ



ଅନୁରୋଧ କରିଥିଲେ । ଅବସରପ୍ରାପ୍ତ ଏଏସ୍ଆଇ ଶ୍ୟାମସୁନ୍ଦର ବିନ୍ଧାଣୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ରାସ୍ତା ମରାମତି ସମ୍ପର୍କୀତ ଲିଖିତ ଦାବିପତ୍ର ଆଇଆଇସି ଜରିଆରେ ପୂର୍ତ୍ତ ବିଭାଗକୁ ପ୍ରଦାନ କରାଯାଇଥିଲା ।

# ଖାଲମୁହାଣୀ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୪

ଲଙ୍ଗଳେଶ୍ୱର ୨୯/୯( ନି ପ୍ର ) ଖାଲମୁହାଣୀ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୪ ନେପୁରା ଲକ୍ଷ୍ମଣ ଚରଣ ସରକାରୀ ଉ.ପ୍ରା. ବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଉତ୍ସବକୁ ଶ୍ରୀରାମପୁର ସରପଞ୍ଚ ଦେବ କୁମାର ଦେ ଯୋଗଦେଇ ଉଦଘାଟନ କରିଥିଲେ । କ୍ଲଷ୍ଟରର ସି ଆର ସି ସି ନନୀ ଗୋପାଳ ଗିରିଙ୍କ ତତ୍ତ୍ୱାବଧାନରେ ସୁରଭି କମିଟିର ସଦସ୍ୟ ଶିକ୍ଷକ ରବୀନ୍ଦ୍ର କୁମାର ପଣ୍ଡା ବେଦ ପାଠ କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ସୁକାନ୍ତୀ ଜେନାଙ୍କ ସଭାପତିତ୍ୱରେ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଦେଭୋଗ ହାଇସ୍କୁଲର ଶିକ୍ଷକ ହେମନ୍ତ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚନ୍ଦନ କୁମାର ରାଜ, ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱେଶ୍ୱର ରଣା, ସୁଧାଂଶୁ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଖାଲମୁହାଣୀ କ୍ଲଷ୍ଟରର ସମସ୍ତ ୧୬ଟି



ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ, କୁଇଜ୍, ସୃଜନଶୀଳ ଲିଖନ, ବିତର୍କ, ପ୍ରବନ୍ଧ ଲିଖନ, ବକ୍ତୃତା, ଓଡିଆହସ୍ତାକ୍ଷର, ସଂଗୀତ, ନୃତ୍ୟ, ଚିତ୍ରକଳା, ଶିଳ୍ପକଳା ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବୀରପାଲିଆ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜ ନାରାୟଣ ନାୟକଙ୍କ ସଭାପତିତ୍ୱରେ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଅଧକ୍ଷ ଡ. ବିଜୟ କୁମାର ଦେଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ସୁରଭି କମିଟି ସଦସ୍ୟ ରେମୁଁ ଖଣ୍ଡେଶ୍ୱର ଉ.ପ୍ରା, ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ବାରିକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ, ଏବଂ ନେପୁରା ଲକ୍ଷ୍ମଣ ଚରଣ ଉ.ପ୍ରା. ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା କମିଟିର ସଦସ୍ୟ ସଦସ୍ୟା ତଥା ସୁରଭି କମିଟିର ସଦସ୍ୟ ଶିକ୍ଷକ ଧିରେନ୍ଦ୍ର ପାତ୍ର,ପାର୍ଥ ସାରଥୀ ବେହେରା, ଇନ୍ଦ୍ରଜିତ୍ ଜେନା, ବ୍ରହ୍ମାନନ୍ଦ ସାହୁ,ରତିକାନ୍ତ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଲଗାଣ ବର୍ଷାରେ ଭାଙ୍ଗିଲା ଘର ଦୁଇପିଲା ଆହତ, ଅଳ୍ପକେ ବର୍ତ୍ତିଲେ ପରିବାରଲୋକେ



ବସ୍ତା୨୯।୯(ନିପ୍ର) ଘରପୋଡ଼ି ସହାୟତା ମିଳିପାରିନଥିବା ସ୍ଥଳେ ପୁଣି ଦାଉ ସାଜିଲା ଲଘୁଚାପ ଜନିତ ବର୍ଷା । ଲଗାଣ ବର୍ଷାରେ ମାଟିଘର କାନ୍ଥ ଭୁଷୁଡିବା ଫଳରେ ଘର ଭିତରେଥିବା ୨ପିଲା ଆହତ ହୋଇଛନ୍ତି। ସୂଚନା ଅନୁସାରେ ଲଗାଣ ବର୍ଷା ଯୋଗୁ ବସ୍ତା ବ୍ଲକ୍ ବରୁଣଗଡ଼ିଆ ପଂଚାୟତ ଅନ୍ତର୍ଗତ ଚୁରପଦା ଗ୍ରାମର ବିଧବା ସନ୍ଧ୍ୟାରାଣୀ ଦାସ ପୁଅ ଓ ୨ ଝିଅଙ୍କ ସହ ଶୋଇଥିବା ସମୟରେ ଘରର ଚାଳ ପାଣି ମାଟି କାନ୍ଥରେ ପଡ଼ି ତାହା ଦୁର୍ବଳ ହୋଇଯିବାରୁ କାନ୍ଥ ଭୁଷୁଡ଼ି ପଡ଼ିଥିଲା ।ଫଳରେ କାନ୍ଥ ଭୁଷୁଡ଼ି ଦୁଇ ପିଲାଙ୍କ ଉପରେ ପଡ଼ିବାରୁ ସେମାନେ ଆହତ ହୋଇଥିଲେ ।ଗ୍ରାମବାସୀ ତୁରନ୍ତ ସେମାନଙ୍କୁ ସ୍ଥାନୀୟ ବସ୍ତା ହସ୍ପିଟାଲକୁ ନେଇ ଚିକିତ୍ସା କରାଇଥିଲେ। ପରିବାର ଲୋକ ଖୋଲାମେଲାରେ ପୋକଜୋକ, ବେଙ୍ଗ ଓ ସାପ ଭୟରେ ରାତି ବିତାଉଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ସରକାରୀ ସହାୟତା ଏଯାଏଁ ମିଳିପାରିନାହିଁ।୨୦୨୨ ମସିହାରେ ବିଦ୍ୟୁତ ସର୍ଟସର୍କିଟ ଯୋଗୁ ଘରଟି ସମ୍ପୂର୍ଣ୍ଣ ରୂପେ ପୋଡ଼ି ଯାଇଥିବା ବେଳେ ତହସିଲ ପ୍ରଶାସନ ପକ୍ଷରୁ କେବଳ ଖଣ୍ଡିଏ ଜରିପାଲ ଛଡ଼ା ଘରପୋଡ଼ି କିମ୍ବା ଅନ୍ୟ କୌଣସି ସରକାରୀ ସହାୟତା ମିଳି ନଥିବା ସନ୍ଧ୍ୟାରାଣୀ କହିଛନ୍ତି। ସେହିଭଳି ପୂର୍ବରୁ ବହୁବାର ଆବାସ ଯୋଜନାରେ ଘର ଖଣ୍ଡିଏ ପାଇଁ ବହୁବାର ଆବେଦନ କରି ମଧ୍ୟ ନିରାଶ ହେବାକୁ ପଡ଼ିଛି। ଫଳରେ ଉକ୍ତ ଭଙ୍ଗା ଦଦରା ଘରେ ଦୁଇ ପିଲାଙ୍କୁ ଧରି ଦୁର୍ବିସହ ଜୀବନ ବିତାଉଛନ୍ତି ସନ୍ଧ୍ୟାରାଣୀ।ଏଣୁ ତହସିଲ ପ୍ରଶାସନ ତୁରନ୍ତ ଉକ୍ତ ଅସହାୟ ପରିବାରକୁ ପୂର୍ବ ଘରପୋଡ଼ି ସହାୟତା ଯୋଗାଇ ଦେବା ସହ ବ୍ଲକ୍ ପ୍ରଶାସନ ଆବାସ ଯୋଜନାରେ ତାଙ୍କୁ ସାମିଲ କରି ପକ୍କା ଘରଟିଏ ଯୋଗାଇଦେବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି।

# ଶାଳଗାଁରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ବଡ଼ସାହି, ୨୯/୯( ନିପ୍ର ) ବଡ଼ସାହି ବ୍ଲକ ଅନ୍ତର୍ଗତ ପଞ୍ଚାୟତପ ଉଚ୍ଚ ପବିଦ୍ୟାଳୟ ଶାଳଗାଁରେ ଭାରତ ସରକାରଙ୍କର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ, ନେହେରୁ ଯୁବ କେନ୍ଦ୍ରପ ମୟୂରଭଞ୍ଜ ଓ ଫୋର୍ଡ, ନାଖରାପ ଆନୁକୂଲ୍ୟରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଫୋର୍ଡର ସନ୍ତୋଷ କୁମାର ଖଣ୍ଡା କାର୍ଯ୍ୟକ୍ରମ ରେ ଉଦ୍ଦେଶ୍ୟ ଉପରେ ଯୁବ ସମାଜ ଓ ଅତିଥିଙ୍କୁ ସୂଚନା ପ୍ରଦାନ କରିଥିଲେ। ଶାଳଗାଁରେ ଉଚ୍ଚ ବିଦ୍ୟାଳୟ ଓ ବନ୍ୟା ଆଶ୍ରୟସ୍ଥଳୀକୁ ପରିଷ୍କାର ପରିଚ୍ଛନ୍ନ କରାଯାଇଥିଲା। ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ବେହେରା, ଶାଳଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ



କାଳୀଚରଣ ସିଂ, ଓ ପଞ୍ଚାୟତ ସମିତି ପସଭ୍ୟ ଚୈତନ୍ୟ ପ୍ରସାଦ ମାଝୀ ଯୋଗଦେଇ ଯୁବ ସମାଜକୁ ସ୍ୱଚ୍ଛତା ହିଁ ସେବା ଉପରେ ଦିଗ ଦର୍ଶନ ଦେଇଥିଲେ, ଉକ୍ତ ପକାର୍ଯ୍ୟକ୍ରମରେ ୪୦ ଉର୍ଦ୍ଧ୍ୱ ଯୁବକ ଯୁବତୀ ଯୋଗଦେଇଥିଲେ । ମାଇଁ ଭାରତ ପୋଟାଲରେ ଯୁବସମାଜ ପଞ୍ଜିକରଣ କରାଯାଇଥିଲା । ସର୍ବଶେଷରେ ହାମାଏ ମାରାଣ୍ଡି ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଉଦଳାରେ ବସିଲା ପରିବେଶ ପଂଚାୟତ

## ଆଉ ଶୁଭୁ ନାହିଁ ବାଘ ଗର୍ଜନ କି ଶିଆଳର ହୁ – କେ – ହୋ ଶବ୍ଦ

ଉଦଳା, ତା.୨୯/୦୯(ନି.ପ୍ର)- ପ୍ରାକୃତିକ ପରିବେଶର ସୁରକ୍ଷା ଆଜି ସାରା ବିଶ୍ୱବାସୀଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଥିବା ବେଳେ ଦୈନିକ ଖବରକାଗଜ 'ସମ୍ବାଦ' ତରଫରୁ ଚଳିତ ସେପ୍ଟେମ୍ବର ୨୮ ତାରିଖ ଶନିବାର ଦିନ ସ୍ଥାନୀୟ ସନ୍ଧାନଗୃହ ପରିସରରେ ପରିବେଶ ପଂଚାୟତ ବସିଥିଲା । ସମ୍ବାଦର ମୟୂରଭଂଜ ଜିଲ୍ଲା ପ୍ରତିନିଧି ଶ୍ରୀକାନ୍ତ ସାହୁ କାର୍ଯ୍ୟକ୍ରମରେ ଅଧକ୍ଷତା କରି ଚଳିତ ବର୍ଷ ବାରିପଦାର ତାପମାତ୍ରା ସମଗ୍ର ବିଶ୍ୱରେ କିପରି ଚର୍ଚ୍ଚାର ପରିସରକୁ ଆସିଥିଲା । ସେ ବିଷୟରେ ଅବଗତ କରାଇବା ସହିତ ଏହାର କାରଣ ସମ୍ପର୍କରେ ଜାଣିବା ପାଇଁ ଆଜିର ଏହି କାର୍ଯ୍ୟକ୍ରମ ବୋଲି ବ୍ୟକ୍ତ କରିଥିଲେ । ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ, ଅତିତରେ ଉଦଳା ସହରକୁ ଲାଗିକରି ଘଂଚ ଜଙ୍ଗଲ ଥିଲା, ଯେଉଁ ଜଙ୍ଗଲରେ ବାଘ ରହୁଥିଲେ, ତେଣୁ ଦିନ ୩ ଘଟିକା ପରେ ଘରୁ କେହି ବାହାରୁନଥିଲେ ବୋଲି ବ୍ୟକ୍ତ କରିବା ସହ ଆଜି ଏହିସବୁ କଥା ସ୍ୱପ୍ନରେ ପରିଣତ ହୋଇଯାଇଛି



ବୋଲି କହିଥିଲେ । ସେହିପରି ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ବର୍ଯ୍ୟବସ୍ତୁ ପରିଚାଳନା ଉଦଳା ସହର ପାଇଁ କିପରି ଚିନ୍ତାର ବିଷୟ ପାଲଟିଯାଇଛି କହିବା ସହ ଦୃତଜନସଂଖ୍ୟା ବୃଦ୍ଧି ପରିବେଶ ସୁରକ୍ଷା କ୍ଷେତ୍ରରେ ମୁଖ୍ୟ ବାଧକ ସାଜିଛି ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅବସରପ୍ରାପ୍ତ କୃଷି ନିର୍ଦ୍ଦେଶକ ପରେଶଚନ୍ଦ୍ର ସାହୁ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବିକାନ୍ତ ମହାପାତ୍ର ପ୍ରମୁଖ ମଂଚାସିନ ଅତିଥି ଭାବରେ ଯୋଗ ଦେଇ ପରିବେଶ ସୁରକ୍ଷା ପାଇଁ ବର୍ତମାନରୁ ଆମେ ସଜାଗ ନରହିଲେ ଆଗାମି ଦିନରେ ଭୟଙ୍କର ବିପଦକୁ ସାମନା କରିବାକୁ ପଡ଼ିବ ଏଥିରେ ସନ୍ଦେହ ନାହିଁ ବୋଲି ବ୍ୟକ୍ତ କରିଥିଲେ । ଆଲୋଚନାରେ ପ୍ରଫୁଲ କୁମାର ଖିଲାର, ପଦ୍ମ ଦାସ, ସନ୍ତୋଷ କୁମାର ସାହୁ, ପ୍ରଭାତ ପରିଡ଼ା, ସତ୍ୟବ୍ରତ ମିଶ୍ର, ସୁଶାନ୍ତ ମହାନ୍ତି ଇତ୍ୟାଦି ଅଂଶ ଗ୍ରହଣ କରି ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ । ସମ୍ବାଦର ଉଦଳା ପ୍ରତିନିଧି ଦିଲିପ କଲିଆ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଗୋପବନ୍ଧୁନଗର ପ୍ରତିନିଧି ନିମାଇଁ ପ୍ରସାଦ ଦାଶ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାହାଣୀ କପ୍ ଫୁଟବଲ୍ – କଟକ ଓ ଗଞ୍ଜାମ ବିଜୟୀ

ପାରାଦ୍ୱୀପ, ୨୯/୯( ନି.ପ୍ର): ପାରାଦୀପ ବନ୍ଦର ଓ ଓଡ଼ିଶା ଫୁଟବଲ ଆସୋସିଏସନର ମିଳିତ ଆନୁକୂଲ୍ୟରେ ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ଆୟୋଜିତ ଆନ୍ତଃ ଜିଲ୍ଲା ସ୍ତରୀୟ ୬୩ତମ ସାହାଣୀ କପ୍ ଫୁଟବଲ୍ ପ୍ରତିଯୋଗିତାର ୫ମ ଦିନର ଲିଗ୍ ପର୍ଯ୍ୟାୟର ପ୍ରଥମ ମ୍ୟାଚରେ ଗଞ୍ଜାମ ଦଳ ଜଗତସିଂହପୁର ଦଳକୁ ୨-୧ ଗୋଲ ବ୍ୟବଧାନରେ ପରାସ୍ତ କରିଛି



ସେହିପରି ଦ୍ୱିତିୟ ମ୍ୟାଚରେ କଟକ ଦଳ ପୁରୀକୁ ୫-୦ ଗୋଲ ବ୍ୟବଧାନରେ ପରାସ୍ତ କରିଛି । ଆସନ୍ତା କାଲି ପାରାଦୀପ ସହ କେନ୍ଦ୍ରାପଡ଼ା ଓ ଭୁବନେଶ୍ୱର ସହ ଖୋର୍ଦ୍ଧା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ।

# ଅବସରପ୍ରାପ୍ତ ପୋଷ୍ଟମାଷ୍ଟରଙ୍କ ହୃଦଘାତରେ ପରଲୋକ

ନୀଳଗିରି-୨୯/୯( ନି ପ୍ର )ନୀଳଗିରି ବ୍ଲକ ଜଡ଼ିଦା ପଞ୍ଚାୟତ ଡେଙ୍ଗାସାହି ଗ୍ରାମର ନିମାଇଁ ସିଂଙ୍କ ପୁଅ ଶଙ୍କର୍ଷଣ ସିଂ (୬୩) ଦୁଇଦିନ ପୂର୍ବରୁ ଅସୁସ୍ଥ ଥାଇ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ । ତେବେ ଗତ ୨୮ ତାରିଖ ସନ୍ଧ୍ୟା ୭ଟାରେ ଚିକିତ୍ସାଧିନ ଅବସ୍ଥାରେ ହୃଦଘାତରେ ତାଙ୍କର ପରଲୋକ ହୋଇଯାଇଛି । ସେ ଜଣେ ମେଳାପି, ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତି



ଥିବାରୁ ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଗ୍ରାମ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ସୂଚନା ମିଳିଛି।

# ଜଳେଶ୍ୱର ପୌରପାଳିକା ତରଫରୁ ଗଣ ଦୌଡ଼ ଏବଂ ସାଇକେଲ ରାଲି

ଜଳେଶ୍ୱର, ୨୯/୯( ନି ପ୍ର ): 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମରେ ଆଜି ଜଳେଶ୍ୱର ପୌରପାଳିକା ତରଫରୁ ଗଣ ଦୌଡ଼ ଏବଂ ସାଇକେଲ ରାଲି ଅନୁଷ୍ଠିତ ହୋଇ ଯାଇଛି। ଏଥି ସହିତ ପିଲାମାନଙ୍କୁ ମଳ ଉପଚାର କେନ୍ଦ୍ର ଏବଂ ସମ୍ପଦ କେନ୍ଦ୍ରକୁ ପୌରପାଳିକା ତରଫରୁ ପରିଦର୍ଶନରେ ନିଆ ଯାଇଥିଲା ଉକ୍ତ କାର୍ଯ୍ୟକ୍ରମକୁ ଜଳେଶ୍ୱର ପୌରପାଳିକାର ନଗରପାଳ ଶ୍ରୀଯୁକ୍ତ ପ୍ରତୀପ କୁମାର ପ୍ରଧାନ



ପତକା ଦେଖାଇ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ୱାର୍ଡ ନମ୍ବର ୧୧ କାଉନସିଲର ପ୍ରତିନିଧି ଆନନ୍ଦ କର, ନୋଡାଲ ଅଫିସର ବ୍ରଜ ଗୋପାଳ ଘୋଷ ମହାପାତ୍ର ଏବଂ ଅଫିସ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବସ୍ତାରେ କବିବର ରାଧାନାଥ ରାୟଙ୍କ ୧୭୭ ତମ ଜନ୍ମ ଜୟନ୍ତୀ ପାଳିତ

ବସ୍ତା, ତା୨୯/୯(ନିପ୍ର): ବାଲେଶ୍ୱର ମାଟିର ଗର୍ବ ଓ ଗୌରବ ଆଧୁନିକ ଓଡ଼ିଆ କାବ୍ୟ ଧାରା ର ପ୍ରଣେତା କବିବର ରାଧାନାଥ ରାୟ ଙ୍କ ୧୭୭ ତମ ଜନ୍ମ ଜୟନ୍ତୀ ବସ୍ତାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବସ୍ତା ସାହିତ୍ୟ ସଂସ୍କୃତି କଳା ପରିଷଦ ଆନୁକୁଲ୍ୟରେ ଏକ ସଭା ପୂର୍ବତନ ଜିଲ୍ଲା ଶିକ୍ଷା ଅଧିକାରୀ ଜୟନ୍ତ ପାଣିଗ୍ରାହୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। କବିବର ଙ୍କ ଫଟୋ ଚିତ୍ରରେ ପୁଷ୍ପାର୍ପଣ ପରେ ତାଙ୍କ ର ସାମଗ୍ରିକ ସାହିତ୍ୟ କୃତି ଉପରେ ବକ୍ତା ମାନେ ଆଲୋକପାତ କରିଥିଲେ।କବି ରଜନୀକାନ୍ତ ବାରିକ କବିବରଙ୍କ 'ବର୍ଷା' କାବ୍ୟର



ପଠନ ଓ ବିଶ୍ଳେଷଣ କରିଥିଲେ।ଏହି ଅବସର ରେ ବିଶିଷ୍ଟ କବି ଓ ଲେଖକ ପ୍ରଫୁଲ୍ଲ କୁମାର ଜେନାଙ୍କୁ ତାଙ୍କର ବିଭିନ୍ନ ପ୍ରକାଶିତ କବିତା ପୁସ୍ତକ ପାଇଁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ କବି ନିକୁଞ୍ଜ କୁମାର ଘୋଷ, କୁମୁଦ ରଞ୍ଜନ ଗିରି, ପ୍ରଶାନ୍ତ କୁମାର ଦାସ, ଜଗନ୍ନାଥ ଗିରି,ଅରୁଣ କୁମାର ଦାସ, ଜୟନ୍ତୀ ବେହେରା,ନମିତା ଦାସ, ଜୟନ୍ତୀ ସାହୁ ପ୍ରମୁଖ ଆଲୋଚନା କରିଥିଲେ। ଉପଦେଷ୍ଟା ଶ୍ୟାମା ପ୍ରସାଦ ବେହେରା ପ୍ରାକ କଥନ ରଖିବା ସହ ସମ୍ପାଦକ ବିଜୟ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲେଶ୍ୱର ବିପଣି ଉନ୍ନୟନ କମିଟିରେ ବିଶାଳ ରକ୍ତଦାନ ଶିବିର

ବାଲେଶ୍ୱର, ୨୯/୯( ନି ପ୍ର ): ବାଲେଶ୍ୱର ଜିଲ୍ଲାର ମୋତିଗଞ୍ଜ ରେ ଥିବା ଘୋଷ ବଜାର ବିପଣି ଉନ୍ନୟନ କମିଟି ବିଶାଳ ରକ୍ତଦାନ ଶିବିର ସମ୍ପାଦକ ଚନ୍ଦନ କୁମାର ଭୂୟାଁ ଙ୍କ ଦ୍ୱାରା ବିଶାଳ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଏହି ରକ୍ତ ଦାନ ଶିବିରକୁ ସଭାପତି ଅଜୟ କୁମାର ବିଶ୍ୱାଳ, ମୁଖ୍ୟ ଅତିଥି ରଞ୍ଜନ ବାଗ, ଗୌରାଙ୍ଗ ଦାସ ଫିତ କରି ଉଦଘାଟନ କରିଥିଲେ। ସଭାପତି ଅଜୟ ବିଶ୍ୱାଳ ତାଙ୍କ ବକ୍ତବ୍ୟରେ କହିଥିଲେ ଜନସାଧାରଣଙ୍କର ରକ୍ତ ଅଭାବ କିପରି ନହେବ ସେଥିପାଇଁ ବିପଣି



ଉନ୍ନୟନ କମିଟି ସର୍ବଦା ଚେଷ୍ଟା କରୁଛି । ଏତତ୍ ବ୍ୟତୀତ ଏହି ଅନୁଷ୍ଠାନ ବିଭିନ୍ନ ଜନ ସେବା କାର୍ଯ୍ୟ କରୁଛି । ଏହା ୩ ବର୍ଷ ଧରି ଏହି ରକ୍ତ ଦାନ ଶିବିରକୁ ଆୟୋଜନ କରୁଛି । ଏହି ରକ୍ତ ଦାନ ଶିବିରକୁ ଚନ୍ଦନ କୁମାର ଭୂୟାଁ, ଶରତ କୁମାର ନାୟକ, ଅରୁଣ କୁମାର ଦାସ, ଭାଗିରଥି ବେହେରା, ଅନିଲ କୋଇଲି, ସେଖ ଜନତ ହୁସେନ, କାଳିପଦ ସାହୁ, ଅମର କୁମାର ପାତ୍ର, ହରେକୃଷ୍ଣ ଦାସ, ଅଖିଳ ଚନ୍ଦ୍ର ଆସ, ପଦ୍ମ ଲୋଚନ ଦାସ, କମଳା କାନ୍ତ ଜେନା, ସୂର୍ଯ୍ୟକନ୍ତ ପ୍ରଧାନ, ରବୀନ୍ଦ୍ର ମାଝି, ଦୈତାରି ଓଝା, କରୁଣା କର ପଣ୍ଡା, କାର୍ତ୍ତିକ ଓଝା, ଦେବେନ୍ଦ୍ର ପାତ୍ର, ମହେଶ୍ୱର ଜେନା, ଲକ୍ଷ୍ମୀକାନ୍ତ ବର୍ଦ୍ଧନ, ଦମ୍ବରୁ ଧର ଦାସ, ବିନୋଦ ସାହୁ, ମନ୍ମଥ ମାଝି, ବୈଦ୍ୟନାଥ ସାହା, ସୁଦର୍ଶନ ଦାସ, ପରୀକ୍ଷିତ ମାଝି, ଗୋବିନ୍ଦ ପରିଡ଼ା, ବସନ୍ତ ନାୟକ, ଅଜଗର ଅଲ୍ଲୀ, ଜୟନ୍ତ ମାଝି, ସପନ ନନ୍ଦୀ, କ୍ଷେତ୍ର ମୋହନ ତରେଇ, ପ୍ରମୋଦ ଦାସ, ଭାସ୍କର ପାତ୍ର, ଲକ୍ଷ୍ମୀ ନାରାୟଣ ରଣା, ବୁଦ୍ଧିରାମ ସେଠୀ, ବସନ୍ତ ମାଝି, ଦେବବ୍ରତ ସାହୁ, ଚକ୍ରଧର ପୃଷ୍ଟି ପ୍ରମୁଖ ପରିଚାଳନାରେ ଅଂଶଗ୍ରହଣ କରିଥିଲେ ।

# କପ୍ତିପଦା ମେଡିକାଲ୍ ପରିସରରୁ ବାଇକ୍ ଚୋରୀ

କପ୍ତିପଦା,୨୯/୯(ନିପ୍ର)- କପ୍ତିପଦା ଥାନା ଅନ୍ତର୍ଗତ କପ୍ତିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ଏକ ବାଇକ୍ ଚୋରୀ ହୋଇଥିବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୁରୁଷ ସ୍ୱାସ୍ଥ୍ୟକର୍ମୀଭାବେ କାର୍ଯ୍ୟରତ ବିଷ୍ଣୁଚରଣ ଦେହୁରୀ ନିଜର ହିରୋ ସୁପର ସ୍ପ୍ଲେଣ୍ଡର ବାଇକ୍ ନଂ ଓଡି-୧୧ଭି-୮୮୨୬ କୁ ଦିନ ୧୧ଘଟିକା ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀଙ୍କ କ୍ୱାଟର କଡରେ ଛିଡା କରି ଭିତରେ ଡ୍ୟୁଟି କରୁଥିଲେ । କିଛି ସମୟ ପରେ ଆସି ଦେଖନ୍ତି ଯେ ବାଇକ୍‌ଟିକୁ କେହି ଦୂର୍ବୃତ୍ତ ଚୋରୀ କରି ନେଇଛି। ଏ ସଂପର୍କରେ ଶ୍ରୀ ଦେହୁରୀ କପ୍ତିପଦା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ଘଟଣାର ତଦନ୍ତ ଜାରୀ ରଖିଛି।

# ପଞ୍ଚାୟତବାସୀଙ୍କ ସମସ୍ୟା ଶୁଣିଲେ ନବ ନିର୍ବାଚିତ ବିଧାୟକ

ଖଇରା, ୨୯/୯( ନି ପ୍ର )ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମହତୀପୁର ପଞ୍ଚାୟତର ବିଭିନ୍ନ ୱାର୍ଡର ଅଧିବାସୀଙ୍କୁ ନେଇ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଏକ ବୈଠକ ଶନିବାର ଦିନ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମେ ଗ୍ରାମବାସୀ ମାନେ ବିଧାୟକଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପରେ ପଞ୍ଚାୟତର ମୁଖ୍ୟ ସମସ୍ୟା ଭାବେ ଲାଗି ରହିଥିବା ଖରିଦା ଗ୍ରାମରାସ୍ତା ଉପରେ ଆଲୋଚନା କରାଯାଇଥିଲା । ପରେ ବଟେଶ୍ୱର-ଗନ୍ଧାଳୀ ରାସ୍ତା,ଗୋପାଳବେଢା-ଫଗୁଣା ରାସ୍ତା,ମହତୀପୁର ଡ୍ରେନେଜ ସମ୍ପ୍ରସାରଣ,ମହତୀପୁର ହାଇସ୍କୁଲରେ ଶିକ୍ଷକ ଅଭାବ ଉପରେ ଗ୍ରାମବାସୀ ମାନେ ବିଧାୟକଙ୍କୁ ଅବଗତ କରାଇଥିଲେ । ବିଧାୟକ ଯଥାସମ୍ଭବ ଏହାର ସମାଧାନ କରିବାକୁ ପ୍ରତିଶୃତି ଦେଇଥିଲେ । ସରପଞ୍ଚ ଆରତୀ ମହାନ୍ତି,ମଣ୍ଡଳ



ସଭାପତି ଶଙ୍କର୍ଷଣ ମାଝୀ,ଯୁବନେତା ଦେବାଶିଷ ରାଉଳ,ଅଶୋକ ମହପାତ୍ର, ରଶ୍ମିରଞ୍ଜନ ମହାପାତ୍ର, ରାଜ୍ୟ ଓବିସି ମୋର୍ଚ୍ଚା ସଭ୍ୟ ଅଜୟ କୁମାର ବେହେରା, ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo